- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 42 ◆ISSUE-336 ◆BHUBANESWAR ◆WEDNESDAY ◆4 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୩୬ ◆ଭୁବନେଶ୍ୱର ◆ବୁଧବାର ◆୪ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




## ୧୮ ବର୍ଷ ପ୍ରତୀକ୍ଷାର ଅନ୍ତ
# ଆରସିବିକୁ ପ୍ରଥମ ଟାଇଟଲ୍


■ **ଅହମ୍ମଦାବାଦ, ୩।୬ (ଏଜେନ୍ସି):** ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍ ଟ୍ରଫି ବିଜୟୀ ହେବାର ସ୍ୱାଦ ଚାଖିଛି। ମଙ୍ଗଳବାର ସ୍ଥାନୀୟ ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍ ୧୮ତମ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ରଜତ ପାଟିଦାରଙ୍କ ବେଙ୍ଗାଲୁରୁ ୬ ରନରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି। ଏଥିସହ ଆର୍‌ସିବିର ସବୁଠୁ ଅଭିଜ୍ଞ ଖେଳାଳି ବିରାଟ କୋହଲିଙ୍କ ଆଇପିଏଲ୍ ଟ୍ରଫି ଜିତିବାର ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହୋଇଛି। କୋହଲି ଆଇପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୦୮ରୁ ବେଙ୍ଗାଲୁରୁ ପକ୍ଷରୁ ଖେଳି ଆସୁଥିଲେ ମଧ୍ୟ କେବେ ହେଲେ ଚାମ୍ପିଅନ ହୋଇ ନ ଥିଲେ। ଏହି ଫାଇନାଲ ମ୍ୟାଚରେ ଟସ୍ ହାରି ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ବିରାଟ କୋହଲିଙ୍କ ୪୩ ରନ ବଳରେ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୦ ରନ କରିଥିଲା। ପଞ୍ଜାବର ଅର୍ଶଦୀପ୍ ସିଂହ ଓ କାଏଲ ଜାମିସନଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ପଞ୍ଜାବ ୭ ୱିକେଟ୍‌ରେ ୧୮୪ ରନ କରି ଶେଷରେ ପରାଜୟବରଣ କରିଥିଲା। ଚାମ୍ପିଅନ ବେଙ୍ଗାଲୁରୁକୁ ଟ୍ରଫି ସହ ୨୦ କୋଟି ଓ ପଞ୍ଜାବକୁ ୧୨.୫ କୋଟି ଟଙ୍କା ମିଳିଥିଲା। ୭୫୯ ରନ ସହ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଅରେଞ୍ଜ କ୍ୟାପ୍ ଓ ୨୫ ୱିକେଟ୍ ସହ ପ୍ରସିଦ୍ଧ କ୍ରିଷ୍ଣା ପର୍ପଲ କ୍ୟାପ୍ ହାସଲ କରିଛନ୍ତି।

## ସରକାରରେ ନାହିଁ ତାଳମେଳ; ବିଭିନ୍ନ ବିଭାଗରେ ଫାଇଲ୍ ଗଦା
# ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ; ଗୁମର ଖୋଲିଲା ନୋଟ୍‌ସିଟ୍

■ **ଭୁବନେଶ୍ୱର, ୩।୬ (ସମିସ):** ସରକାରଙ୍କ ବର୍ଷପୂର୍ତ୍ତି ପାଇଁ ପ୍ରସ୍ତୁତି ଚାଲିଛି। ଉତ୍ସବ ସହ ଉଦ୍‌ଘାଟନ ଆଦି ନିମନ୍ତେ ବିଶାଳ ଆୟୋଜନ ପାଇଁ ଯୋଜନା ହୋଇଛି। ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ସଫଳତାର ରିପୋର୍ଟ କାର୍ଡ ଦେଇଛନ୍ତି। ବର୍ଷକ ମଧ୍ୟରେ ସରକାର ୫୦ ବର୍ଷର ସଫଳତା ଅର୍ଜିଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ରାସ୍ତାଘାଟରେ ବଡ଼ବଡ଼ ହୋର୍ଡିଂ କରି ନିଜର ପାରିବାପଣିଆ ବିଜ୍ଞପିତ କରୁଛନ୍ତି। ମାତ୍ର ବାସ୍ତବିକତା ଠିକ୍ ଓଲଟା। ସରକାରରେ ବିଭାଗଗୁଡ଼ିକ ମଧ୍ୟରେ ତାଳମେଳ ନାହିଁ, ମନ୍ତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ନାହିଁ। ବିଭିନ୍ନ ବିଭାଗରେ ଫାଇଲଗୁଡ଼ିକ ଅକାରଣରେ ଅଟକି ରହିଛି। ବିକାଶମୂଳକ କାର୍ଯ୍ୟଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ିଛି। ପାତରଅନ୍ତର କରି କେବଳ ବିଜେପି ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବା ବିଧାନସଭା କ୍ଷେତ୍ରକୁ ଦିଆଯାଇଥିବା ଅନୁଦାନ ବି ଏଯାଏ ଖର୍ଚ୍ଚ ହୋଇ ପାରିନାହିଁ। ଏପରି ଅଚଳାବସ୍ଥା ସରକାରଙ୍କ ଶିରଚାପ ବଢ଼ାଇ ଦେଇଛି ଓ ନିଜେ ମୁଖ୍ୟମନ୍ତ୍ରୀ ନୋଟ୍‌ସିଟ୍‌ରେ ଏଥିପାଇଁ କ୍ଷୋଭବ୍ୟକ୍ତ କରିଛନ୍ତି।

**ଫାଇଲ ପରିଚାଳନାରେ ବିଳମ୍ବ; ଖର୍ଚ୍ଚ ହୋଇପାରୁନି ବଜେଟ ବରାଦ**

**ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ନକରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା**





ରାଜ୍ୟ ପ୍ରଶାସନିକ ସ୍ତରରେ ସ୍ଥାଣୁତା କାରଣରୁ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍। ଏପରିକି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ମଧ୍ୟ ତୃଣମୂଳସ୍ତରଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର ଅଧିକାରୀମାନେ ଅନୁପାଳନ କରୁନାହାନ୍ତି। ଯାହାକୁ ନେଇ ବିରୋଧୀ ସରକାରଙ୍କୁ କାଠଗଡ଼ାକୁ ଟାଣୁଛନ୍ତି। ଏପରି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ ନିର୍ଦ୍ଦେଶନାମା ବିରୋଧୀଙ୍କ ଅଭିଯୋଗ ସତ୍ୟ ବୋଲି ପରୋକ୍ଷରେ ପ୍ରମାଣିତ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ନୋଟସିଟ୍‌ରେ ଫାଇଲଗୁଡ଼ିକର ବିଳମ୍ବିତୀକରଣକୁ ନେଇ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ସରକାର ଓ ପ୍ରଶାସନରେ ରହିଥିବା ବିଚ୍ୟୁତିକୁ ସ୍ପଷ୍ଟ କରି ଦେଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓସ୍ୱାସରେ ନିଷ୍ପତ୍ତି ପରେ ମଧ୍ୟ ଅନେକ ଫାଇଲ

▶ପୃଷ୍ଠା-୭

# ଛାତ ବିମ୍ ଖସି ଶ୍ରମିକ ମୃତ

■ **ଭୁବନେଶ୍ୱର, ୩।୬ (ସମିସ):** ପୋଖରୀପୁଟ ଲିଙ୍ଗରାଜ ବିହାରରେ ଅଘଟଣ। ଶ୍ରମିକମାନେ ପୁରୁଣା କୋଠାକୁ ଭାଙ୍ଗିବା ସମୟରେ ଛାତର ବିମ୍ ଖସି ପଡ଼ିବାରୁ ଜଣେ ଶ୍ରମିକ ପାଣ ହରାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ବାହାନଗା ଅଞ୍ଚଳର ଧରଣୀଧର ଦତ୍ତ। ଆହତ ଦୁଇ ଜଣ ହେଲେ ଶିଶିର କୁମାର ଦତ୍ତ ଏବଂ ପଶ୍ଚିମବଙ୍ଗ ନଦିଆର ଅବଦୁଲ ନଉଦା। ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏୟାରପୋର୍ଟ ଥାନା ପୁଲିସ ଶବ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। କିଭଳି ଏହି ଅଘଟଣ ଘଟିଲା। ଛାନଭିନ୍ ଆରମ୍ଭ କରିଛି ପୁଲିସ। ଉକ୍ତ କୋଠା ଭାଙ୍ଗିବା ପାଇଁ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାକୁ ପଚରାଉଚରା କରୁଛି। ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ପୁଲିସ କହିଛି।



ପୋଖରୀପୁଟ ଲିଙ୍ଗରାଜ ବିହାରରେ ଏକ ୧୦ ବର୍ଷ ପୁରୁଣା କୋଠା ରହିଥିଲା। ନୂଆ ବିଲ୍ଡିଂ କରିବା ଉଦ୍ଦେଶ୍ୟରେ ଘରମାଲିକ ଉକ୍ତ କୋଠାକୁ ଭାଙ୍ଗିବା ପାଇଁ ଏକ ଠିକା ସଂସ୍ଥାକୁ କାମ ଦେଇଥିଲେ। ଠିକା ସଂସ୍ଥା ଉକ୍ତ ଘରକୁ ୮ ଦିନ ହେବ ଭାଙ୍ଗିବା ଆରମ୍ଭ କରିଥିଲା। ଆଜି ବର୍ଷା, ଘଡ଼ଘଡ଼ି ମାରୁଥିବା ବେଳେ ୮ଜଣ ଶ୍ରମିକ କାମ କରୁଥିଲେ। ସ୍ଥାନୀୟ ଲୋକ ଏହା ଦେଖି ସେମାନଙ୍କୁ କାମ ବନ୍ଦ କରିବା ପାଇଁ ବାରଣ କରିଥିଲେ ମଧ୍ୟ ସେମାନେ ଶୁଣି ନଥିଲେ। ସେମାନେ କଟର ସାହାଯ୍ୟରେ

▶ପୃଷ୍ଠା-୭

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୪ ଶ୍ରମିକଙ୍କ ମୃତ୍ୟୁ

■ **ନବରଙ୍ଗପୁର/ନନ୍ଦାହାଣ୍ଡି, ୩।୬ (ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ନନ୍ଦାହାଣ୍ଡି ବ୍ଲକ୍ ପଡ଼ାଲଗୁଡା ଗ୍ରାମରେ ଏକ ନିର୍ମାଣାଧୀନ ପାଇଖାନା ଭିତରେ ଶ୍ୱାସରୁଦ୍ଧ ହୋଇ ୪ ଜଣ ପ୍ରାଣ ହରାଇଛନ୍ତି। ପାଇଖାନା ସ୍ଲାବର ଫଲ୍ସ ଭୁଶୁଡ଼ି ପଡ଼ିବାରୁ ଏଥିରେ ଚାପି ହୋଇଯାଇଥିବା ଦୁଇ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇ ଜଣ ମଧ୍ୟ ପ୍ରାଣ ହରାଇଛନ୍ତି। ମୃତକ ମାନେ ହେଲେ ଏମ.ସନ୍ତୁ (୨୮), ଅମିର ଖୁରା ( ୩୦), ତ୍ରିଲୋଚନ ଭତରା (୨୫) ଏବଂ ଲାଲୁରଣା କାମରା(୨୬)। ସୂଚନା ଅନୁସାରେ ପଡାଲଗୁଡା ଗ୍ରାମରେ ଏକ ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। ଏହି ଟାଙ୍କି ଉପରେ ଛାତ ବା ସ୍ଲାବ୍ ପଡ଼ିଥିଲା। ଏହି ସ୍ଲାବର ଫଲ୍ସ କାଢ଼ିବାକୁ ଆଜି ସକାଳେ ଦୁଇ ଜଣ ଶ୍ରମିକ ସନ୍ତୁ ଏବଂ ଅମିର ଟାଙ୍କି ଭିତରକୁ ପଶିଥିଲେ। ସେମାନେ ଫଲ୍ସ କାଢିବା ବେଳେ ତାଙ୍କ ଉପରେ ଫଲ୍ସ ଖସି ପଡ଼ିଥିଲା। ଫଳରେ ଦୁଇ ଜଣ ଟାଙ୍କି ଭିତରେ ଚାପି ହୋଇଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ ତ୍ରିଲୋଚନ ଓ ଲାଲୁ ରଣା।

▶ପୃଷ୍ଠା-୭

# ଦାଗୀ ସଂସ୍ଥାକୁ ଟେଣ୍ଡର ଅନୁଗ୍ରହ

## ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଟେଣ୍ଡରରେ ପାର୍ଥକ୍ୟ

**ଆରମ୍ଭରୁ ଝୁଣ୍ଟିଲା ମହାନଦୀ ସମ୍ମୁଖ ବିକାଶ ପ୍ରକଳ୍ପ**

■ **ଭୁବନେଶ୍ୱର, ୩।୬ (ସମିସ):** ଆରମ୍ଭରୁ ଝୁଣ୍ଟିଛି ପ୍ରସ୍ତାବିତ ମହାନଦୀ ସମ୍ମୁଖଭାଗ ବିକାଶ ପ୍ରକଳ୍ପ। ମେ ୬ ତାରିଖରେ ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁଗୃହୀତ କରାଯିବା ନିମନ୍ତେ କର୍ତ୍ତୃପକ୍ଷ ପେଞ୍ଚପାଞ୍ଚ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ନିମ୍ନମାନର କାର୍ଯ୍ୟ ନିମନ୍ତେ ରାଜ୍ୟ ଭିଜିଲାନ୍ସ ଦ୍ୱାରା ତଦନ୍ତର ସମ୍ମୁଖୀନ ହୋଇଥିବା ଦାଗୀ ସଂସ୍ଥାକୁ ଅନୁଗୃହୀତ କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଯାବତୀୟ ଚଞ୍ଚକତା କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ସିଡ଼ିଏ ପକ୍ଷରୁ ମହାନଦୀ ଜଳ ସମ୍ମୁଖସ୍ଥ ୩.୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଅଞ୍ଚଳର ବିକାଶ ପାଇଁ ଗତ ମେ ୬ ତାରିଖରେ (ଇଓଆଇ ନଂ ୪୯୧୦) ବିଭିନ୍ନ ସଂସ୍ଥାଠାରୁ ଟେଣ୍ଡର ଆହ୍ୱାନ କରିଛି। ଟେଣ୍ଡର ଦାଖଲ ପାଇଁ ଏଥିପାଇଁ ଶେଷ ତାରିଖ ରଖାଯାଇଛି ୨୦୨୫ ମେ ୧୪ ତାରିଖ। ୪୫.୦୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସରକାରୀ ବ୍ୟବସ୍ଥା ଅନୁସାରେ ଟେକ୍‌ନିକାଲ ପ୍ରପୋଜାଲ ଓ ଫିନାନସିଆଲ ପ୍ରପୋଜାଲ ଧାର୍ଯ୍ୟ ଅବଧି ମଧ୍ୟରେ ଦାଖଲ ପାଇଁ କୁହାଯାଇଛି। ତେବେ କୌତୂହଳର ବିଷୟ ହେଉଛି ଅଫ୍‌ଲାଇନ୍‌ରେ ପ୍ରକାଶିତ ବିଜ୍ଞପ୍ତିରେ ଆଗ୍ରହୀ ସଂସ୍ଥାଗୁଡ଼ିକର ମୂଲ୍ୟାୟନ ପାଇଁ ୫ଟି ପାରାମିଟର ବା ସର୍ତ୍ତ ରହିଥିବାବେଳେ ଅନଲାଇନ୍ ବିଜ୍ଞପ୍ତିରେ ସର୍ତ୍ତ ସଂଖ୍ୟା ୪କୁ ହ୍ରାସ କରାଯାଇଛି।

▶ପୃଷ୍ଠା-୭


Vikash Bargarh
Vikash Higher Educational Institutions

Vikash Institute of Technology:
- MBA (2 Years)
- B.Tech (4 Years) CSE, EEE, Civil, Mech.

Vikash Polytechnic:
- Diploma (3 Years) Civil, CSE, ECE, Mech., Electrical
- Diploma (Working Professionals) Mechanical Engg., Electrical Engg.

Vikash Law School:
- B.A. LL.B (H) 5 Years Int. Law

Vikash School of Business Management:
- BBA / BCA (3 Years)

Vikash Degree College:
- B.A. (Hons.) English, Economics, Education, Political Science, Psychology
- B.Com. (Hons.) Accountancy (Hons.)
- B.Sc. (Hons.) Physics, Chemistry, Math, Botany, Zoology, Comp.Sc.
- M.Sc. (2 Years) Chemistry
- M.Com. (2 Years) Accountancy
- M.A. (2 Years) English

Vikash Nursing College:
- ANM (2 Years),
- GNM (3 Years)
- B.Sc. Nursing (4 Years)
- P.B. B.Sc. Nursing (2 Years)

Vikash College of Paramedical Science:
- DMLT (2 Years)
- DMRT (2 Years)

Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
- B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
- D. PHARM Diploma in Pharmacy (2 YRS) Eligibility: +2 Science

AWARDED As the Best Higher Educational Institutions in Western Odisha by OTV.
Visit us @ www.odishavikash.com
Email: vheicampus@gmail.com

ADMISSIONS | Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda,Bargarh

Grooming Talent
Vikash
Higher Educational Institutions


## 'ଆୟୁଷ୍ମାନ' ଯନ୍ତ୍ରଣା
# ୬ ସପ୍ତାହ ପରେ ବି ମିଳୁନି କାର୍ଡ

■ **ଭୁବନେଶ୍ୱର, ୩।୬ (ସମିସ):** ଗତ ଏପ୍ରିଲ୍ ମାସରୁ ରାଜ୍ୟରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେଲାଣି। ହେଲେ ଏପର୍ଯ୍ୟନ୍ତ ଅଧାରୁ ଅଧିକ ହିତାଧିକାରୀଙ୍କୁ କାର୍ଡ ମିଳିନାହିଁ। ଏମିତିକି ଅଧିକାଂଶ ହିତାଧିକାରୀଙ୍କୁ କାର୍ଡ ମିଳିଥିଲେ ହେଁ ପରିବାର ସଦସ୍ୟଙ୍କ ନାଁ ନାହିଁ। ସେହିପରି ରାଜ୍ୟ ବାହାରେ ରହୁଥିବା ଲୋକଙ୍କୁ ବି ଏହି କାର୍ଡରେ ଚିକିତ୍ସା ମିଳିବ ବୋଲି କୁହାଯାଇଥିଲେ ହେଁ ବାସ୍ତବରେ ଏହା ମଧ୍ୟ କାର୍ଯ୍ୟାନ୍ୱୟନ ହୋଇପାରି ନାହିଁ। ସରକାରଙ୍କ ଘୋଷଣା ପରେ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟରେ ପରିବାର ସହ ରହୁଥିବା ଲୋକମାନେ ଏହାକୁ ନେଇ ଆଶ୍ୱସ୍ତ ହୋଇଥିଲେ। ମାତ୍ର ସେମାନଙ୍କ ଭିତରୁ ଅଧିକାଂଶ ଲୋକଙ୍କୁ ଏପର୍ଯ୍ୟନ୍ତ କାର୍ଡ ମିଳିନାହିଁ, ତେଣୁ

**■ ସେବା ପାଇପାରୁନାହାନ୍ତି ଯୋଗ୍ୟ ହିତାଧିକାରୀ**
**■ ବାହାର ରାଜ୍ୟରେ କଲବଲ ହେଉଛନ୍ତି ରୋଗୀ**

ସ୍ୱାଭାବିକ ଭାବରେ ସେମାନେ ଚିକିତ୍ସା ସେବା ପାଇପାରୁନାହାନ୍ତି। ଏହି ଯୋଜନା ଲାଗୁ ହେବା ପରେ ମାଳମାଳ ସମସ୍ୟା ଉପୁଜୁଥିଲେ ହେଁ ସରକାର ଏହାକୁ ସମାଧାନ କରୁନଥିବା ଅଭିଯୋଗ ହେଉଛି।

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେଲେ ରାଜ୍ୟରେ ୩ କୋଟି ୫୨ ଲକ୍ଷ ଲୋକ ଉପକୃତ ହେବେ ବୋଲି ସରକାର କହିଲେ। ରାଜ୍ୟ ଓ ରାଜ୍ୟ ବାହାରର ୨୯ ହଜାର ଡାକ୍ତରଖାନାରେ ଏହି ଯୋଜନାରେ ଲୋକେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଜୋରଦାର ପ୍ରଚାର କଲେ। ମାତ୍ର ତୃଣମୂଳସ୍ତରରେ ଉପୁଜୁଥିବା ସମସ୍ୟାର ସମାଧାନ ଏଯାଏ ହୋଇ ପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ଏହାକୁ ଯେତିକି ଗୁରୁତ୍ୱ ଦେବା କଥା, ସେତିକି ଦେଉନାହାନ୍ତି। ଫଳରେ ଲୋକମାନଙ୍କର ସମସ୍ୟାର ସମାଧାନ ହୋଇପାରୁନି ବୋଲି ଖୋଦ୍ ହିତାଧିକାରୀ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ରାଜ୍ୟରେ ବିଜେଡି ସରକାର 'ବିଜୁ ସ୍ୱାସ୍ଥ୍ୟ କାର୍ଡ' ଯୋଜନା ପ୍ରଣୟନ କରିଥିଲେ। ସେଥିରେ ରାଜ୍ୟ ଭିତରେ ୯ଶହ ହସ୍ପିଟାଲ୍‌ରେ

▶ପୃଷ୍ଠା-୭


JUPITER
+2 Science Higher Secondary School
BHUBANESWAR
www.jupiter.ac.in
Tested & Trusted since 2002

Celebrating Success year after year...

TOPPER +2 SCIENCE STREAM 2024
Mr. Soumyajit Rout
BIITs, PILANI

TOPPER +2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi

Highlights of +2 Sc. Results 2024
- 5 Ranks Including the No1 Rank among the Best 10
- 97% FIRST CLASS
- 100% PASS
- 78 Students secured more than 500 marks

Highlights of +2 Sc. Results 2025
- 3 Ranks among the Best 10
- 98% FIRST CLASS
- 100% PASS
- 87 Students secured more than 500 marks

ADMISSION OPEN 9439489157 / 9439489158

JUPITER
PUBLIC SCHOOL
BHUBANESWAR
CBSE- I to XII ( Science & Commerce)

Awarded as No.1 SCHOOL IN INTEGRATED TEACHING & COACHING
By Times School Ranking Survey Odisha THE TIMES OF INDIA

HIGHLIGHTS OF RESULTS 2025
- 23 STUDENTS Qualified for JEE MAIN in 1st attempt
- 92% FIRST CLASS

Bishal Ku. Sahu, Phulbani
10th Class - 68%
12th Class - 93.5%

95 other students achieved similar remarkable growth, testament to Jupiter's excellence

FOUNDATION COURSE for JEE, NEET, NDA from Class VIII

ADMISSION OPEN 6371853130 / 6371853132

JUPITER DEGREE COLLEGE
Affiliated to UTKAL UNIVERSITY
8093052844 / 845

+3 SCIENCE & +3 COMMERCE
with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential
Separate AC Hostel Facility Available
For Boys and Girls

SPECIAL DISCOUNTS AVAILABLE FOR
Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar

# ୮ ଘଣ୍ଟାରେ ଆଣ୍ଠେଇଲା ପାକିସ୍ତାନ: ସିଡିଏସ୍

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂର ନେଇ ନିଜର ମତ ରଖିଛନ୍ତି। ମଙ୍ଗଳବାର ପୁଣେ ବିଶ୍ୱବିଦ୍ୟାଳୟରେ ସେ ପହଞ୍ଚିଥିଲେ। ସେଠାରେ ସେ 'ଭବିଷ୍ୟତର ଯୁଦ୍ଧ ଓ ଯୁଦ୍ଧ' ଶୀର୍ଷକକୁ ନେଇ ନିଜର ମତ ରଖିଥିଲେ। ମେ ୧୦ ରାତି ୧ଟାରେ ପାକିସ୍ତାନ ଭାରତକୁ ୪୮ ଘଣ୍ଟା ମଧ୍ୟରେ ହରାଇବାକୁ ଯୋଜନା କରିଥିଲା। କେତୋଟି ସ୍ଥାନରେ ପାକିସ୍ତାନ ଆକ୍ରମଣ ମଧ୍ୟ କରିଥିଲା ଓ ଏଥିପାଇଁ ସଂଘର୍ଷ ବଢ଼ିଥିଲା। କିନ୍ତୁ ମାତ୍ର ୮ ଘଣ୍ଟାରେ ହିଁ ପାକିସ୍ତାନର ସବୁ ଯୋଜନା ପଣ୍ଡ ହୋଇଥିଲା। ଏହାପରେ ବଡ଼ କ୍ଷୟକ୍ଷତିର ଆଶଙ୍କା କରି ଅସ୍ତ୍ରବିରତି କରିବାକୁ ଭାରତକୁ ଫୋନ ମାଧ୍ୟମରେ ନିବେଦନ କରିଥିଲା। ଏହାକୁ ଆମେ ସ୍ୱୀକାର କରିଥିଲୁ ବୋଲି ସେ କହିଥିଲେ।

ଆମେ କେବଳ ଆତଙ୍କବାଦୀ ଠିକଣା ଉପରେ ମାଡ କରିଥିଲୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଭାରତ ଆତଙ୍କବାଦ ଓ ନ୍ୟୁକ୍ଲିୟର ବ୍ଲାକମେଲିଂକୁ ଆଦୌ ଭ୍ରୂକ୍ଷେପ

**୪୮ ଘଣ୍ଟାର ତାଣ୍ଡବ ପାଇଁ ଯୋଜନା କରିଥିଲା ପାକିସ୍ତାନ**

କରେନାହିଁ। ପେସଦାର ସେନାବାହିନୀ ଉପରେ ଅସଫଳତା ଓ କ୍ଷୟକ୍ଷତିର ପ୍ରଭାବ ପଡେନାହିଁ। ସବୁପ୍ରକାର ସ୍ଥିତରେ ମନୋବଳ ଉଚ୍ଚ ରଖିବାକୁ ହୋଇଥାଏ। ଯୁଦ୍ଧରେ କ୍ଷତି ନୁହଁ ବରଂ ପରିଣାମ ହିଁ ମହତ୍ତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଥିଲେ। ପହଲଗାମ ଆତଙ୍କବାଦୀ



ଆକ୍ରମଣ ପୂର୍ବରୁ ହିଁ ପାକିସ୍ତାନ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀର ଭାରତ ଓ ହିନ୍ଦୁଙ୍କୁ ନେଇ ବିଷ ଓଗାଳିଥିଲେ। ଏହାପରେ ଏହି ଅମାନବୀୟ ଘଟଣା ଘଟିଥିଲା। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ରୋକିବା ପାଇଁ ଅପରେସନ ସିନ୍ଦୂରର ମୁଖ୍ୟ ଲକ୍ଷ୍ୟ ଥିଲା। ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ନେଇ କିଛି କହିବା ଠିକ୍ ହେବନାହିଁ ବୋଲି ସେ କହିଛନ୍ତି। ଭାରତ କେତୋଟି ଫାଇଟର ଜେଟ୍ ହରାଇଲା ନେଇ ପ୍ରଶ୍ନର ଉତ୍ତର ଦେଇ ସେ ଏହା କହିଥିଲେ। କ୍ରିକେଟର ଉଦାହରଣ ଦେଇ ସେ କହିଥିଲେ ଯେ, ଯଦି ଆପଣ ଏକ ଟେଷ୍ଟ ମ୍ୟାଚ୍‌ର ଗୋଟିଏ ପାଳିରେ ପରାସ୍ତ ହୁଅନ୍ତି ତେବେ, ସେତେବେଳେ କେତେ ୱିକେଟ, ବଲ୍ ଓ ଖେଳାଳିଙ୍କ ସଂଖ୍ୟା ନେଇ ଆଲୋଚନାର ମୂଲ୍ୟ କିଛି ନଥାଏ। ଉଲ୍ଲେଖଥାଉ କି, ଅପରେସନ ସିନ୍ଦୂରରେ ଭାରତ ମେ ୭ ରାତି ୧.୩୦ରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ ମାଡ଼ କରିଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ।

● ତାମିଲନାଡୁ ସରକାରଙ୍କ ବିଲ୍‌କୁ ମଞ୍ଜୁରୀ


## ସୁପ୍ରିମକୋର୍ଟଙ୍କୁ ରାଜ୍ୟପାଳଙ୍କ ଭୟ ପ୍ରମାଣିତ: ଷ୍ଟାଲିନ୍



ଚେନ୍ନଇ,୩।୬(ଏଜେନ୍ସି): ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ସରକାରଙ୍କ ତରଫରୁ ପାରିତ ହୋଇଥିବା ଦୁଇଟି ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ୧୨,୦୦୦ରୁ ଅଧିକ ଦିବ୍ୟାଙ୍ଗ ନାଗରିକଙ୍କୁ ସହର ଓ ସ୍ଥାନୀୟ ନିର୍ବାଚନରେ ନାମାଙ୍କନ ଦାଖଲ କରିବାକୁ ଅଧିକାର ମିଳିବ। ଏହି ବିଲ୍ ଦୀର୍ଘଦିନ ହେବ ରାଜଭବନରେ ପଡି ରହିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏ ନେଇ ରାଜ୍ୟପାଳକୁ କଟାକ୍ଷ କରିଛନ୍ତି। ଏହି ବିଲ୍‌କୁ ମଞ୍ଜୁରୀ ମିଳିବାର ହିଁ ଥିଲା। ଯଦି ଏହାକୁ ରୋକା ଯାଇଥାନ୍ତା ତାହାଲେ, ଆମେ ସୁପ୍ରିମ କୋର୍ଟ ଯାଇଥାନ୍ତୁ ଓ ରାଜ୍ୟପାଳଙ୍କୁ ଏ ନେଇ ଡର ରହିଥିବା ପ୍ରମାଣିତ ହୋଇଛି ବୋଲି ଷ୍ଟାଲିନ୍ କହିଛନ୍ତି।

## ଜନ୍ମଦିନରେ ପାକ୍ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ଇସ୍‌ଲାମାବାଦ୍,୩।୬(ଏଜେନ୍ସି): ପ୍ରେମ ନିବେଦନ ପ୍ରତ୍ୟାଖାନ କରିବାରୁ ଜଣେ ବିଫଳ ପ୍ରେମିକ ଉତ୍କ୍ଷିପ୍ତ ହୋଇ ପାକିସ୍ତାନରେ ଜଣେ ୧୭ ବର୍ଷୀୟା ଟିକ୍‌ଟକ୍ ଷ୍ଟାରଙ୍କୁ ହତ୍ୟା କରିଛି। ସ୍ଥାନୀୟ ଜି-୧୩ ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ଟିକ୍‌ଟକ୍ ତାରକା ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଭାବେ ବେଶ୍ ଜଣାଶୁଣା ଥିବା ସାନା ୟୁସୁଫ୍‌ଙ୍କୁ ସୋମବାର ତାଙ୍କ



ଘରେ ପଶି ଗୁଳି ମାରିଛି। ଅପରାଧୀର ବୟସ ୨୨ ବର୍ଷ ବୋଲି ଜଣାଯାଇଛି ଓ ତାକୁ ଫୈସଲାବାଦ୍‌ରେ ଗିରଫ୍ କରାଯାଇଛି। ସେ ଅତିଥି ହୋଇ ସାନାଙ୍କ ଘରକୁ ଆସିଥିଲା।

## ପଞ୍ଜାବରେ ପାକ୍ ଗୁପ୍ତଚର ଗିରଫ୍

ଚଣ୍ଡିଗଡ଼,୩।୬(ଏଜେନ୍ସି): ପାକିସ୍ତାନ ପାଇଁ ଗୋଇନ୍ଦାଗିରି କରୁଥିବା ଅଭିଯୋଗରେ ପଞ୍ଜାବରେ ଜଣେ ବ୍ୟକ୍ତିଙ୍କୁ ଗିରଫ୍ କରାଯାଇଛି। ଅପରେସନ ସିନ୍ଦୂର ସହିତ ଜଡିତ ସେନା ସମ୍ପର୍କିତ କିଛି ସୂଚନା ବ୍ୟକ୍ତି ଜଣକ ପାକିସ୍ତାନ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇକୁ ପ୍ରଦାନ କରୁଥିଲା। ପଞ୍ଜାବର ତରନନାରନରେ ରହୁଥିବା ଏହି ବ୍ୟକ୍ତି ହେଉଛନ୍ତି ଗଗନଦୀପ ସିଂହ ଉର୍ଫ ଗଗନ। ପଞ୍ଜାବ ପୁଲିସ୍‌ର କାଉଣ୍ଟର ଇଣ୍ଟେଲିଜେନ୍ସ ୟୁନିଟ୍ ଓ ତରନନାରନ ପୁଲିସ ମିଳିତ ଭାବେ ଚଢାଇ କରି ଗଗନକୁ ଗିରଫ କରିଛି। ଗଗନ ଗତ ୫ ବର୍ଷ ହେବ ପାକିସ୍ତାନରେ ରହୁଥିବା ଖଲିସ୍ତାନୀ ସମର୍ଥକ ଗୋପାଲ ସିଂହ ଚାୱଲା ସମ୍ପର୍କରେ ରହୁଥିଲା। ଅପରେସନ ସିନ୍ଦୂର ଚାଲିଥିବା ବେଳେ ସେ ଭାରତୀୟ ସେନାର ଗତିବିଧି, ସୈନ୍ୟ ଠିକଣା, ରଣନୀତି ଉପରେ ତୀକ୍ଷ୍ଣ ନଜର ରଖି ଆଇଏସ୍‌ଆଇକୁ ସୂଚନା ପ୍ରଦାନ କରୁଥିଲା। ପାକିସ୍ତାନ ଗୁପ୍ତଚର ସନ୍ଦେହରେ ପଞ୍ଜାବରେ ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗରିଫ କରାଯାଇ ସାରିଛି।

## ଅରୁଣାଚଳରେ ୩୮୬ ସ୍କୁଲ୍ ବନ୍ଦ

ଇଟାନଗର,୩।୬(ଏଜେନ୍ସି): ରାଜ୍ୟରେ ୩୮୬ଟି ସରକାରୀ ବିଦ୍ୟାଳୟ ବନ୍ଦ କରିବାକୁ ଅରୁଣାଚଳପ୍ରଦେଶ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଶିକ୍ଷାବର୍ଷରେ ଏହି ସରକାରୀ ବିଦ୍ୟାଳୟଗୁଡିକରେ ଉପସ୍ଥିତି ଶୂନ ରହିଥିଲା। ଏହିକ୍ରମରେ ଦେଖିବାକୁ ଗଲେ ୱେଷ୍ଟ କାମେଙ୍ଗ ଜିଲ୍ଲା ସର୍ବାଗ୍ରେ ରହିବ। ଏହି ଜିଲ୍ଲାରେ ୭୩ଟି ପ୍ରାଇମେରୀ, ଅପର ପ୍ରାଇମେରୀ, ମିଡଲ ଓ ସେକେଣ୍ଡାରୀ ସ୍କୁଲ୍‌ରେ ଉପସ୍ଥିତି ସଂଖ୍ୟା ଶୂନ ରହିଥିଲା। ଏହି ସ୍କୁଲର ଶିକ୍ଷକମାନଙ୍କୁ ଯଥାଶୀଘ୍ର ଅନ୍ୟ ସରକାରୀ ସ୍କୁଲ୍‌ରେ ନିୟୋଜିତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପୂର୍ବରୁ ୨୦୨୪ରେ ମଧ୍ୟ ଅରୁଣାଚଳରେ ୬୦୦ ସ୍କୁଲ୍ ବନ୍ଦ କରିବାକୁ କିମ୍ବା ଅନ୍ୟ ସ୍କୁଲରେ ମିଶାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ପାକିସ୍ତାନର ଅଭିଯୋଗ: ୨୦ ନୁହେଁ, ୨୭ ସ୍ଥାନରେ ମାଡ଼ କରିଛି ଭାରତ

ଇସଲାମାବାଦ, ୩।୬ (ଏଜେନ୍ସି): ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଭାରତ ଗତମାସ ଅପରେସନ ସିନ୍ଦୂର ନାମରେ ଯେଉଁ ସାମରିକ କାର୍ଯ୍ୟାନୁଷ୍ଠାନ କରିଥିଲା, ସେଥିରେ ପାକିସ୍ତାନର ବ୍ୟାପକ କ୍ଷତି ହୋଇଛି। ଏହା ନିଜେ ପାକିସ୍ତାନ ସ୍ୱୀକାର କରିଛି। ପାକିସ୍ତାନ ପକ୍ଷରୁ କୁହାଯାଇଛି ଯେ ଦେଶର ୨୭ଟି ସ୍ଥାନରେ ଭାରତୀୟ ସେନା କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। କିନ୍ତୁ ଭାରତୀୟ ସେନା କେବଳ ୨୦ଟି ସ୍ଥାନ କଥା କହୁଛି। ପେଶାୱର, ଆଟୋକ, ଗୁଜରାଟ, ଝଙ୍ଗ,ବହାୱଲାନଗର, ହାଇଦ୍ରବାଦ ଓ ଛୋର ଭଳି ସ୍ଥାନ ଉପରେ ମଧ୍ୟ ଆକ୍ରମଣ ହୋଇଛି। ପେଶାୱାର ଏବଂ ଆଟୋକ ହେଉଛି ନିୟନ୍ତ୍ରଣ ରେଖାରୁ ୭୦୦ରୁ ହଜାରେ କିଲୋମିଟର ଦୂରରେ। ତେବେ ଭାରତୀୟ ସେନା ପକ୍ଷରୁ ଏସଂପର୍କରେ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ପାକିସ୍ତାନ ସତ କହୁଛି ନା ଭାରତ ବିରୋଧରେ ଅପପ୍ରଚାର ଚଳାଇଛି? ଭାରତୀୟ ସେନା କେବଳ ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିବା ବେଳେ ଏଥିରୁ ସାଧାରଣ ନାଗରିକ ରହୁଥିବା ସ୍ଥାନଗୁଡ଼ିକୁ ବାଦ୍ ଦେଇଥିଲା। ଏସଂପର୍କରେ ଭାରତ ଜଣାଇଥିବା ବେଳେ ପାକିସ୍ତାନ କାହିଁକି ଆଉ ୭ଟି ସ୍ଥାନର ତାଲିକା ଦେଇଛି। ଏହାପଛରେ ରହସ୍ୟ କଣ। ଯଦି ପାକିସ୍ତାନ ସତ କହୁଛି, ତାହାହେଲେ ପାକିସ୍ତାନ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଯେଉଁଥିପାଇଁ ଅସ୍ତ୍ରବିରତି ପାଇଁ ପାକିସ୍ତାନ ବିକଳ ହୋଇପଡ଼ିଥିଲା।

## ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବିକଲେ ୧୬ ଦଳ

ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ଦୀର୍ଘ ଦିନ ପରେ ମଙ୍ଗଳବାର ନୂଆଦିଲ୍ଲୀରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବୈଠକ ବସିଛି। ଏଥିରେ 'ଅପରେସନ ସିନ୍ଦୂର'କୁ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ୧୬ ଦଳ ଏକାଠି ହୋଇ ଦାବି କରିଛନ୍ତି। ଜାତୀୟ ସୁରକ୍ଷା ପ୍ରସଙ୍ଗ ଏବଂ ବୈଦେଶିକ ନୀତିର ଅଗ୍ରଗତି ଉପରେ ଏକ ମୁକ୍ତ ଏବଂ ନିରପେକ୍ଷ ଆଲୋଚନାର ଆବଶ୍ୟକତା ଥିବା ଉଲ୍ଲେଖ କରିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସବୁ ଦଳ ଚିଠି ଲେଖିଛନ୍ତି। ଏହା ବିରୋଧୀଙ୍କ ସାମୂହିକ ସ୍ୱର ଏବଂ ଦେଶର ସୁରକ୍ଷା ଚିନ୍ତା ଭାବନାକୁ ସ୍ପଷ୍ଟ କରୁଛି। ବୈଠକ ପରେ ଟିଏମ୍‌ସି ସାଂସଦ ଡେରେକ ଓ' ବ୍ରାଇନ ଏହି ସୂଚନା ଦେଇଛନ୍ତି। ସଂସଦୀୟ ଦଳ ସ୍ତରରେ ଆଲୋଚନା କରି ନୁହେଁ, ବରଂ ୧୬ଟି ରାଜନୈତିକ ଦଳର ମୁଖ୍ୟଙ୍କ ମଧ୍ୟରେ ସହମତି ଭିତିରେ ଏହି ପଦକ୍ଷେପ ନିଆଯାଇଛି। ତେବେ ଏହି ବୈଠକରେ ଆମ ଆଦମୀ ପାର୍ଟି (ଆପ୍) ଏବଂ ଏନ୍‌ସିପି (ଶରଦ) ସାମିଲ ହୋଇ ନ ଥିଲା। କିନ୍ତୁ ଆପ୍ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବ।

ଏହି ବୈଠକରେ କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି, ଡିଏମକେ, ଶିବସେନା (ଉଦ୍ଧବ), ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି), ଆଇୟୁଏମଏଲ, ଏନ୍‌ସି, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ, ଆରଏସପି, ଜେଏମଏମ, ଭିସିକେ, କେରଳ କଂଗ୍ରେସ, ଏମ୍‌ଡିଏମକେ ଏବଂ ସିପିଆଇଏମଏଲ ସାମିଲ ହୋଇଥିଲା। କେନ୍ଦ୍ର ସରକାର ଅପରେସନ ସିନ୍ଦୁର ଏବଂ ଆତଙ୍କବାଦର ମୁଖା ଖୋଲିବା ପାଇଁ ୭ଟି ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ବିଭିନ୍ନ ଦେଶକୁ ପଠାଇଛନ୍ତି। ଏହି ସବୁ ଦଳ ସପ୍ତାହ ଶେଷ ସୁଦ୍ଧା ଭାରତ ଫେରିବେ। ସେମାନେ ଫେରିବା ପରେ ଆସନ୍ତା ସପ୍ତାହରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିରୋଧୀ ଦାବି କରୁଛନ୍ତି। ଆରଜେଡିର ମନୋଜ ଝା କହିଛନ୍ତି ଯେ ପହଲଗାମ ଆକ୍ରମଣ ପରେ ଅପରେସନ ସିନ୍ଦୂର ହୋଇଥିଲା। ଏକ ଦେଶର ରାଷ୍ଟ୍ରପତି ପ୍ରତିଦିନ ଏହାକୁ ନେଇ ମାମଲାତକାର ସାଜିଛନ୍ତି। ୧୫ ଦିନରେ ୧୩ ଥର ମନ୍ତବ୍ୟ ଦେଲେଣି। ଏହାକୁ ନେଇ ସରକାରଙ୍କୁ ଆଘାତ ଲାଗିଛି କି ନାହି ଜଣାନାହିଁ, କିନ୍ତୁ ଭାରତକୁ ଧକ୍କା ଲାଗିଛି। ଏହା ଯନ୍ତ୍ରଣାଦାୟକ। ସୋସିଆଲ ମିଡିଆ, ଟିଭି ବିତର୍କରେ ଏ ନେଇ ଆଲୋଚନା ହେବ ନାହିଁ। ୧୯୬୨ ମସିହାରେ ଚୀନ୍ ସହ ଯୁଦ୍ଧ ସମୟରେ ମଧ୍ୟ ସଂସଦ ଅଧିବେଶନ ଡକାଯାଇଥିଲା। ଏହା ୧୪୦ କୋଟି ଭାରତୀୟଙ୍କ ପ୍ରସଙ୍ଗ। ଏହା ଶାସକ କିମ୍ବା ବିରୋଧୀଙ୍କ ପ୍ରସଙ୍ଗ ନୁହେଁ। ଏହା ଦାୟିତ୍ୱର ପ୍ରସଙ୍ଗ। ସରକାର ସଂସଦ ପ୍ରତି ଏବଂ ସଂସଦ ଜନତାଙ୍କ ପ୍ରତି ଉତ୍ତରଦାୟୀ।

## ଭୁଲ୍ ମାଗିବାକୁ ମନାକଲେ କମଲ ହାସନ

ଚେନ୍ନଇ,୩।୬(ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ମଙ୍ଗଳବାର ତାମିଲ ବର୍ଷୀଆନ ଅଭିନେତା, ନିର୍ଦ୍ଦେଶକ ତଥା ରାଜନେତା କମଲ ହାସନଙ୍କୁ ଭର୍ତ୍ସନା କରିଛନ୍ତି। ଜୁନ୍ ୨ରେ ସେ ଦାଖଲ କରିଥିବା ଆବେଦନର ଶୁଣାଣି ମଙ୍ଗଳବାର ହୋଇଥିଲା। କର୍ଣ୍ଣାଟକରେ ତାଙ୍କ ସିନେମା 'ଥଗ୍ସ ଅଫ୍ ଲାଇଫ୍'ର ରିଲିଜ ପାଇଁ ସେ ଆବେଦନ କରିଥିଲେ। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ଏହି ସିନେମାକୁ ରାଜ୍ୟରେ ମୁକ୍ତିଲାଭ କରିବା ନେଇ ରୋକ ଲଗାଇଥିଲା। ଏହି କଟକଣାକୁ ହଟାଇବାକୁ କମଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ୫ ତାରିଖରେ ଏହି ସିନେମା ରିଲିଜ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କମଲଙ୍କୁ ଏହି ମାମଲାରେ ନ୍ୟାୟଳୟ ଭର୍ତ୍ସନା କରିଛି।

କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କମଲ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। 'ଆପଣ କେଉଁ ଆଧାରରେ ଏହି ମନ୍ତବ୍ୟ ଦେଇଥିଲେ? ଆପଣ କ'ଣ ଐତିହାସିକ ନା ଭାଷାବିତ୍? ଆପଣ କମଲ ହାସନ ନା ଆଉ କିଏ? କାହାର ଭାବନାକୁ କ୍ଷତି ପହଞ୍ଚାଇବାର ଆପଣଙ୍କର ଅଧିକାର ନାହିଁ ବୋଲି ବିଚାରପତି ଏମ୍ ନାଗପ୍ରସନ୍ନା କମଲଙ୍କୁ ଆକ୍ଷେପକରି କହିଥିଲେ। ଦେଶର ବିଭାଜନ ଭାଷାକୁ ଆଧାର କରି ହୋଇଛି। ନାଗରିକଙ୍କ ପାଇଁ ଜଳ,ଜମି ଓ ଭାଷା ବହୁତ ମହତ୍ତ୍ୱପୂର୍ଣ୍ଣ। ଆପଣଙ୍କ ମନ୍ତବ୍ୟ ଦେଶରେ ଅଶାନ୍ତି ସୃଷ୍ଟି କରିପାରେ। ଏପରିସ୍ଥଳେ ଆପଣଙ୍କୁ କେବଳ କର୍ଣ୍ଣାଟକ ଲୋକଙ୍କୁ କ୍ଷମା ମାଗିବେ ବୋଲି ଆଶା କରାଯାଉଥିଲା, କିନ୍ତୁ ଆପଣ ସୁରକ୍ଷା ମାଗିବାକୁ ଆସିଗଲେ। ଅତି ସାଧାରଣ ଭାବେ



**ଅଭିନେତାଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ**

ଆପଣଙ୍କ କ୍ଷମାରେ ଏହି ସମସ୍ୟାର ସମାଧାନ ହୋଇପାରିଥାନ୍ତା ବୋଲି ବିଚାରପତି କହିଥିଲେ। କିନ୍ତୁ ଏହାପରେ ମଧ୍ୟ କମଲ କ୍ଷମା ମାଗି ନଥିଲେ। ସେ କେଏଫ୍‌ସିସିକୁ ଚିଠି ଲେଖିଛନ୍ତି ବୋଲି ନ୍ୟାୟାଳୟଙ୍କୁ କୁହାଯାଇଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୧୦ରେ ହେବ। ସେପର୍ଯ୍ୟନ୍ତ ଏହି ସିନେମା କର୍ଣ୍ଣାଟକରେ ମୁକ୍ତିଲାଭ ନ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଉଲ୍ଲେଖଥାଉ କି, ୭୫ ବର୍ଷ ତଳେ ଶ୍ରୀ ରାଜଗୋପାଳ ଆଚାର୍ଯ୍ୟ ଏହିଭଳି ମନ୍ତବ୍ୟ ଦେଇ କ୍ଷମା ମାଗିଥିଲେ। ତେଣୁ ଆପଣ କାହିଁକି କ୍ଷମା ମାଗିବେ ନାହିଁ ବୋଲି କମଲଙ୍କୁ ପ୍ରଶ୍ନ ପଚରାଯାଇଥିଲା। ପୂର୍ବରୁ କ୍ଷମା ମାଗିବେ ନାହିଁ ବୋଲି କମଲ ମନ୍ତବ୍ୟ ଦେଇ ବିବାଦକୁ ଆହୁରି ବଢ଼ାଇଥିଲେ।

● ରାହୁଲ ଗାନ୍ଧୀଙ୍କ ଟିପ୍ପଣୀ

## ଟ୍ରମ୍ପଙ୍କ ଫୋନ ଆସିବାରୁ ତୁରନ୍ତ ଆତ୍ମସମର୍ପଣ କରିଦେଲେ ମୋଦୀ

ଭୋପାଳ, ୩।୬ (ଏଜେନ୍ସି): ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରୁ ଅପରେସନ ସିନ୍ଦୂର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଫୋନ୍ ଆସିଥିଲା। ଏହା ପରେ ମୋଦୀ ତୁରନ୍ତ ଆତ୍ମସମର୍ପଣ କରିଦେଲେ। ନରେନ୍ଦର ସରେଣ୍ଡର କରିଦେଲେ। ଆଉ ହଜୁର ଟ୍ରମ୍ପଙ୍କ ନିର୍ଦ୍ଦେଶ ପାଳନ କଲେ। ଇତିହାସ ସାକ୍ଷୀ ଅଛି। ବିଜେପି-ଆରଏସଏସ ଏପରି କରିଆସିଛି। ଟିକେ ଚାପ ପକାଇ ଦେଲେ ଏମାନେ ସବୁବେଳେ ନଇଁ ଯାଆନ୍ତି। ଭୟରେ ପଳାନ୍ତି। ପାକିସ୍ତାନର ଧମକ ସତ୍ତ୍ୱେ ୧୯୭୧ରେ ଭାରତ ଏହି ଦେଶକୁ ଦୁଇ ଖଣ୍ଡ କରି ଦେଇଥିଲା। କିନ୍ତୁ କଂଗ୍ରେସ କେବେ ନଇଁ ନାହିଁ। ଦଳର ସିଂହ ଏବଂ ସିଂହୀମାନେ ସୁପର୍ ପାୱାର ସହ ଲଢିଛନ୍ତି।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ: ଏହା 'ଏକ ଦେଶ ଏକ ସ୍ୱାମୀ ଯୋଜନା' କି?

ଚଣ୍ଡିଗଡ଼, ୩।୬ (ଏଜେନ୍ସି): ପଞ୍ଜାବରେ ଅପରେସନ ସିନ୍ଦୂରକୁ ନେଇ ରାଜନୀତି ଜୋର୍ ଧରିଛି। ସବୁ ଘରକୁ ସିନ୍ଦୂର ପଠାଇବାକୁ ନେଇ ବିଜେପିକୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନିଶାଣ କରିଛନ୍ତି। ଏହା 'ଏକ ଦେଶ ଏକ ସ୍ୱାମୀ ଯୋଜନା' କି ବୋଲି ପଚାରିଛନ୍ତି। ଏହା ପୂର୍ବରୁ କଂଗ୍ରେସର ରାଜ୍ୟ ମୁଖିଆ ଅମରିନ୍ଦର ସିଂହ ରାଜା ୱଡିଂ ବିଜେପିକୁ ଘେରିଥିଲେ। ସେ କହିଥିଲେ ଯେ ସିନ୍ଦୂର ଉପରେ ମହିଳାଙ୍କ ସ୍ୱାମୀଙ୍କ ହକ୍ ରହିଛି। ସେ ପ୍ରତି ଘରକୁ ସିନ୍ଦୂର ନ ପଠାଇବା ପାଇଁ ବିଜେପି ନେତାଙ୍କୁ ପରାମର୍ଶ ଦେଇଥିଲେ। ଯଦି ଏହାକୁ ନ ଶୁଣିଲେ ମହିଳା ପିଟିବେ ବୋଲି କହିଥିଲେ। ସେହିପରି ଆଜି କ୍ୟାବିନେଟ ବୈଠକ ପରେ ମାନ୍ କହିଥିଲେ ଯେ ବିଜେପି ନେତା ସିନ୍ଦୂର ନାମରେ ଭୋଟ ମାଗିବା ଦୁଃଖର ବିଷୟ। ସିନ୍ଦୂରକୁ ପରିହାସ କରାଯାଉଛି। ମାନ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ପାଲଟା ପ୍ରଶ୍ନ ମଧ୍ୟ କରିଥିଲେ। ଘରକୁ ସିନ୍ଦୂର ଆସିଲେ କଣ କହିବେ ବୋଲି ପଚାରି ଥିଲେ। କାହା ନାମରେ ସିନ୍ଦୂର ଲଗାଇବାକୁ କହିବେ। ଏହା ଏକ ଦେଶ ଏକ ସ୍ୱାମୀ ଯୋଜନା କି?

**ସେନା ଅଧିକାରୀଙ୍କ ଗୋପନୀୟତାକୁ ନେଇ ମାର୍ଗଦର୍ଶିକା**

## ବ୍ୟକ୍ତିଗତ ସୂଚନା ଜାରି କରିପାରିବନି ଗଣମାଧ୍ୟମ

ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ସେନା ଅଧିକାରୀଙ୍କ ଗୋପନୀୟତାକୁ ନେଇ ପ୍ରତିରକ୍ଷା ମନ୍ତ୍ରାଳୟ ମଙ୍ଗଳବାର ମାର୍ଗଦର୍ଶିକା ଜାରି କରିଛି। ଏଥିରେ କାର୍ଯ୍ୟରେ ମୁତୟନ କିମ୍ବା ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ତାଙ୍କ ପରିବାର ଗୋପନୀୟତା ପ୍ରତି ଧ୍ୟାନ ରଖିବାକୁ କୁହାଯାଇଛି। ବିନା ଅନୁମତିରେ ଅଧିକାରୀଙ୍କ ଘରକୁ ନ ଯିବାକୁ, ସାକ୍ଷାତକାର ନ ନେବାକୁ କିମ୍ବା ବ୍ୟକ୍ତିଗତ କାହାଣୀ ପାଇଁ ଯୋଗାଯୋଗ ନ କରିବାକୁ କୁହାଯାଇଛି। ଘର ଠିକଣା, ପରିବାର ସଦସ୍ୟଙ୍କ ଫଟୋ କିମ୍ବା କୌଣସି ବ୍ୟକ୍ତିଗତ ସୂଚନା ନ ଛପାଇବାକୁ ଏବଂ ନ ଦେଖାଇବାକୁ କୁହାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ହୋଇ ନ ଥିଲେ କିମ୍ବା ଅଧିକାରୀଙ୍କ ଠାରୁ ଅନୁମତି ମିଳି ନ ଥିଲେ ଏହାକୁ ଜାରି ନ କରିବାକୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରାଳୟର ଏଡିଜି ବିଜୟ କୁମାର ଏହି ମାର୍ଗଦର୍ଶିକାରେ ସ୍ୱାକ୍ଷର କରିଛନ୍ତି।

ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଅପରେସନ୍ ସିନ୍ଦୂର ଏବଂ ତା'ପରର ସୂଚନା ଦେବା ପାଇଁ ଅଧିକାରୀମାନେ ଗଣମାଧ୍ୟମ ସମ୍ମୁଖକୁ ଆସିଥିଲେ। ଏହି ଅଧିକାରୀଙ୍କ ନେଇ ପ୍ରସାରଣ କରାଯାଉଥିବା ଖବର ସିଧା ତାଙ୍କ ପରିବାର ସଦସ୍ୟ ଏବଂ ବ୍ୟକ୍ତିଗତ ଜୀବନରେ ପହଞ୍ଚି ଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ସେମାନଙ୍କ ପରିବାର ସଦସ୍ୟଙ୍କ ବାସଭବନକୁ ଯାଇ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ସେନା ଅଧିକାରୀଙ୍କ ପରିବାରର ବ୍ୟକ୍ତିଗତ ପ୍ରସଙ୍ଗ ଉପରେ ମଧ୍ୟ ଖବର ପରିବେଷଣ କରାଯାଇଥିଲା। ଏଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଭାରତ-ପାକ୍ ଉତ୍ତେଜନା ସମୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କୁ ମଧ୍ୟ ଅନଲାଇନରେ ଖରାପ ବ୍ୟବହାର କରାଯାଇଥିଲା। ଏପରିକି ପରିବାର ସହିତ ତାଙ୍କର ପୁରୁଣା ଫଟୋ ମଧ୍ୟ ସେୟାର କରାଯାଉଥିଲା। ଝିଅର ମୋବାଇଲ୍ ନମ୍ବର ବି ଭାଇରାଲ ହେଉଥିଲା। ଏହା ପରେ ମିଶ୍ରି ନିଜ ଆକାଉଣ୍ଟଙ୍କୁ ସୁରକ୍ଷିତ କରିଦେଇଥିଲେ।

## ଘରୋଇ ହିଂସା ଆଇନ୍ କାର୍ଯ୍ୟକାରୀ କରିବାକୁ ୭ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଦେଶରେ ଘରୋଇ ହିଂସା ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମ କୋର୍ଟ ୭ଟି ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ହିଂସା ନେଇ ଉପଯୋଗୀ ଆଇନ ରହିଥିଲେ ମଧ୍ୟ ଏହାକୁ ସଫଳ ରୂପେ କାର୍ଯ୍ୟକାରୀ କରାଯାଇପାରୁନାହିଁ ବୋଲି ହୃଦୟଙ୍ଗମ କରିବା ପରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ପୁଙ୍ଖାନୁପୁଙ୍ଖ ଭାବେ ନ୍ୟାୟାଳୟଙ୍କ ତରଫରୁ ନିର୍ଦ୍ଦେଶନାମା ପତ୍ର ଜାରି କରାଯାଇଛି। ଏହି ନିର୍ଦ୍ଦେଶଗୁଡିକ ହେଲା ୬ ମାସ ମଧ୍ୟରେ ପ୍ରୋଟେକସନ ଅଫିସରଙ୍କୁ ନିଯୁକ୍ତି ଦିଆଯିବ। ଘରୋଇ ହିଂସାର ଶିକାର ହେଉଥିବା ପୀଡିତଙ୍କୁ ଆଇନ ନେଇ ସଚେତନ କରାଇବା। ଘରୋଇ ହିଂସା ଆଇନ୍‌ର ଧାରା ୧୧ ଯଥାଶୀଘ୍ର ଲାଗୁ କରାଇବା। ପୀଡିତଙ୍କୁ ମାଗଣାରେ ଆଇନ୍ ସହାୟତା ଦେବା। ରାଜ୍ୟ ଓ ଜିଲ୍ଲାସ୍ତରରେ ଅଧିକାରୀଙ୍କ ଭୂମିକା ନେଇ ସମସ୍ତଙ୍କୁ ଅବଗତ କରାଇବା ଏବଂ ଶେଷରେ ୧୦ ସପ୍ତାହ ମଧ୍ୟରେ ପୀଡିତଙ୍କୁ ଚିହ୍ନଟ କରିବା ସହ ଆଶ୍ରୟସ୍ଥଳରେ ପହଞ୍ଚାଇବା।

## ସଂସଦରେ ନିଜ ଉଲଗ୍ନ ଫଟୋ ଦେଖାଇଲେ ମହିଳା ସଦସ୍ୟ

ୱେଲିଂଟନ,୩।୬(ଏଜେନ୍ସି): ନ୍ୟୁଜିଲାଣ୍ଡ ମହିଳା ସାଂସଦ ଲାଉରା ମ୍ୟାକକ୍ଲୁର ସଂସଦରେ ନିଜର ଉଲଗ୍ନ ଫଟୋ ଦେଖାଇ ସମସ୍ତଙ୍କୁ ଚକିତ କରାଇଥିଲେ। କିନ୍ତୁ ଏହି ଫଟୋ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜେନେରେଟେଡ ଥିଲା। ଏଆଇ ଦ୍ୱାର କିପର ଅତି ସହଜରେ ମାତ୍ର କେତେ ମିନିଟ୍ ମଧ୍ୟରେ ଡିପ୍ ଫେକ୍ ଫଟୋ ଉତ୍ତୋଳନ କରାଯାଇପାରିବ ସେ ସଂସଦରେ ଦର୍ଶାଇବାକୁ ପ୍ରୟାସ କରିଥିଲେ। ଏହା ମୋର ପ୍ରକୃତ ଫଟୋ ନ ଥିଲେ ମଧ୍ୟ ଅବିକଳ ମୋ ଭଳି ଦେଖାଯାଉଛି। ତେଣୁ ଅତି ସହଜରେ ଏଆଇ ଦ୍ୱାରା ଜଣଙ୍କ ପ୍ରତିଷ୍ଠା ଓ ସମ୍ମାନ ହାନୀ କରାଯାଇପାରିବ। ତେଣୁ ଏଆଇ ଓ ଡିପ୍ ଫେକ୍‌କୁ ନିୟନ୍ତ୍ରଣକୁ ଆଣିବାକୁ ଆଇନ୍ ପ୍ରଣୟନ କରିବାକୁ ସେ ପରାମର୍ଶ ଦେଇଥିଲେ।

## ବିଜେପି ନେତାଙ୍କ ହୋଟେଲରେ ହାଇପ୍ରୋଫାଇଲ ସେକ୍ସ ର୍ୟାକେଟ

ଜବଲପୁର, ୩।୬ (ଏଜେନ୍ସି): ମଧ୍ୟପ୍ରଦେଶ ଜବଲପୁରରେ ଗଡ଼ାରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। କ୍ଷମତାର ଛତ୍ରଛାୟାରେ ରହି ଖରାପ ଖେଳ ଚଳାଇଥିବା ଜଣେ ବିଜେପି ନେତାଙ୍କ ଗୁମର ଖୋଲି ଯାଇଛି। ବିଜେପି ନେତା ଅତୁଲ ଚୌରାସିଆଙ୍କ ହୋଟେଲରୁ ହାଇପ୍ରୋଫାଇଲ ସେକ୍ସ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ସହଯୋଗୀ ଶୀତଲ ଦୁବେଙ୍କ ସହ ମିଶି ସେ ଏହି ବେଆଇନ କାରାବାର ଚଳାଇ ଥିଲେ। ନେତା ଏବଂ ମନ୍ତ୍ରୀ ବି ଏଥିରେ ସହଯୋଗ କରୁଥିଲେ। କାରଣ ଅତୁଲ ଏହି ନେତା ଏବଂ ଅଧିକାରୀଙ୍କ ପାଖକୁ ଯୁବତୀ ପଠାଉ ଥିଲେ। କୋଲକାତା, ଆସାମ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରୁ ଏହି ହୋଟେଲକୁ ଯୁବତୀଙ୍କୁ ଅଣା ଯାଉଥିଲା। ଏହି ଯୁବତୀଙ୍କୁ ଆଣିବା ପାଇଁ ମହିଳା ଏଜେଣ୍ଟଙ୍କୁ ନିଯୁକ୍ତ କରାଯାଇଥିଲା। ଆସାମର ଜଣେ ମହିଳାଙ୍କ ଅଭିଯୋଗ ପରେ ଏହାର ଖୁଲାସା ହୋଇଥିଲା। ଏହି ମହିଳା କହିଥିଲେ ଯେ ତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଜବଲପୁର ଅଣା ଯାଇଥିଲା। ପରେ ତାଙ୍କୁ ଦେହ ବ୍ୟବସାୟକୁ ଠେଲି ଦିଆଯାଇଥିଲା। ଗତ ୧୮ ତାରିଖରେ ଏଥିପାଇଁ ମନା କରିବାରୁ ମହିଳାଙ୍କୁ ପ୍ରକୋଷ୍ଠରେ ବନ୍ଦ କରି ଶୀତଲ ଦୁବେ ଏବଂ ତାଙ୍କ ସହଯୋଗୀ ପ୍ରବଳ ମାଡ଼ ମାରିଥିଲେ। ପରେ ହୋଟେଲରୁ ବାହାର କରିଦେଇଥିଲେ। ଏଠାରୁ ମହିଳା ସିଧା ଥାନାକୁ ଯାଇ ଅଭିଯୋଗ କରିଥିଲେ ଏବଂ ସମସ୍ତ ଘଟଣା କହିଥିଲେ। ସେ ଗତ ଛଅ ମାସ ଧରି ଅଭିଯୋଗ ନେଇ ଥାନାକୁ ଆସୁଥିଲେ, କିନ୍ତୁ ଅତୁଲଙ୍କ ରାଜନୈତିକ ପ୍ରଭାବ ଯୋଗୁଁ କେହି ଏହା ଶୁଣୁ ନ ଥିଲେ। ଏବେ ପୁଲିସ ଅତୁଲକୁ ଗିରଫ କରିଛି ଏବଂ ଶୀତଲ ଫେରାର ଅଛି।

● ନେତା-ମନ୍ତ୍ରୀଙ୍କ ପାଖକୁ ପଠା ଯାଉଥିଲେ ଯୁବତୀ
● କୋଲକାତା, ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼ରୁ ଆସୁଥିଲେ ଯୁବତୀ
● ଯୁବତୀଙ୍କୁ ଆଣିବା ପାଇଁ ହାତ ବାରିସି ସାଜିଥିଲେ ମହିଳା ଏଜେଣ୍ଟ
● ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୂର୍ବରୁ ଶୁଣି ନ ଥିଲା ପୁଲିସ



୩୨ ବର୍ଷୀୟା ପୀଡିତା କହିଛନ୍ତି ଯେ ତିନି ବର୍ଷ ପୂର୍ବେ ଦଲାଲ ମନୀଷା ତାଙ୍କୁ ଭଲ ଚାକିରିର ପ୍ରତିଶ୍ରୁତି ଦେଇ ଆସାମରୁ ଜବଲପୁରକୁ ଡକାଇଥିଲେ। ଏଠାରେ ତାଙ୍କୁ ଅତୁଲଙ୍କ ହୋଟେଲରେ ଅତିଥି ଭାବରେ ରହିବାକୁ କୁହାଯାଇଥିଲା। ପରେ ଅସହାୟତାର ସୁଯୋଗ ନେଇ ବେଶ୍ୟାବୃତ୍ତିକୁ ଠେଲି ଦିଆଯାଇଥିଲା। ଏଠାରୁ ଝିଅଙ୍କୁ ରାଜନେତା, ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ଲୋକଙ୍କ ପାଖକୁ ପଠାଯାଉଥିଲା। ପ୍ରତିଦିନ ରାତିରେ ଲୋକେ ଆସୁଥିଲେ ଏବଂ ସକାଳୁ ଚାଲି ଯାଉଥିଲେ। ଏହି ବ୍ୟବସାୟ ଗତ ତିନି ବର୍ଷ ଧରି ଚାଲିଥିଲା। ହୋଟେଲ କର୍ମଚାରୀ ମଧ୍ୟ ଏହି ର୍ୟାକେଟରେ ସମ୍ପୂର୍ଣ୍ଣ ଜଡିତ ଥିଲେ। ଶୀତଲ ଏହି ର୍ୟାକେଟର ମୁଖ୍ୟ ଦଲାଲ ଥିଲା। ସେ ନିଜକୁ କିନ୍ନର କହୁଥିଲା। ସେ ସବୁ ବ୍ୟବସ୍ଥା ବୁଝୁଥିଲା। ଗ୍ରାହକଙ୍କଠାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା। କିନ୍ତୁ ଯୁବତୀଙ୍କୁ ୫୦୦ରୁ ହଜାରେ ଟଙ୍କା ଦିଆଯାଉଥିଲା। ଝିଅଙ୍କୁ ଗୋତି ଶ୍ରମିକ ଭଳି ରଖାଯାଉଥିଲା।

■ ସ୍ତ୍ରୀ ସହ କଳି...

## ଗାଁ ଦାଣ୍ଡରେ ଛୁଆକୁ କଚାଡ଼ି ମାରିଲା ବାପା

**କାମାକ୍ଷାନଗର, ୩।୬ (ସମିସ):** ପାରିବାରିକ କଳହକୁ କେନ୍ଦ୍ର କରି ୭ ମାସର ଏକ ଶିଶୁକନ୍ୟାକୁ ଗାଁ ଦାଣ୍ଡରେ କଚାଡ଼ି ମାରିଛି ବାପା। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା କଣ୍ଟାପାଳ ଗାଁରେ ଗତକାଲି ସଂଧ୍ୟାରେ ଘଟିଥିବା ଏହି ଘଟଣା ଆଜି ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଏହି ଅମାନବୀୟ କାଣ୍ଡ ଘଟାଇଥିବା ସୈତାନ ବାପାଜଣଙ୍କ ହେଲା ସଞ୍ଜୟ ଚାତାର। ଅପରପକ୍ଷେ, ଆଖି ଆଗରେ ଏହି ନାରକୀୟ କାଣ୍ଡ ଦେଖି ଶିଶୁକନ୍ୟାର ମା' ଜନନୀ ମୁଣ୍ଡା ଏକ

**ପେଟରେ ଭଙ୍ଗା ବୋତଲ ଭୁସିଦେଲା ସ୍ତ୍ରୀ**

କାଚ ବୋତଲ ସଞ୍ଜୟ ପେଟରେ ଭୁସି ଦେଇଛି। ଗୁରୁତର ସଞ୍ଜୟକୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ କଙ୍କାଡ଼ାହାଡ଼ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଶିଶୁଟିର ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ କଳ୍ପନା ବେହେରା କହିଛନ୍ତି।

ସୂଚନାନୁସାରେ, ସଞ୍ଜୟର ଘର ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଉଦାସାହି ଗ୍ରାମରେ। ସେ ଶ୍ୱଶୁରଘର କଙ୍କଡାହାଡ଼ ଥାନା କଣ୍ଟାପାଳରେ ସପରିବାରେ ରହି ଶ୍ରମିକ ଭାବେ କାମ କରୁଥିଲା। ତେବେ, କିଛି ମାସ ତଳୁ ତା' ସ୍ୱଭାବରେ ବଡ଼ଧରଣର ପରିବର୍ତ୍ତନ ଦେଖାଦେଇଥିଲା। ସେ ଆଉ କାମଧନ୍ଦା କରିବାକୁ ନଯାଇ ଘରେ ବସି ରହୁଥିଲା। ଏହାକୁ ନେଇ ସ୍ତ୍ରୀ ଜନନୀ ସହ ତା'ର ପ୍ରାୟ ସମୟରେ ପାଟିତୁଣ୍ଡ ହେଉଥିଲା। ସୋମବାର ଉଭୟ ସ୍ୱାମୀ-ସ୍ତ୍ରୀ ଗାଁ ପାଖ ଡିଲର୍ ପାଖରୁ ଚାଉଳ ଆଣିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ



ବାଟରେ ଦୁହିଁଙ୍କ ପାଟିତୁଣ୍ଡ ହୋଇଥିଲା। ସଞ୍ଜୟ ମଦ ପିଇଥିବାରୁ ନିଶାରେ ହିତାହିତ ଜ୍ଞାନ ଭୁଲି ଯାଇଥିଲା। ଉତ୍‌କ୍ଷିପ୍ତ ହୋଇ ଗାଁ ଦାଣ୍ଡରେ ନିଜର ୭ମାସର ଝିଅକୁ କଚାଡ଼ି ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଶିଶୁକନ୍ୟାଟିର ମୃତ୍ୟୁ ହୋଇଯାଇଥିଲା। ଅପରପେକ୍ଷ, ସ୍ୱାମୀର ଏହି ନୃଶଂସ କାଣ୍ଡ ଦେଖି ଜନନୀ ଏକ ଭଙ୍ଗା କାଚ ବୋତଲ ସଞ୍ଜୟର ପେଟରେ ଭୁସି ଦେଇଥିଲା।

## ସୋଲାର୍ କରେଣ୍ଟ ଲାଗି ମାଈ ହାତୀ ମୃତ

**ଅନୁଗୋଳ/ଛେଣ୍ଡିପଦା,୩।୬(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତର ଡଙ୍କାପାଳ ଗ୍ରାମ ନିକଟ ନାଳିଆସାହି ନିକଟରୁ ଆଜି ୨୫ ବର୍ଷୀୟ ଏକ ମାଈହାତୀର ମୃତଦେହ ଠାବ ହୋଇଛି। ସୌର୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ରାତି ପ୍ରାୟ ୮ଟାରେ ତା'ର ମୃତ୍ୟୁ ଘଟିଥିବା ବନ ବିଭାଗ କହିଛି। ପ୍ରାଣୀଧନ ଚିକିତ୍ସକ ହାତୀର ବ୍ୟବଚ୍ଛେଦ କରିବା ପରେ ତାକୁ ମାଟି ଖୋଳି ପୋତି ଦିଆଯାଇଛି।



ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକ (ପିସିସିଏଫ୍)ଙ୍କ ନିର୍ଦ୍ଦେଶରେ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ମଙ୍ଗଳବାର ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

ତଦନ୍ତରୁ ଜଣାଯାଇଛି ଯେ ଗାଁକୁ ଯେପରି ହାତୀପଲ ନ ପଶନ୍ତି, ସେଥିପାଇଁ ଗାଁ ସୀମାରେ ସୌରଶକ୍ତି ତାରବାଡ଼ ଦିଆଯାଇଛି। ୧୭ଟିକିଆ ଏକ ହାତୀପଲ ସୋମବାର ଅପରାହ୍ଣରେ ଉକ୍ତ ସୌରଶକ୍ତି ତାରବାଡ଼ ଅତିକ୍ରମ କରି ଗାଁ ନିକଟ ନାଳିଆସାହି ନିକଟକୁ ଆସିଥିଲେ। ସେଠାରେ ଗ୍ରାମର ପଙ୍କଜ ପ୍ରଧାନଙ୍କ ନିଜସ୍ୱ ସୌରବାଡ଼ ସଂସ୍ପର୍ଶରେ ଆସିବାରୁ ଗୋଟିଏ ମାଈ ହାତୀ ଟଳି ପଡ଼ିଥିଲା। ଛେଣ୍ଡିପଦା ରେଞ୍ଜରଙ୍କ ସହ ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର, ଏସିଏଫ୍ ବିଦ୍ୟାସାଗର, ଭୁବନେଶ୍ୱରରୁ ଆସିଥିବା ଟାସ୍କଫୋର୍ସ, ଅନୁଗୋଳର ରାପିଡ୍ ଆକ୍ସନ୍ ଫୋର୍ସ ଓ ବନ୍ୟପ୍ରାଣୀ ଡାକ୍ତରୀ ଟିମ୍, ସମସ୍ତ ବନ କର୍ମଚାରୀ ତଦନ୍ତ କରିଥିଲେ। ବନବିଭାଗ ସମ୍ପୃକ୍ତ ସୋଲାର୍ ଫେନସିଂ ମେସିନ୍ ଓ ତାରବାଡ଼କୁ ଜବତ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। କିନ୍ତୁ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ଯେ ବନବିଭାଗର ଅବହେଳା ପାଇଁ ହାତୀର ମୃତ୍ୟୁ ହୋଇଛି।

**ଇସ୍ପାତ ପ୍ରକଳ୍ପ**

## ଆନ୍ଧ୍ରରେ ଦ୍ରୁତ; ଓଡ଼ିଶାରେ ମନ୍ଥର

**ଭୁବନେଶ୍ୱର,୩।୬(ସମିସ):** କେନ୍ଦ୍ରାପଡାରେ ପ୍ରସ୍ତାବିତ ଆର୍ସେଲର ମିତ୍ତଲ- ନିପ୍ପନ ଷ୍ଟିଲ କାରଖାନାକୁ ଅନିଶ୍ଚିତତା ଲାଗି ରହିଛି। ଗୋଟିଏ ପଟେ ଓଡ଼ିଶାରେ ପ୍ରସ୍ତାବିତ କାରଖାନା ପାଇଁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅନୁମୋଦନ ପ୍ରକଳ୍ପକୁ ବିଳମ୍ବିତ ହୋଇ ଚାଲିଛି; ଅନ୍ୟପଟେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପାଇଁ ସ୍ଥାନୀୟ ସରକାର ଫୁଲ୍ ଦମରେ ଲାଗି ପଡ଼ିଛନ୍ତି। ଯାହାଫଳରେ ଆନ୍ଧ୍ରରେ ପ୍ରକଳ୍ପ କାର୍ଯ୍ୟନ୍ୱୟନ ଗତି ଜୋର୍ ଧରିଥିବା ବେଳେ ଓଡ଼ିଶାର କେନ୍ଦ୍ରାପଡ଼ାରେ ଦେଶର ଏହି ବୃହତ୍ ଶିଳ୍ପ ପ୍ରକଳ୍ପକୁ ନେଇ ସଂଶୟ ଏବଂ ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶରେ ଆର୍ସେଲର ମିତ୍ତଲ ପ୍ରଥମ ପର୍ଯ୍ୟାୟରେ ୫୫୯୬୧ କୋଟି ଟଙ୍କା ନିବେଶ କରିବ । ୨୨୦୦ ଏକର ଜମିରେ ଏହି ପ୍ରକଳ୍ପ ଆସନ୍ତା ୨୦୨୯ ଜାନୁଆରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୮୦ ହଜାର କୋଟି ଟଙ୍କା ନିବେଶ ହେବ ଓ ୨୦୩୩ ସୁଦ୍ଧା ଏହାର

**■ ୪ ମାସରେ ସରିଲା ଆର୍ସେଲର ମିତ୍ତଲ ଜମି ଅଧିଗ୍ରହଣ**
**■ ଅନିଶ୍ଚିତତାରେ କେନ୍ଦ୍ରାପଡ଼ା ପ୍ରସ୍ତାବିତ ଇସ୍ପାତ କାରଖାନା**

ଉତ୍ପାଦନ ଆରମ୍ଭ ହେବ। ଉଭୟ ପର୍ଯ୍ୟାୟ ଶେଷ ହେବା ପରେ ଏହାର ମୋଟ ଉତ୍ପାଦନ କ୍ଷମତା ୧୭.୮ ଏମଟିପିଏକୁ ବୃଦ୍ଧି ପାଇବ। ଆଗାମୀ ଦିନରେ ଏହି ପ୍ରକଳ୍ପକୁ ଗୁରୁରାଟରେ ବର୍ତ୍ତମାନ ସମ୍ପ୍ରସାରିତ କରାଯାଉଥିବା ହାଜିରା ପୋର୍ଟ ସହ ସଂଯୋଗ କରାଯିବ । ଆନ୍ଧ୍ର ପ୍ରଦେଶର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ନାରା ଲୋକେଶଙ୍କ ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ଅସ୍ଥାୟୀ(ପ୍ରୋଭିଜିଓନାଲ) ଜମି ଆବଣ୍ଟନ ପ୍ରକ୍ରିୟା ରେକର୍ଡ ୪ ମାସ ମଧ୍ୟରେ ସମାପ୍ତ ହୋଇଛି। ପ୍ରକଳ୍ପ କାର୍ଯ୍ୟନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ନୂଆ ଶିଳ୍ପ ନୀତି ଅନୁଯାୟୀ ପଦକ୍ଷେପ ନିଆଯାଉଛି। ଏପରିକି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ ହେବା ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପ୍ରୋତ୍ସାହନ ଏବଂ ରିଆତି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦେବେ ବୋଲି ସେ କହିଛନ୍ତି।

ଅପରପକ୍ଷେ ଦୁଇଟି ପର୍ଯ୍ୟାୟରେ କେନ୍ଦ୍ରାପଡାରେ ନିପ୍ପନ ଷ୍ଟିଲର ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ କାରଖାନା କାର୍ଯ୍ୟକାରୀ ଥିବାକୁ ହେଲେ ହେଁ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପ୍ରକଳ୍ପ ପାଇଁ ମୋଟ ୭୮୧୮ ଏକର ଜମି ଯୋଗାଇ ଦେବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଗତ ଡିସେମ୍ବରରେ ରାଜ୍ୟ ସରକାର ମହାକାଳପଡ଼ାର ବଡ଼ଟୁବି ଗ୍ରାମରେ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁଯାୟୀ ବଡ଼ଟୁବି ଗ୍ରାମରେ ଆର୍ସେଲର ନିପ୍ପନ ପାଇଁ ୩୮୩ ଏକର ଜମି ଅଧିଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ଜମି ଅଧିଗ୍ରହଣ ପାଇଁ ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି। ସେହିପରି ପ୍ରକଳ୍ପ କାର୍ଯ୍ୟନ୍ୱୟନ ପାଇଁ ଜଙ୍ଗଲ ଏବଂ ପରିବେଶ ମଞ୍ଜୁରୀ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ପ୍ରକଳ୍ପ ପାଇଁ ପାଣି, ବିଦ୍ୟୁତ୍, ରାସ୍ତା ଏବଂ ଅନ୍ୟ ଆବଶ୍ୟକତାକୁ ସରକାର ନଜରରେ ରଖି ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୁହାଯାଉଥିଲେ ହେଁ ଏହା ସେପରି ଆଖିଦୃଶିଆ ହୋଇ ପାରିନାହିଁ।

## କାନ୍ଧରେ ମୃତଦେହ ବୋହିଲେ ୮ କିଲୋମିଟର

**ଦାରିଙ୍ଗବାଡ଼ି,୩।୬(ସମିସ):** ଚିକିତ୍ସା ଅବହେଳାରୁ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହେଲା। ମୃତ୍ୟୁ ପରେ ମଧ ମିଳିଲାନି ମହାପ୍ରୟାଣ ଗାଡ଼ି। ପରିବାର ଲୋକେ ଶବକୁ କାନ୍ଧରେ ବୋହି ଆଠ କିଲୋମିଟର ଚାଲିଲେ। ଏଭଳି ଅଭାବନୀୟ ଘଟଣା ଘଟିଛି ଦାରିଙ୍ଗବାଡ଼ି ଅଞ୍ଚଳରେ।

**■ ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ**
**■ ଗାଁ'କୁ ଶବ ନେବା ଲାଗି ମିଳିଲାନି ମହାପ୍ରୟାଣ ଗାଡ଼ି**




ମୃତକ ହେଲେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ସିଆଙ୍ଗବାଲି ପଞ୍ଚାୟତ କାଜୁରିପାଦେରୀ ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ପତ୍ନୀ ସୁନିମା ପ୍ରଧାନ।

ମଙ୍ଗଳବାର ସକାଳ ସା।ଢ଼େ ୫ଟାରେ ସୁନିମାଙ୍କ ପେଟ ସହ ଆଖିରେ ବ୍ୟଥା ହେବାରୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରିବାର ଲୋକ କରୁଥିବା ଅଭିଯୋଗ ଅନୁଯାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର କିଛି ନପଚାରି ଗୋଟିଏ ସାଲାଇନ ଓ ଦୁଇଟି ଇଞ୍ଜେକ୍ସନ ଦେବା ସହ ପେଟକୁ ୨ଥର ଜୋରରେ ଦବାଇଥିଲେ। ତୃତୀୟ ଥର ଦବାଇବା ବେଳେ ଗର୍ଭବତୀଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଡାକ୍ତର ପୁଣି ଗୋଟିଏ ଇଞ୍ଜେକ୍ସନ ଦେଇଥିଲେ। ମୃତ୍ୟୁ ପରେ ବି କାହିଁକି ଗର୍ଭବତୀଙ୍କୁ ଇଞ୍ଜେକସନ ଦିଆଯାଇଛି ବୋଲି ସ୍ୱାମୀ ଡାକ୍ତରଙ୍କୁ ପ୍ରଶ୍ନ କରିଥିଲେ। ଏହାପରେ ମହିଳାଙ୍କ ପୂର୍ବ ମେଡ଼ିକାଲ ରିପୋର୍ଟ ମାଗିଥିଲେ ଡାକ୍ତର। ରିପୋର୍ଟ ଦେଖିବା ପରେ ଡାକ୍ତର ମହିଳା ଜଣକ ୬ ମାସର ଗର୍ଭବତୀ ଥିବା ଜାଣିପାରିଥିଲେ। କିନ୍ତୁ ଚିକିତ୍ସା ପୂର୍ବରୁ କୌଣସି ବିଷୟ ନ ପଚାରି ଇଞ୍ଜେକସନ ଦେବା ସହ ପେଟକୁ ଜୋରରେ ଚାପି ଦେଇଥିଲେ। ଏଥିଯୋଗୁଁ ସୁନିମାଙ୍କ ମୃତ୍ୟୁ ହୋଇଥିବା ସ୍ୱାମୀ ସୁରେନ୍ଦ୍ର ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ବେପରୁଆ ଚିକିତ୍ସା ଯୋଗୁଁ ଆଜି ସୁନିମାଙ୍କ ମୃତ୍ୟୁ ହୋଇଥିବା ସ୍ୱାମୀ ଅଭିଯୋଗ କରିଥିବା ବେଳେ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ମୃତକଙ୍କ ପରିବାର। ମୃତ୍ୟୁ ପରେ ବି ଶବ ନେବାଲାଗି କୌଣସି ମହାପ୍ରୟାଣ ଗାଡ଼ି ସୁବିଧା ମିଳିନଥିଲା। ଫଳ।।ରେ ମୃତଦେହକୁ ମହିଳା ଓ କିଛି ପୁରୁଷ କାନ୍ଧରେ ୮ କିଲୋମିଟର ବାଟ ବୋହି ନେଇଥିଲେ। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ଅଣ୍ଡା ତରକାରୀ ପାଇଁ ସ୍ତ୍ରୀକୁ ପିଟିପିଟି ହତ୍ୟା

**ଉଦଳା, ୩।୬(ସମିସ):** ଅଣ୍ଡା ତରକାରୀ ନ ଦେବାରୁ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଛି ମଦ୍ୟପ ସ୍ୱାମୀ। ଏଭଳି ଏକ ଆପରାଧିକ ଘଟଣା ଘଟିଛି ଉଦଳା ଥାନା ବହୁବନ୍ଧ ପଞ୍ଚାୟତ କୁଟଲିଂ ବନ୍ଧସାହି ଗାଁରେ। ମୃତ ମହିଳା ହେଲେ, ଗ୍ରାମର ବାସନ୍ତୀ ବାସ୍କେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏହାସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଲମା ବାସ୍କେ(୪୧)କୁ ଗିରଫ କରିଛି।



ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ଲମା ଖାଇ ବସିଥିବା ବେଳେ ଅଣ୍ଡା ତରକାରୀ ନ ଥିବା ଦେଖି ବାସନ୍ତୀଙ୍କୁ ଗାଳିମନ୍ଦ କରିଥିଲେ। ବାସନ୍ତୀ ପ୍ରତ୍ୟୁତ୍ତର ଦେବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ପାଖରେ ପଡ଼ିଥିବା ଏକ ନିଆଁଫୁଙ୍କା ନଳୀରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ବାସନ୍ତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ସମେତ ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଥିଲେ।

## ପୂର୍ବ ଶତ୍ରୁତାରୁ ଜେଲ୍‌ଫେରନ୍ତା ଯୁବକଙ୍କୁ ହତ୍ୟା

**ବ୍ରହ୍ମପୁର, ୩।୬ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଜେଲ୍ ଫେରନ୍ତା ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ହରିଡ଼ାଖଣ୍ଡି ଧର୍ମନଗର ସାହିର ବିଦ୍ୟାଧର ପାଣିଗ୍ରାହୀ (୨୧)। ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାର ମୁଖ୍ୟ ଅଭିଯକ୍ତ ହରିଡ଼ାଖଣ୍ଡି ଜଗବନ୍ଧୁ ସାହିର ବଳିଆ ନାୟକ ଫେରାର୍ ହୋଇଯାଇଥିବା ବେଳେ ପୁଲିସ୍ ତା' ଭାଇ କାଳିଆ ଓ ବାପା-ମା'ଙ୍କ ସମେତ ମୃତ ବିଦ୍ୟାଧରଙ୍କ ସହଯୋଗୀ ନରସିଂହକୁ ଅଟକ ରଖି ପଚରାଉଚରା କରୁଛି।



ସୂଚନାନୁଯାୟୀ, ଗତ ଏପ୍ରିଲ ୨୦ ତାରିଖରେ ସ୍ଥାନୀୟ ଆଗା ସାହି ଛକରେ ହରିଡ଼ାଖଣ୍ଡି ଜଗବନ୍ଧୁସାହିର ବଳିଆକୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ପୁଲିସ୍ ବିଦ୍ୟାଧର ଓ ତା'ର ଅନ୍ୟ ଜଣେ ସହଯୋଗୀକୁ ଗିରଫ କରି ଜେଲ୍ ପଠାଇଥିଲା। କିଛି ଦିନ ତଳେ ବିଦ୍ୟାଧର ଜାମିନ୍‌ରେ ମୁକୁଳିଥିଲା। ଏହି ଖବର ପାଇ ବଳିଆ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ସୋମବାର ରାତିରେ ନରସିଂହ ସାହୁ ଓ ଅନ୍ୟ ଦୁଇବନ୍ଧୁଙ୍କ ସହ ବିଦ୍ୟାଧର ବ୍ରହ୍ମପୁର ରେଳଷ୍ଟେସନ୍‌ରୁ ଘରକୁ ଫେରୁଥିଲେ। ସାନବଜାର ଛକ ନିକଟରେ ୪ଟି ବାଇକ୍‌ରେ ବଳିଆ ଓ ତା' ଗ୍ୟାଙ୍ଗର ୬ଜଣ ଯୁବକ ଆସି ବିଦ୍ୟାଧର ଓ ନରସିଂହଙ୍କୁ ଅଟକାଇଥିଲେ। ପରେ ସେମାନେ

**■ ମୁଖ୍ୟ ଅଭିଯୁକ୍ତ ଫେରାର୍, ୪ ଅଟକ**
**■ ସନ୍ଦେହଘେରରେ ମୃତକଙ୍କ ସହଯୋଗୀ ନରସିଂହ**

ଦୁହିଁଙ୍କୁ ଜଗବନ୍ଧୁସାହିକୁ ଉଠାଇ ନେଇ ଯାଇଥିଲେ। ସେଠାରେ ସେମାନେ ବିଦ୍ୟାଧରଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଦେଖି ନରସିଂହ ପ୍ରତିବାଦ କରିବାରୁ ଆକ୍ରମଣକାରୀମାନେ ତାଙ୍କୁ ମଧ ଆକ୍ରମଣ କରିଥିଲେ। ପରେ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ଦୁହିଁଙ୍କୁ ଛାଡ଼ିଦେଇ ଯୁବକମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ସଂପର୍କରେ ନରସିଂହଠାରୁ ସୂଚନା ପାଇ ବିଦ୍ୟାଧରଙ୍କ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଦ୍ୟାଧରଙ୍କ ମୃତ୍ୟୁ ଘଟିଥିଲା।

ଖବର ପାଇ ବଡ଼ବଜାର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ବଡ଼ବଜାର ଥାନା ପୁଲିସ, ଟାଉନ ଏସ୍‌ଡିପିଓ ଏବଂ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦୁଇ ଭାଇ ବଳିଆ ଓ କାଳିଆ ସମେତ ମୋହନ ଏବଂ ଅନ୍ୟ ସହଯୋଗୀମାନେ ଏକାଠି ହୋଇ ବିଦ୍ୟାଧରଙ୍କୁ ହତ୍ୟା କରିଥିବା ବିଦ୍ୟାଧରଙ୍କ ବାପା ସନ୍ତୋଷ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଘଟଣାରେ ବଳିଆ ନାୟକଙ୍କ ଭାଇ କାଳିଆ, ବାପା, ମା'ଙ୍କ ସମେତ ମୃତ ବିଦ୍ୟାଧରଙ୍କ ସହଯୋଗୀ ନରସିଂହକୁ ମଧ୍ୟ ପୁଲିସ ଅଟକ ରଖି ପଚରାଉଚରା କରୁଛି। ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ବଳିଆ, ମୋହନ ଏବଂ ଅନ୍ୟଜଣେ ସହଯୋଗୀ ଫେରାର ଥିବା ଜଣାପଡ଼ିଛି। ଫେରାର ୩ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଖୁବ୍‌ଶୀଘ୍ର ସମସ୍ତ ଫେରାର ଅଭିଯୁକ୍ତଙ୍କୁ କାବୁ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ।

**ମିଳୁନି ବିଶୁଦ୍ଧ ପାନୀୟ ଜଳ**

## ଜଣ୍ଡିସ୍‌ରେ ୧୫ ଆକ୍ରାନ୍ତ

**ଟାଙ୍ଗୀ, ୩।୬ (ସମିସ):** ସରକାର ବଦଳିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ବନ୍ଦ ହୋଇ ପଡ଼ିଛି। ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଲୋକମାନେ ପୋଖରୀ-ଚୂଆ ପାଣି ପିଇ ଜଣ୍ଡିସ୍‌ରେ ଆକ୍ରାନ୍ତ ହେଉଛନ୍ତି। ଖୋର୍ଦ୍ଧା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କୁଞ୍ଜୁରୀ ପଞ୍ଚାୟତର ନରମାନବୀରେ ଦୂଷିତ ପାଣି ପିଇ ୧୫ରୁ ଅଧିକ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ସୋମବାର ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ବଡ଼ପାରୀ ସାନ କବାରି ସାହିରେ କେତେକ ଛାତ୍ର ଜଣ୍ଡିସ ରୋଗରେ ପୀଡ଼ିତ ହୋଇଥିଲେ। ସେହିପରି ମଙ୍ଗଳବାର ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ କୁଞ୍ଜୁରୀ ପଞ୍ଚାୟତ ନରମାନବୀ କବାରି ସାହିରେ ୧୫ ଜଣ ଜଣ୍ଡିସ୍ ସଂକ୍ରମଣର ଶିକାର ହୋଇଥିବା ଜଣାପଡ଼ିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରକ୍ତ ଓ ବ୍ୟବହୃତ ହେଉଥିବା ପାଣିର ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି। ନରମାନବୀରେ ଏକ ହଷ୍ଟେଲରେ ଛାତ୍ରଛାତ୍ରୀମାନଙ୍କୁ ସଂକ୍ରମଣ ହୋଇଥାଇପାରେ ବୋଲି ଆଶଙ୍କା କରି ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ପକ୍ଷରୁ ପରୀକ୍ଷାନିରୀକ୍ଷା କରାଯିବାର ବ୍ୟବସ୍ଥା କରାଯିବ ବୋଲି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟରଞ୍ଜନ ନନ୍ଦ ସୂଚନା ଦେଇଛନ୍ତି।

ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ଏକ ଜରୁରୀ ଚିଠି ଦିଆଯାଇଛି। ପ୍ରତ୍ୟେକ ପାଣି ଟାଙ୍କିରେ ବ୍ଲିଚିଂ ପକାଇବା ସହ ପ୍ରତିଷେଧକ ବ୍ୟବସ୍ଥା ପାଇଁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି। ନରମାନବୀରେ ହୋଲୋଜେନ୍ ଟାବ୍‌ଲେଟ୍ ବାଣ୍ଟିବା ପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡ. ନନ୍ଦ ସୂଚନା ଦେଇଛନ୍ତି।

## ରାଜଧାନୀରେ ଛାଇଗଲାଣି ଚୋରା ବନ୍ଧୁକ

**ଭୁବନେଶ୍ୱର,୩।୬(ସମିସ):** ରାଜଧାନୀରେ ଅପରାଧୀଙ୍କ ରାଜ। ସଞ୍ଜ ହେଲେ ଅଣ୍ଟାରେ ବନ୍ଧୁକ ଖୋସି ବୁଲୁଛନ୍ତି। ପୁଲିସକୁ ଖାତିର କରୁନାହାନ୍ତି। ଯେଉଁଠି ଭାଇପଣିଆ ଉପରେ ଆଞ୍ଚ ଆସୁଛି, ସେଠାରେ କଥାକଥାରେ ଫୁଟାଉଛନ୍ତି ଗୁଳି। ଏନେଇ ଅଭିଯୋଗ ହେଉଥିଲେ ମଧ ପୁଲିସ ଅସହାୟ ଥିଲା ଭଳି ଜଣାପଡୁଛି। ଗିରଫ ହେଲେ ମଧ କିଛି ପ୍ରଭାବ ପଡୁନି। ଜେଲରୁ ବାହାରି ପୁଣି ସମାନ ଢଙ୍ଗରେ ଅପରାଧ ଘଟାଉଛନ୍ତି।

ଦୁଇ ଦିନ ତଳେ ଚନ୍ଦକା ଥାନା ପାଣିଓଲା ଗ୍ରାମରେ ଦୁଇଥର ବନ୍ଧୁକ ଫୁଟିଛି। ରବିବାର ରାତିରେ ଏକତରଫା ପ୍ରେମକୁ ନେଇ କୁମାରବସ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ଗୁଳିମାଡ଼ ହୋଇଥିଲା। ଗତ ୯ ତାରିଖରେ ଜମି ବ୍ୟବସାୟକୁ ନେଇ ପାଣିଓଲା ଗ୍ରାମରେ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ରେ ପୂର୍ଣ୍ଣଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସେହିପରି ଗତମାସ ୨୪ ତାରିଖରେ ପାଣିଓଲା ଗ୍ରାମରେ ଫୁଟିଥିଲା ଗୁଳି। ଗୁଳିମାଡ଼ ପଛରେ ଥିଲା ପୂର୍ବ ଶତ୍ରୁତା ଏବଂ ଦବଦବା ପ୍ରଦର୍ଶନ। ନିଜ ନିଜର କ୍ଷମତା ଗାଁରେ ଦେଖାଇବା ପାଇଁ ଶତ୍ରୁତା ରହିଥିଲା। ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଗୁଳିମାଡ଼ ଘଟିଥଲା। ଗତ ଏପ୍ରିଲ ୨୦ ତାରିଖରେ ବାଲିପାଟଣା ଥାନା ନିକଟରେ ଗୁଳିମାଡ଼ ହୋଇଥିଲା। ଦୀପ୍ତିରଞ୍ଜନ ମହାପାତ୍ରଙ୍କୁ ଗୁଳି ମାଡ଼ ହୋଇଥିବା ଅଭିଯୋଗ ହୋଇଥିଲା। ଗତ ମେ' ୧୦ତାରିଖରେ କସ୍‌ମସ୍ ବାର୍ ବାଉନସରଙ୍କୁ ଗୁଳିମାଡ଼ କରାଯାଇଥିଲା। ସେହିପରି ଜାନୁୟାରୀରେ ସାମାନ୍ୟ



କଥାରୁ ଖଣ୍ଡଗିରିବାରିସ୍ଥିତ ବସ୍ ପାର୍କିଂଷ୍ଟାଣ୍ଡର ପ୍ରୀତମ ଜେନାମଣିଙ୍କୁ ଗୁଳି କରିଥିଲେ ଅପରାଧୀ।

ଏବେ ପ୍ରଶ୍ନ ଉଠିଲାଣି ଏତେ ବନ୍ଧୁକ ଆସୁଛି କେଉଁଠୁ ? କୁହାଯାଉଛି ଯେ ରାଜଧାନୀକୁ ଆସୁଥିବା ବନ୍ଧୁକ ପଛରେ ଗଞ୍ଜାମ ଗ୍ୟାଙ୍ଗର ହାତ। ଗଞ୍ଜାମରେ ଥିବା କୁଖ୍ୟାତ ଅପରାଧୀମାନଙ୍କୁ ବନ୍ଧୁକ ଯୋଗାଇବା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି। ସେ ବିହାରରୁ ବନ୍ଧୁକ ଆଣି ଗଞ୍ଜାମରେ ଥିବା ଅପରାଧୀଙ୍କ ହାତରେ ଧରାଉଛି। ସେଠାରୁ ବନ୍ଧୁକ ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁରରେ ଥିବା ଅପରାଧୀଙ୍କ ହାତକୁ ଯାଉଛି। ବନ୍ଧୁକ ୧୦ରୁ ୧୫ହଜାର ଟଙ୍କାରେ ବିକ୍ରି କରାଯାଉଛି। ତେବେ ୯ଏମ୍‌ଏମ୍ ବନ୍ଧୁକର ଚାହିଦା ଅପରାଧୀଙ୍କ ମଧ୍ୟରେ ଅଧିକ ଥିବା କୁହାଯାଉଛି। ନିକଟରେ କଟକରୁ ଧରାପଡ଼ିଥିବା ବନ୍ଧୁକ କାରବାରର

**■ ଅପରାଧୀଙ୍କ ଅଣ୍ଟାରେ ବନ୍ଧୁକ; ବଢ଼ୁଛି ଗୁଳିକାଣ୍ଡ**
**■ ସଞ୍ଜ ନଇଁଲେ ସକ୍ରିୟ ହେଉଛନ୍ତି ମାଫିଆ**
**■ ଜବତ ହେଲାଣି ୨ଶହରୁ ଅଧିକ ଚୋରା ବନ୍ଧୁକ**

ମାଷ୍ଟରମାଇଣ୍ଡ ଓଡ଼ିଶାର ଏକାଧିକ ଗ୍ୟାଙ୍ଗଷ୍ଟରଙ୍କୁ ବନ୍ଧୁକ ଯୋଗାଉଥିଲା। ଆଡ୍‌ଭାନ୍ସ ବାବଦକୁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆକାଉଣ୍ଟରେ ନିଆଯାଉଛି। କଟକରୁ ତିଆରି ବନ୍ଧୁକ ଉପରେ ମେଡ୍-ଇନ୍-ମୁଙ୍ଗେର ଲେଖି ରାଜ୍ୟ, ରାଜ୍ୟ ବାହାରକୁ ସପ୍ଲାଏ କରାଯାଉଥିଲା। ଗଞ୍ଜାମରୁ ମିଳିଥିବା ୩୧ ବନ୍ଧୁକ ପଛରେ ଥିଲା ଅସଲମର ହାତ। ପୁଲିସ ଏବେ ସବୁ ଜିଲ୍ଲାରେ ବନ୍ଧୁକ କାରବାର ରୋକିବାକୁ ଅଭିଯାନ ଆରମ୍ଭ କରିଛି।

ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ଯେ ରାଜଧାନୀରେ ବନ୍ଧୁକ କାରବାରକୁ ରୋକାଯାଇଛି। ଯଦି କୌଣସି ଅପରାଧୀଙ୍କ ନିକଟରେ ବନ୍ଧୁକ ଥିବା ଖବର ମିଳୁଛି, ତେବେ ଖବରୀ ସୂତ୍ର ଆଧାରରେ ପୁଲିସ୍ ଚଢ଼ଉ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସ୍ପେଶାଲ ସ୍କ୍ୱାଡ୍ ଏବଂ ଅନ୍ୟ ଟିମ୍ ଚଢଉ କରି ଧରପଗଡ଼କୁ ଜୋରଦାର କରୁଛନ୍ତି।

କମିସନରେଟ୍ ପୁଲିସର ଗୁଇନ୍ଦା ଖବର ଏବେ ବିଫଳ ହୋଇଛି। କାରଣ ରାଜଧାନୀରେ କେଉଁ ଗ୍ୟାଙ୍ଗ୍ ସକ୍ରିୟ ରହିଛି, କେଉଁ ଗ୍ୟାଙ୍ଗ୍ ପଛରେ କାହାର ହାତ ରହିଛି, ସେମାନେ ବନ୍ଧୁକ କେଉଁଠୁ ଆଣୁଛନ୍ତି, ତାହା କମିସନରେଟ୍ ପୁଲିସର ଥିବା ଖବରୀ ସୂଚନା ଦେଉନାହାନ୍ତି। ଏହି ଅପରାଧୀମାନେ ଏଠାରେ ନିଜର ଆଡ୍‌ଡା ଜମାଇ ଦାଦାବଟି ଏବଂ ଡରାଇ ଧମକାଇ ଟଙ୍କା ଅସୁଲ କରୁଛନ୍ତି। ଆଉ ଟଙ୍କାରେ ଅଧିକରୁ ଅଧିକ ବନ୍ଧୁକ ବାହାରୁ ଆଣୁଛନ୍ତି। ଏବେ ରାଜଧାନୀରେ ଘରେ ଘରେ ଅପରାଧୀ ବନ୍ଧୁକ ରଖିଛନ୍ତି। ସେମାନେ ଚାଉଳ ବସ୍ତା ଏବଂ ଅନ୍ୟାନ୍ୟ ଖାଦ୍ୟବସ୍ତା ଭିତରେ ବନ୍ଧୁକ ଲୁଚାଇ ରଖୁଛନ୍ତି। ତେଣୁ ପୁଲିସ ଅପରାଧୀଙ୍କ ତାଲିକା କରି ସେମାନଙ୍କ ଘର ସର୍ଚ୍ଚ କଲେ ଚୋରା ବନ୍ଧୁକ ଜବତ କରାଯାଇ ପାରିବ ବୋଲି କୁହାଯାଉଛି।

**ଚୋର ଧରିବାକୁ ଗାଁରେ ବୁଲିଲା ଖଟ**

## ଅଟକାଇବାରୁ ପୁଲିସକୁ ଢେଲାମାଡ଼



**କଟକ, ୩।୬ (ସମିସ):** ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଖଏରପଙ୍ଗା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମବାସୀମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗ୍ରାମରେ ଚୋର ଧରିବାକୁ ଖଟ ବୁଲାଉଥିଲେ। ଖବର ପାଇ ଗାଁରେ ପୁଲିସ୍ ପହଞ୍ଚି ଏହାକୁ ବିରୋଧ କରିବାରୁ ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ପୁଲିସ୍ ଉପରକୁ ଟେକାପଥର ମାଡ଼ କରିବା ସହ ପୁଲିସ୍ ଭ୍ୟାନ୍‌କୁ ଅଟକାଇ ରଖିଥିଲେ। ଗ୍ରାମବାସୀଙ୍କ ଟେକାପଥର ମାଡ଼ରେ ଜଣେ ପୁଲିସ କର୍ମଚାରୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ସୂଚନାନୁଯାୟୀ, ବୈଦେଶ୍ୱର ଥାନା ନିକଟସ୍ଥ ଜଗନ୍ନାଥପୁର ପଞ୍ଚାୟତର ଖଏରପଙ୍ଗା ଗାଁରେ ଚୋରି ଘଟଣା ଘଟିଥିଲା। ଚୋର ଧରିବା ପାଇଁ ଗ୍ରାମବାସୀ ଗୁଣିଗାରେଡ଼ି ଦ୍ୱାରା ଖଟ ବୁଲାଉଥିବା ବେଳେ ବୈଦେଶ୍ୱର ପୁଲିସ ପହଞ୍ଚି ବନ୍ଦ କରିଥିଲା। ହେଲେ ପୁଣି କିଛି ସମୟ ପରେ ଖଟ ବୁଲା ଆରମ୍ଭ ହେବାର ଖବର ପାଇ ଥାନା ଆଇଆଇସି, ସଦଳବଳେ ପହଞ୍ଚିବା ମାତ୍ରେ ପୁଲିସ ଉପରକୁ ଗ୍ରାମବାସୀ ଢେଲା ପଥର ମାଡ କରିଥିଲେ। ଢେଲା ମାଡ଼ରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇପଡ଼ିଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ବଡ଼ମ୍ବା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ପୁଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ରାଜକନିକା ପଞ୍ଚାୟତ ସମିତିର ଅଷ୍ଟମ ବୈଠକ

# ଆବାସ ଯୋଜନା, ରାସନ କାର୍ଡ ଉପରେ ଆଲୋଚନା

ରାଜକନିକା,୩।୬(ସମିସ):




ଆଜି ରାଜକନିକା ବ୍ଲକ୍ ସଭାଗୃହରେ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତିରେ ନିର୍ବାଚିତ ପ୍ରତିନିଧିଙ୍କ ଅଗୋଚରରେ ଯୋଜନା କରାଯାଉଥିବା ଅଭିଯୋଗ ସମ୍ପର୍କରେ ଅଧକ୍ଷା ପ୍ରଥମେ ସ୍ପଷ୍ଟ କରି ଆଗକୁ ଏଭଳି ସମସ୍ୟା ହେବ ନାହିଁ କହି ବୈଠକ ଆରମ୍ଭ କରିଥିଲେ। ଉକ୍ତ ବୈଠକରେ ଆବାସ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଓ ରାସନ କାର୍ଡ ନେଇ ଆଲୋଚନା ହୋଇଥିବାବେଳେ ଅଧିକାଂଶ ସଦସ୍ୟ ପିଇଓ, ଜେଇ ଓ ସରକାରୀ କର୍ମଚାରୀ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅଣଦେଖା କରି ବିଭିନ୍ନ ଯୋଜନାରେ ଅନିୟମିତତା କରୁଥିବା ନେଇ ଅଭିଯୋଗ କରିଥିଲେ। ଏହା ଉପରେ ଆଲୋଚନା କରାଯାଇଥିଲା।

ବାତ୍ୟା 'ଦାନା' ପରର ମରାମତି ପାଇଁ ଆସିଥିବା ଅନୁଦାନ ଆବଣ୍ଟନରେ ପାତରଅନ୍ତର ନୀତିକୁ ବହୁ ନିର୍ବାଚିତ ପ୍ରତିନିଧି ବିରୋଧ କରିଥିଲେ। ପ୍ରତି ପଞ୍ଚାୟତକୁ ମିଳିଥିବା ଅଢେଇ ଲକ୍ଷ ଟଙ୍କାର ଖେଳ ସାମଗ୍ରୀ ସମସ୍ତ ପଞ୍ଚାୟତ ପାଇଁ ନ ଥିବାବେଳେ ଏ ବାବଦ ୭୦ ଲକ୍ଷ ଖର୍ଚ୍ଚ ସମ୍ପର୍କରେ ପ୍ରଶ୍ନ ଉଠିଥିଲା। କୋଇଲିପୁର ପଞ୍ଚାୟତରେ ସରପଞ୍ଚଙ୍କ ଅଗୋଚରରେ ୭ ଜଣଙ୍କୁ ଭତ୍ତା ପ୍ରଦାନ କରାଯିବା, ଗଞ୍ଜା ନଦୀର ମରହଟ୍ଟା ବନ୍ଧର ଡାଳିକାଏଦାଠାରେ ନିର୍ମିତ ହୋଇଥିବା ସ୍ଲୁଇସକୁ ଅଧିକ ଓସାର କରାଯିବା ନେଇ ସମିତିସଭ୍ୟ ଶରତ ରାଉତ ଦାବି କରିଥିଲେ। ମେଗା ପାନୀୟଜଳ ପ୍ରକଳ୍ପରୁ କେବେ ଲୋକଙ୍କୁ ପାଣି ମିଳିବ ବୋଲି ପ୍ରଶ୍ନ ହେବାରୁ ସେ ସମ୍ପର୍କରେ ଆସନ୍ତାକାଲି ସମ୍ପୃକ୍ତ ସଂସ୍ଥା ସହ ସମୀକ୍ଷା ହେବା ପରେ ସମସ୍ତ ପ୍ରତିନିଧିଙ୍କୁ ସୂଚନା ଦେବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଅଚିନ୍ତାଠାରେ ଥିବା ଆଦର୍ଶ ବିଦ୍ୟାଳୟକୁ ରାସ୍ତା ନିର୍ମାଣ, ପ୍ରତି ପଞ୍ଚାୟତର ଏଏନଏମ ସେଣ୍ଟରକୁ ଆସବାବପତ୍ର କ୍ରୟ ପାଇଁ ୨୫ ହଜାର ଟଙ୍କାର ଅନୁଦାନ ମିଳିଥିବାବେଳେ ତା'ର ତଦାରଖ କରିବାକୁ ସରପଞ୍ଚଙ୍କୁ ପରାମର୍ଶ ଦିଆଯାଇଥିଲା। ମନରେଗା ଯୋଜନାରେ ବହୁ ପଞ୍ଚାୟତରେ ଆଗରୁ ଶ୍ରମିକଙ୍କୁ ମଜୁରି ମିଳି ନ ଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷା, ଆରଡ଼ି, ଆର ଏଣ୍ଡ ବି, ଇରିଗେସନ ଭଳି ବିଭାଗ ଅଧିକାରୀ ଅନୁପସ୍ଥିତ ଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ଆଗକୁ ସମସ୍ତ ପ୍ରତିନିଧିଙ୍କ ସହଯୋଗ ନେଇ ସମସ୍ତ ବିଷୟରେ ଆଲୋଚନା ଓ ସମ୍ପୃକ୍ତିରେ ଯୋଜନାର କାର୍ଯ୍ୟକାରୀ ନେଇ ସହମତି ରହିବା ପ୍ରତିଶ୍ରୁତି ମିଳିବାରୁ ବୈଠକ ସୁରୁଖୁରୁରେ ଚାଲିଥିଲା। ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ଅରୁଣ ରାଉତ, ସ୍ୱର୍ଣ୍ଣପ୍ରଭା ବେହେରା, ଲିଲିଭା ମଲିକ, ସମିତିସଭ୍ୟ ଶରତ ରାଉତ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରକାଶ ସେନାପତି, ଦାମୋଦର ସ୍ୱାଇଁ ପ୍ରମୁଖଙ୍କ ସହ ଅଧିକାଂଶ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ଅନ୍‌ଲାଇନ ଠକେଇରୁ ବର୍ତ୍ତିଲେ ଯୁବକ

ରାଜକନିକା,୩।୬(ସମିସ): ରାଜକନିକା ଥାନା ଅନ୍ତର୍ଗତ ନହୁଣୀ ପଞ୍ଚାୟତ ସଫଲାଙ୍ଗ ଗ୍ରାମର ଯୁବକ ଜିତେନ୍ଦ୍ର ବିଶ୍ୱାଳ ଅନଲାଇନ ଠକେଇରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏ ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଜିତେନ୍ଦ୍ର ତାଙ୍କ ଟିଭି ରିଚାର୍ଜ କରିବାକୁ ଅନଲାଇନରୁ କଷ୍ଟୋମର କେୟାର ନମ୍ବର ବାହାରକରି କଷ୍ଟୋମର କେୟାରର ଜଣେ ଅଧିକାରୀଙ୍କ ସହ ମୋବାଇଲ୍ ଯୋଗେ କଥା ହୋଇଥିଲେ। ଅଧିକାରୀ ଜଣକ ଫୋନପେ ସାଇଡ୍ ଖୋଲିବାକୁ କହି ସେଥିରେ ୨ ଟଙ୍କା ରିଚାର୍ଜ କରିବାକୁ କହିଥିଲେ। ଯୁବକ ଜଣକ ତାହା କରିଥିଲେ ଓ ସଙ୍ଗେ ସଙ୍ଗେ ତାଙ୍କ ମୋବାଇଲକୁ କିଛି ଓଟିପି ଆସିଥିଲା। ଓଟିପି ଆସିବା ପରେ ସେ ଲାଇନରେ ଥିବା କଷ୍ଟୋମର କେୟାରର ଅଧିକାରୀଙ୍କୁ ଓଟିପି କାହିଁକି ଆସୁଛି ବୋଲି ପ୍ରଶ୍ନ କରିବାରୁ ଉତ୍ତରରେ ଅଧିକାରୀ ଜଣକ କହିଥିଲେ ତୁମର ୧,୪୨,୪୩୯ ଟଙ୍କା କଟିଯାଇଛି। ତେବେ ଯୁବକ ଜଣକ ବ୍ୟସ୍ତ ହୋଇପଡ଼ିଥିଲେ। କେମିତି ଫେରିପାଇବେ ବୋଲି କହିଥିଲେ। ଅଧିକାରୀ ଜଣକ କହିଥିଲେ ଆଉଏକ ଓଟିପି ଯିବ। ଆପଣ ଦେଲେ ଟଙ୍କା ଫେରିପାଇବେ। ଯୁବକ ଜଣକ ଅଧିକାରୀଙ୍କ ସହ ଫୋନରେ ରିଚାର୍ଜ କରିବା ବଦଳରେ ଠକେଇ କରୁଛନ୍ତି, ଓଟିପି ଦେବିନାହିଁ। ଥାନାରେ ଅଭିଯୋଗ କରିବି ବୋଲି କହିଥିଲେ। ସେତେବେଳକୁ ଯୁବକଙ୍କ ମୋବାଇଲକୁ ୧,୪୨,୪୩୯ ଟଙ୍କା କଟିଥିବା ଏକ ମ୍ୟାସେଜ ଆସିଯାଇଥିଲା। ଯୁବକ ଜଣକ ବ୍ୟସ୍ତ ହୋଇ ବ୍ୟାଙ୍କକୁ ଆସି ମ୍ୟାନେଜରଙ୍କୁ ପରାମର୍ଶ କରି ଆକାଉଣ୍ଟ




ଚେକ୍ କରିବାରୁ ତାଙ୍କ ଟଙ୍କା ସୁରକ୍ଷିତ ଥିବା ଜାଣିବାକୁ ପାଇଥିଲେ ଓ ଆକାଉଣ୍ଟକୁ ସଙ୍ଗେ ସଙ୍ଗେ ବ୍ଲକ କରିବାକୁ ମ୍ୟାନେଜରଙ୍କୁ ଅନୁରୋଧ କରିଥିଲେ। ଏ ନେଇ ସୋମବାର ସନ୍ଧ୍ୟାରେ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯୁବକଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ■ ସରକାରୀ ଜାଗା ଜବରଦଖଲ

# ଉଚ୍ଛେଦ ଦାବିରେ ଆରଆଇ ଅଫିସ୍ ଆଗରେ ଧାରଣା



ପଟ୍ଟାମୁଣ୍ଡାଇ,୩।୬(ସମିସ): ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ କଠିଆପଡ଼ା ଗ୍ରାମର ଜଳନିଷ୍କାସନ ପଥ ନୟନଜୋରି ଜବରଦଖଲ ହୋଇଥିବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ସେହିପରି ଯୁବକ ସଂଘ ଜାଗାକୁ ମଧ୍ୟ ଜବରଦଖଲ କରାଯାଇ ଦୋକାନ ଘର ନିର୍ମାଣ କରାଯାଇଛି। ନୟନଜୋରୀ ଜବରଦଖଲ ଯୋଗୁଁ ବର୍ଷା ସମୟରେ ଉଦବୃତ୍ତ ଜଳ ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଏ ସମ୍ପର୍କରେ କାଠିଆପଡା ଗ୍ରାମବାସୀ ବାରମ୍ବାର ତହସିଲ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଆସିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବିରେ କାଠିଆପଡା ଗ୍ରାମବାସୀ ସକାଳ ୮ଟାରୁ ଆରଆଇ ଅଫିସ ଆଗରେ ଧାରଣାରେ ବେଇଥିଲେ। ପୂର୍ବାହ୍ନ ସାଢେ ୧୨ଟା ସମୟରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସୁପରଭାଇଜର ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧ ମାସ ମଧ୍ୟରେ ଜବରଦଖଲ ସମସ୍ୟା ସମାଧାନ କରାଯିବ ବୋଲି ଧାରଣାରତ ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ



କେନ୍ଦ୍ରାପଡ଼ା,୩।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଭୁବନେଶ୍ୱରସ୍ଥ ଲୋକସେବା ଭବନ କନଭେନସନ ହଲ୍‌ରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲା ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଡ଼ି ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟ ଯୋଡ଼ି ହୋଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ସହିତ ୨୧ ସ୍ଥାନରେ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥାର ଶିଳାନ୍ୟାସ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଶପଥ ପାଠ କରାଇଥିଲେ।

## ■ ବିଦ୍ୟୁତ୍ ବିଭାଗର ନିଘା ନାହିଁ

# ହାତ ପାଆନ୍ତାରେ ତାର; ବିପଦ ଆଶଙ୍କା

ରାଜକନିକା, ୩।୬(ସମିସ): ଯେତେ କହିଲେ ବି ଶୁଣୁନି ଟାଟା ପାୱାର। ଅଘଟଣ ଘଟିବା ପୂର୍ବରୁ ବାରମ୍ବାର ବିଭାଗୀୟ ଲାଇନମ୍ୟାନକୁ କହି କହି ସ୍ଥାନୀୟ ଲୋକେ ଥକିଗଲେଣି। ନା ଶୁଣୁଛନ୍ତି କର୍ମଚାରୀ, ନା ଅଧିକାରୀ। ଆଜି ଏ ସମ୍ପର୍କରେ ରାଜକନିକା ସେକ୍ସନ ଜୁନିୟର ମ୍ୟାନେଜରଙ୍କୁ ଫଟୋ ସହ ଘଟଣା ଜଣାଇଥିଲେ ବି ସେ ନିଦାବିଷ୍ଟ। କେତେବେଳେ ଯେ ଅଘଟଣ ନ ଘଟିବ, ତାହା କହିହେବନି। ଆଖୁଲିପଡ଼ା ପଞ୍ଚାୟତର କୁହୁଡି ଓ ପିମ୍ପୁଡି ବାଦାମ ବଗିଚା ମଝିରେ ଯାଇଥିବା ଗଳି ରାସ୍ତା ଉପର ଦେଇ ଓହଳି ରହିଛି ଏଲଟି ଲାଇନର ବିଜୁଳି ତାର। ଏହି ବାଟ ଦେଇ ଦୈନିକ ଟ୍ରାକ୍ଟର, ବାଇକ୍, ସାଇକଲରେ ବହୁ ଲୋକ, ସ୍କୁଲ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। କାଳ ବୈଶାଖୀ ଝଡ଼ରେ ମଧ୍ୟ ବେଳକୁ ବେଳ ଏହି ତାର ଅଧିକ ଝୁଲିବାରେ ଲାଗିଛି। ତୁରନ୍ତ ଏହି ବିପଦପୂର୍ଣ୍ଣ ତାରକୁ ସଠିକ ଉଚ୍ଚତାରେ ରଖିବାକୁ ଟିପିସିଓଏଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



# ପ୍ରଶାନ୍ତି ବାଲ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଆରମ୍ଭ

ଡେରାବିଶ, ୩।୬(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଦାନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ପ୍ରଶାନ୍ତି ବାଲ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଲୋକାର୍ପିତ ହୋଇଯାଇଛି। ପ୍ରଶାନ୍ତି ବାଲ ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ତଥା ଆରୋଗ୍ୟ ବାହିନୀ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏକ ଭ୍ରାମ୍ୟମାଣ ଚିକିତ୍ସାଳୟକୁ ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟାଳୟ ପରିସରରେ ଦାନପୁରର ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ଶ୍ରୀମତୀ ବାରିକ, ମୁଖ୍ୟବକ୍ତା ଭାବେ ଟ୍ରଷ୍ଟର ପ୍ରକଳ୍ପ ପରିଚାଳକ କୃଷ୍ଣମୋହନ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି ମହିମାନନ୍ଦ ସ୍ୱାଇଁ, ଦାନପୁର ରାଜସ୍ୱ ନିରୀକ୍ଷକ ବିଜୟଲକ୍ଷ୍ମୀ ପଲେଇ, ଇଣ୍ଡିଆନ ବ୍ୟାଙ୍କ ଦାନପୁର ଶାଖା ପରିଚାଳକ ଡାଲଟନ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା କୃଷ୍ଣମୋହନ ଟ୍ରଷ୍ଟର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇ ଏହି ସଂସ୍ଥା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ସହିତ ଶିକ୍ଷା ଓ ଛାତ୍ରଛାତ୍ରୀ, ପ୍ରସୂତୀ ମହିଳାଙ୍କ ପୋଷଣ ପାଇଁ କାର୍ଯ୍ୟ କରିବ। ଏଥିନିମନ୍ତେ ପ୍ରାଥମିକ ଦାନପୁର, ମୁକୁନ୍ଦପୁର ଓ ଚାନ୍ଦୋଳ



ପଞ୍ଚାୟତକୁ ପୋଷ୍ୟ ଭାବେ ଗ୍ରହଣ କରି ଘରକୁ ଘର ଯାଇ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିବା ସହ ଚିକିତ୍ସାର ବ୍ୟବସ୍ଥା କରିବେ। ଏହି ପୋଷ୍ୟ ପଞ୍ଚାୟତରୁ ଭ୍ରାମ୍ୟମାଣ ଚିକିତ୍ସା ସେବାକୁ ଧିରେ ଧିରେ ପରିବର୍ଦ୍ଧିତ କରିଯାଇ ପଡ଼ୋଶୀ ପଞ୍ଚାୟତକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏହି ଭ୍ରାମ୍ୟମାଣ ଚିକିତ୍ସାଳୟରେ ରୋଗ ନିରୂପଣ ପାଇଁ ପରୀକ୍ଷା ସୁବିଧା ଓ ଡାକ୍ତରୀ ଟିମ୍ ରହିବେ।

ଏହି ଟ୍ରଷ୍ଟ ପକ୍ଷରୁ କେଶରପୁର ମୌଜାରେ ଖୁବ୍‌ଶୀଘ୍ର ଏକ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ଖୋଲାଯାଇ ସେଠାରେ ଲୋକଙ୍କ ପାଇଁ ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଟ୍ରଷ୍ଟର କ୍ଷେତ୍ର ସଂଯୋଜକ ସଂଜୟ ଲାକାନ୍ଦ୍ରି ସଭା ସଂଯୋଜନା କରିଥିବାବେଳେ ସଂଯୋଜକ ରାହୁଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବସନ୍ତ ମଲ୍ଲିକ, ରବୀନ୍ଦ୍ର ନାଥ ପଣ୍ଡା, ଅକ୍ଷୟ ପଣ୍ଡା, ରବୀନ୍ଦ୍ର ବେହେରା, ଶିକ୍ଷକ ନିର୍ମଳ ଜେନା, ରଶ୍ମିତା ମହାନ୍ତି, ପ୍ରିୟତମା ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସମିତିର ସମସ୍ତ ସଭ୍ୟସଭ୍ୟାଙ୍କ ସମେତ ଦାନପୁର, ମୁକୁନ୍ଦପୁର, ଚାନ୍ଦୋଳ ପଞ୍ଚାୟତ ଏମ୍‌ବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ଶହଶହ ଜନସାଧାରଣ ଉପସ୍ଥିତ ଥିଲେ। ପରେ ଟ୍ରଷ୍ଟ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟରେ ଟ୍ରଷ୍ଟର ଚିକିତ୍ସକଙ୍କ ଦ୍ୱାରା ମାଗଣା ଚିକିତ୍ସା ଓ ଔଷଧ ବଣ୍ଟନ କରାଯାଇଥିଲା।

# ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକସଭା

କେନ୍ଦ୍ରାପଡ଼ା,୩।୬(ସମିସ): ବାରୁଅସ୍ଥ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ପକ୍ଷରୁ ଆଦର୍ଶ ଶିକ୍ଷକ ହରେକୃଷ୍ଣ ପଣ୍ଡାଙ୍କ ବିୟୋଗରେ ଶୋକସଭା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅକ୍ଷୟ ମହାନ୍ତି କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ହୃଷିକେଶ ରଥ, ଫୋରଡ ବାୟା ଆଶ୍ରମ ମହନ୍ତ ହୃଷିକେଶ ଦାଶମହାରାଜ, ପଣ୍ଡିତ ପଦ୍ମନାଭ ଦାଶ, ବାଣୀ ବିନୋଦ ସାହିତ୍ୟ ସେବା ନିକେତନ ସଭାପତି ହରିଶ୍ଚନ୍ଦ୍ର ଜେନା, ସତୀର୍ଥର ସମ୍ପାଦକ କବି ମନ୍ମଥ ବରାଳ, କବି ଅମର ରାଉତ, କବି ଅଶୋକ ସାହୁ, କବି ବିଷ୍ଣୁପ୍ରିୟା ସାମଲ, ଶିକ୍ଷକ ରତ୍ନାକର ବରାଳ, ବିଜୟ ଦାସ, ବିକ୍ରମ କେଶରୀ ପରିଡା, ବିକ୍ରମ ସାମଲ, ଭାଗ୍ୟଲକ୍ଷ୍ମୀ ପରିଡା, ଶୁଭଲକ୍ଷ୍ମୀ ପରିଡା, ଅଙ୍କିତା ପରିଡା, ବାସନ୍ତୀ ମହାପାତ୍ର, ରେ?ଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଚିନ୍ମୟାନନ୍ଦ ମହାପାତ୍ର, ଅଜୟ ପାତ୍ର, ଅଖିଳ ସ୍ୱାଇଁ , ଗୌତମ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି କାମନା ପୂର୍ବକ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ନିରୁପମା ଜେନା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାଇଥିଲେ। ହରେକୃଷ୍ଣ ପଣ୍ଡାଙ୍କ ପ୍ରିୟ ଛାତ୍ର ଗୀତିକାର ବିମଳ ପରିଡା ସ୍ୱର୍ଗତ ପଣ୍ଡାଙ୍କୁ ଜଣେ ଛାତ୍ର ବତ୍ସଳ ଶିକ୍ଷକ, ବଳଦେବଜୀଉଙ୍କ ସେବକ, ଦୁର୍ଗା ମନ୍ଦିରର କର୍ମକର୍ତ୍ତା, ପ୍ରବୀଣ ଇଂରାଜୀ ଶିକ୍ଷକ, କେନ୍ଦ୍ରାପଡ଼ା ପୌର ପରିଷଦର କାଉନସିଲର, ଜଣେ ଅମାୟିକ ଧର୍ମପ୍ରାଣ ଓ ମିଷ୍ଟଭାଷୀ ବ୍ୟକ୍ତି ବର୍ଣ୍ଣନା କରିଥିଲେ। ଆବାହକ ବିମଳ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।



# କୁଳମଣି ରାଉତଙ୍କ ପରଲୋକ

ରାଜକନିକା,୩।୬(ସମିସ): ରାଜକନିକା ବ୍ଲକ୍ କୋଇଲିପୁର ଗ୍ରାମର କୁଳମଣି ରାଉତଙ୍କ ସୋମବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ରାଉତ ଜଣେ ସମାଜ ସଂସ୍କାରକ ଭାବେ ପରିଚିତ ଥିବାବେଳେ ବହୁ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଅସହାୟ ଓ ଅଭାବୀ ବ୍ୟକ୍ତିଙ୍କୁ ସେମାନଙ୍କ ଆର୍ଥିକ ସହଯୋଗ କରିଆସୁଥିବା କୁଳମଣି ଶେଷ ସମୟ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ତାଙ୍କର ପରଲୋକରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀର ସ୍ଥାନୀୟ ଅଞ୍ଚଳରେ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ରମାକାନ୍ତ, କ୍ଷୀରୋଦ, ନିରୋଦ, ରାଜେନ୍ଦ୍ର, ଶୈଳେନ୍ଦ୍ର, ଜିତେନ୍ଦ୍ର, ନାତି ରାଜକୁମାର, ଝିଅବାଇଁ ଉପସ୍ଥିତ ଥିଲେ।



# ଅବନୀ ବରାଳଙ୍କ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା,୩।୬(ସମିସ): କେନ୍ଦ୍ରାପଡ଼ା ସହରସ୍ଥ ପ୍ରେସ୍ କ୍ଲବ ପରିସରରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ଆନୁକୂଲ୍ୟରେ ଦିବଂଗତ ଶିକ୍ଷକ ନେତା ତଥା ଶିକ୍ଷକ ମହାସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରଫେସର ଅବନୀ ବରାଳଙ୍କ ୯୧ତମ ଜୟନ୍ତୀ ସଂଘର ଉପଦେଷ୍ଟା ପ୍ରାକ୍ତନ ଅଧ୍ୟକ୍ଷ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ସଂଘ ସଭାପତି ଗୋଲଖ ମହାଭୋଇ, ସମ୍ପାଦକ ନବଘନ ମହାରଣା, ପ୍ରାକ୍ତନ ଅଧ୍ୟକ୍ଷ ଡ. ଉପେନ୍ଦ୍ର ନାଥ ପ୍ରଧାନ, ରମଣୀରଞ୍ଜନ ରାଉତରାୟ ଯୋଗଦେଇ ଅବନୀ ବରାଳଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସଙ୍ଗେ ସଙ୍ଗେ ତାଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତପୋଷଣ କରିଥିଲେ। ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ମହାସଙ୍ଘର କାର୍ଯ୍ୟଧାରାକୁ ଆଗକୁ ନେବାକୁ ସଭାପତି ଅଜୟ ସାମଲ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ବହୁ ଶିକ୍ଷକ, ଅଧ୍ୟାପକ, ସଂଗଠକ ଓ ପତ୍ରକାର ଯୋଗଦେଇ ସ୍ୱର୍ଗତ ବରାଳଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଧିରେନ ବେହେରା, ବୈଷ୍ଣବ ସ୍ୱାଇଁ, ମଧୁସୂଦନ ବାରିକ, ଅବଧୂତ ରାଉତ, ରାଜକିଶୋର ନାୟକ, ନୃସିଂହ ତ୍ରିପାଠୀ, ଭାଗୀରଥି ଜେନା, ତପନ ଦାଶ, ସୁରେଶ ପଟ୍ଟନାୟକ, ଗୟାଧର ଧଳ, ଉମେଶ ବିଶ୍ୱାଳ, ହୃଷିକେଶ ମହାରଣା, ଆଶିଷ ସେନାପତି, ପ୍ରମୋଦ ଦାସ, ମଥୁରାନନ୍ଦ ସାହୁ, ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ■ ବ୍ଲକ୍ ପ୍ରଶାସନ ପକ୍ଷରୁ ନାହିଁ ବ୍ୟବସ୍ଥା

# ରାସନ କାର୍ଡ ପାଇଁ ଖରାରେ ସିଝୁଛନ୍ତି ହିତାଧିକାରୀ

ଆଳି,୩।୬(ସମିସ):

ରାଜ୍ୟ ସରକାର ନୂଆ ରାସନ କାର୍ଡ ଆବେଦନ କରିବାକୁ ଘୋଷଣା କରିଛନ୍ତି। ନୂଆ ରାସନ କାର୍ଡ ପାଇଁ ସମସ୍ତଙ୍କୁ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ପରିସରରେ ଥିବା ଖାଦ୍ୟ ଖାଉଟି ଯୋଗାଣ ଅଫିସରେ ନୂଆ ରାସନ କାର୍ଡ ଆବେଦନ କରିଥିବା ଲୋକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ସକାଳ ୭ଟାରୁ ଲୋକେ ଇ-କେୱାଇସି ପାଇଁ ବ୍ଲକ ପରିସରରେ ଅପେକ୍ଷା କରୁଛନ୍ତି। ବ୍ଲକ୍ ପରିସରରେ ସାଧାରଣ ଲୋକଙ୍କ ପାଇଁ କୌଣସି ପ୍ରତୀକ୍ଷା ରୁମ ନ ଥିବାରୁ ପ୍ରଚଣ୍ଡ ଖରା ତାତିରେ ଲୋକେ ଘଣ୍ଟା ଘଣ୍ଟା ଧରି ହନ୍ତସନ୍ତ ହେଉଛନ୍ତି।

ରାଜ୍ୟ ସରକାର ଗ୍ରୀଷ୍ମପ୍ରବାହ ପାଇଁ ଜଳଛତ୍ରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଲୋକଙ୍କ ପାଇଁ ବ୍ଲକ୍ ପରିସରରେ ପାନୀୟ ଜଳର ବ୍ୟବସ୍ଥା ନାହିଁ। କେବଳ ସେତିକି ନୁହେଁ ବାରଣ୍ଡାରେ ଫ୍ୟାନ ମଧ୍ୟ ନାହିଁ। ଫଳରେ ଲୋକେ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି। ବ୍ଲକ୍ ପ୍ରଶାସନିକ ଅଧିକାରୀ ଶୀତତାପ ନିୟନ୍ତ୍ରିତ ଅଫିସରେ ବସୁଥିବାବେଳେ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କ ପାଇଁ ଫ୍ୟାନର ବ୍ୟବସ୍ଥା ନାହିଁ। ଏଥିସହ ସାଧାରଣ ଲୋକଙ୍କ ପାଇଁ ଶୌଚାଳୟ ନିର୍ମାଣ ଦାବି ହେଉଥିଲେ ହେଁ ଏହା କରାଯାଉନି। ପୂର୍ବରୁ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ଓ ସମିତି ସଭ୍ୟ ଏ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହି ସମସ୍ୟା ଆଜି ଯାଏଁ ଦୂର ହୋଇପାରିଲାନାହିଁ। ଶୌଚାଳୟ ନ ଥିବାରୁ ବ୍ଲକ୍‌କୁ ଆସୁଥିବା ମହିଳା ବହୁତ ହଇରାଣ ହେଉଛନ୍ତି। ଶୌଚାଳୟ, ପିଇବା ପାଣି ବ୍ୟବସ୍ଥା ଓ ଫ୍ୟାନ ଲଗାଇବା ପାଇଁ ହିତାଧିକାରୀ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ମୁଁ ଲୋକଙ୍କ ଦାବିପତ୍ର ପାଇଛି। ଖୁବଶୀଘ୍ର ପିଇବା ପାଣି ଓ ଫ୍ୟାନର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



## 'ଅବନୀ ବରାଳଙ୍କ ଭଳି ଶିକ୍ଷକ ନେତା ଆଜିର ଦିନରେ ବିରଳ'



ଜଗତସିଂହପୁର,୩।୬(ସମିସ):ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଜଗତସିଂହପୁର ମାଟିର ଗୌରବ ତଥା ଅପ୍ରତିଦ୍ୱନ୍ଦ୍ୱୀ ଶିକ୍ଷକ ନେତା ପ୍ରଫେସର ଅବନୀ ବରାଳଙ୍କ ୯୦ତମ ଜୟନ୍ତୀ ସଦର ବ୍ଲକ ଅନ୍ତର୍ଗତ ପଲ୍ଲୀସ୍ଥ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ଓଡ଼ିଶା ଶିକ୍ଷା ଆଇନ, ଚାକିରି ସର୍ତ୍ତାବଳୀ, ପ୍ରତ୍ୟକ୍ଷ ଅନୁଦାନ, ୟୁଜିସି ବେତନ ଓ ପେନସନ୍ ଇତ୍ୟାଦି ସୁବିଧା ଶିକ୍ଷକଙ୍କୁ ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ବରାଳଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଚେୟାରମ୍ୟାନ ଇଂ ସୁଧାଂଶୁ ଶେଖର ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ବରାଳଙ୍କ ଭଳି ଶିକ୍ଷକ ନେତା ଆଜିର ଦିନରେ ବିରଳ ବୋଲି କହିବା ସହ ଏକାଧାରରେ ସେ ଜଣେ ପ୍ରବୀଣ ଶିକ୍ଷାବିତ୍, ସୁସାହିତ୍ୟିକ ଓ ସ୍ତମ୍ଭକାର ଭାବେ ସୁନାମ ଅର୍ଜନ କରିଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସାହୁ ଓ ଶିକ୍ଷକ ବିଭୁପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଆଶ୍ରମପାଟଣାସ୍ଥ ବିଜୁ ପଟ୍ଟନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଓ ବାଲିକୁଦା ବ୍ଲକ ଅନ୍ତର୍ଗତ ମୁଲୁଗାଁ ମୁକ୍ତେଶ୍ୱର ପଞ୍ଚାୟତିରାଜ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଅରୁଣ କୁମାର ମହାରଣାଙ୍କୁ ଶିକ୍ଷା ଓ ସଂଗଠନ କ୍ଷେତ୍ରରେ ଅବଦାନ ପାଇଁ ଚଳିତ ବର୍ଷ ନିମନ୍ତେ ଅବନୀ ବରାଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

■ ବିଶ୍ୱ ସାଇକଲ ଦିବସ ପାଳିତ

## 'ସୁସ୍ଥ ରହିବା ସହିତ ମାନସିକ ଶାନ୍ତି ବଜାୟ ରଖିବାକୁ ସାଇକଲ ଚଳାଇବା ଆବଶ୍ୟକ'



ପାରାଦୀପ, ୩।୬(ସମିସ): ପରିବେଶ କହିଲେ ସାଧାରଣତଃ କୌଣସି ଏକ ସ୍ଥାନର ପାରିପାର୍ଶ୍ୱିକ ଅବସ୍ଥାକୁ ବୁଝାଇ ଥାଏ। କିନ୍ତୁ ଦିନକୁ ଦିନ ବଢୁଥିବା ପରିବେଶ ପ୍ରଦୂଷଣ ମଣିଷ ସମାଜ ଓ ଜୀବଜଗତ ପାଇଁ ବଡ଼ ବିପଦ ପାଲଟିଛି। ପାରାଦୀପଠାରୁ ଅନୁଗୁଳ ଓ ଦିଲ୍ଲୀ ପର୍ଯ୍ୟନ୍ତ ଧୂଳି ଧୂଆଁ ଓ ବାୟୁ ପ୍ରଦୂଷଣର ମୁଖ୍ୟ ସହର ଭାବେ ଗଣାଯାଉଛି। ଏ ପରିପ୍ରେକ୍ଷୀରେ ପାରାଦୀପର ପରିବେଶ କର୍ମୀ ବାପି ଗୋଚ୍ଛାୟତଙ୍କ ଦ୍ୱାରା ପାରାଦୀପ ପୌରପାଳିକା ସହଯୋଗରେ ବିଶ୍ୱ ସାଇକଲ ଦିବସ ଆୟୋଜିତ ହୋଇଛି। ଏଥିରେ ପାରାଦୀପର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୌଣସି ଏକ ପାଖ ସ୍ଥାନକୁ ଗଲେ ସାଇକଲରେ ଯିବା, ନିଜକୁ ଫିଟ୍ ରଖିବା ପାଇଁ ସାଇକଲ ଚଳାଇବା ଓ ମାନସିକ ଶାନ୍ତି ପାଇଁ ସାଇକଲ ଚଳାଇବା ଦରକାର। ଆଜିର ଜନସଂଖ୍ୟା ବୃଦ୍ଧି ଓ ଯାନବାହନ ବ୍ୟବହାର ଯୋଗୁଁ ବହୁଳ ଇନ୍ଧନ ବ୍ୟବହାର ଦ୍ୱାରା ଦୂଷିତ ଗ୍ୟାସ ନିର୍ଗତ ହୋଇଥାଏ। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହୋଇ ବିଶ୍ୱ ତାପମାତ୍ରାକୁ ବୃଦ୍ଧି କରେ। ଏହି ବିଶ୍ୱ ସାଇକଲ ଦିବସରେ ୩୫ ଜଣ ଛାତ୍ର ପାରାଦୀପ ବେଳାଭୂମି ପାଖ ବତୀଘରଠାରୁ ବାହାରି ପାରାଦୀପ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ପାରାଦୀପର ସମସ୍ତ ଶ୍ରମିକ ଓ ବାସିନ୍ଦା ନିଜ କର୍ମକ୍ଷେତ୍ର ବା ବଜାରକୁ ଆସିଲେ ସାଇକଲ ଚଳାଇ ଆସିବାକୁ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌରପାଳିକାର ପ୍ରୀତିରଞ୍ଜନ ପାଢ଼ୀ, ସରସ୍ୱତୀ ଶିଶୁ ମନ୍ଦିରର ସଞ୍ଜିତ କୁମାର ଜେନା ଓ ବନ୍ଦର ସହରର ବିଭିନ୍ନ ଯୁବ ସଂଗଠନ ଓ ସଚିଦାନନ୍ଦ କାଣ୍ଡାର, ବିଶ୍ୱଜିତ୍ ସ୍ୱାଇଁ ଓ ଶୁଭମ ବଳିଆରସିଂ ପ୍ରମୁଖ ସାଇକଲ ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

## ଅବ୍ୟବସ୍ଥା ମଧ୍ୟରେ କୁଜଙ୍ଗ, ପଙ୍କପାଳ ପରିବା ହାଟ

କୁଜଙ୍ଗ,୩।୬(ସମିସ): କୁଜଙ୍ଗ ବ୍ଲକ୍‌ର ପୁରୁଣା ହାଟ କୁଜଙ୍ଗ ଓ ପଙ୍କପାଳ। ପଙ୍କପାଳ ହାଟ ବୁଧବାର ଓ ରବିବାର ବସିଥାଏ। କୁଜଙ୍ଗ ହାଟ ଶନିବାର ଓ ମଙ୍ଗଳବାର ବସିଥାଏ। ପଙ୍କପାଳ ଓ କୁଜଙ୍ଗ ଭଳି ଦୁଇଟି ବଡ ହାଟକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ବ୍ୟବସାୟୀ ଓ ଚାଷୀ ଦି' ପଇସା ଆଶାରେ ଆସିଥା'ନ୍ତି। ମାତ୍ର କୁଜଙ୍ଗ ବଜାରରେ ଗତ ହାଟ ଦିନ ଚାଷୀ ଓ ବ୍ୟବସାୟୀଙ୍କ ଅବସ୍ଥା କହିଲେ ନସରେ। ଅଦିନିଆ ବର୍ଷାରେ ବଜାରରେ ପାଦ ବୁଡ଼ିଲା ଭଳି ପାଣି ସହ ପରିବା ଉପରେ ପଚା ପାଣି ପ୍ରବାହିତ ହୋଇଥିଲା। ତୁରନ୍ତ ରାହାମା ଭଳି କୁଜଙ୍ଗରେ ପରିବା ବ୍ୟବସାୟୀଙ୍କ ପାଇଁ ପିଣ୍ଡି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ସମାଜସେବୀ ରଜନୀକାନ୍ତ



ଦାସ, ବରିଷ୍ଠ ବ୍ୟବସାୟୀ ସୁରେଶ ଦାସ। ରାହାମା ଭଳି କୁଜଙ୍ଗ ନିୟନ୍ତ୍ରିତ ବଜାର କମିଟି ଅଧୀନରେ ପରିଚାଳିତ ହେଉଥିବାବେଳେ ଏହି ବଜାର ଉନ୍ନତି ପାଇଁ ଶିଳ୍ପମନ୍ତ୍ରୀ ତଥା ପାରାଦୀପ ବିଧାୟକ ଦୃଷ୍ଟି ଦେବାକୁ ଦାବି ହୋଇଛି। ସେହିପରି ପଙ୍କପାଳ ହାଟର ମଧ ସମଦଶା।ଏହି ହାଟକୁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ପରିବା ବ୍ୟବସାୟୀ, ପରିବା ଚାଷୀ ଓ ଗ୍ରାହକ ଆସିଥା'ନ୍ତି। ସାମାନ୍ୟ ବର୍ଷାରେ ଉଭୟ ଚାଷୀ, ବ୍ୟବସାୟୀ ଓ ଗ୍ରାହକ ବହୁ ଅସୁବିଧା ଭୋଗୁଥିବାବେଳେ ବ୍ୟବସାୟୀ କ୍ଷତି ସହିଥା'ନ୍ତି। ଗତବର୍ଷ ପଙ୍କପାଳ ବଣିକ ସଂଘ ପକ୍ଷରୁ ବ୍ୟବସାୟୀଙ୍କ ହିତ ପାଇଁ ମାଟି ପକାଯାଇ ଉଚ୍ଚ କରାଯାଇଥିବାବେଳେ ଏବେ ବର୍ଷାଦିନେ ଜରି ପାଲ ବ୍ୟବସାୟୀଙ୍କ ସାହା ପାଲଟିଛି। ଏହି ହାଟର ଉନ୍ନତୀକରଣ ସହ ପରିବା ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ ଜୋନ୍ ବା ପିଣ୍ଡି ପ୍ରତିଷ୍ଠା କରିବାକୁ ପଙ୍କପାଳ ବଣିକ ସଂଘ ସଭାପତି ଫକୀର ଦାସ, ପୂର୍ବତନ ନାଏବ ସରପଞ୍ଚ କିଶୋର ପରିଡ଼ା, ବରିଷ୍ଠ ବ୍ୟବସାୟୀ ନବୀନ ସାହୁ, ପବିତ୍ର ପରିଡା, ପ୍ରଭାତ ମହାପାତ୍ର ପ୍ରମୁଖ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ୩ ମାସ ହେଲା ନାହାନ୍ତି ବିଡିଓ

# ନାଉଗାଁ ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଜଗତସିଂହପୁର/ନାଉଗାଁ,୩।୬(ସମିସ):

ଜଗତସିଂହପୁର ଜିଲ୍ଲାର ସଦର ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ଆସୁଛି ନାଉଗାଁ ପଞ୍ଚାୟତ ସମିତି। ୧୬ଟି ପଞ୍ଚାୟତକୁ ନେଇ ଗଠିତ ଏହି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମାସ ମାସ ଧରି ବିଡିଓଙ୍କ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସୁଥିବା ହିତାଧିକାରୀ ହଇରାଣ ହେଉଥିବା ଅଭିଯୋଗ କରାଯାଇଛି।

ସୂଚନା ମୁତାବକ, ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପୂର୍ବରୁ ନିଯୁକ୍ତି ପାଇଥିବା ବିଡିଓ ତପନ ମହାପାତ୍ରଙ୍କ ଗତ ଫେବୃଆରୀ ଦ୍ୱିତୀୟ ସପ୍ତାହରେ ଅନ୍ୟତ୍ର ବଦଳି ପରେ ଅଦ୍ୟାବଧି ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ମିଳିନାହିଁ। ଜଗତସିଂହପୁର ବ୍ଲକ୍ ବିଡିଓ ଆଶୁତୋଷ ମିଶ୍ର ଏଠାରେ କାମଚଳା ବିଡିଓ ଭାବେ ଦାୟିତ୍ୱ ତୁଲାଉଥିବାବେଳେ ୩ ମାସ ମଧ୍ୟରେ ମାତ୍ର ୪/୫ ଥର ନାଉଗାଁ ଆସିଥିବା ଖୋଦ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଅଭିଯୋଗ




କରିଛନ୍ତି। ଏପରିକି ଭାରପ୍ରାପ୍ତ ବିଡିଓ ଶ୍ରୀ ମିଶ୍ରଙ୍କୁ ସପ୍ତାହରେ ୨ ଦିନ ନାଉଗାଁ ଆସିବା ପାଇଁ ପ୍ରସ୍ତାବ ଦିଆଯାଇଥିବାବେଳେ ସେ ତାଙ୍କ ଇଚ୍ଛାରେ ଆସିବେ ବୋଲି କହିଥିବା ଅଭିଯୋଗ କରିଛନ୍ତି ପ୍ରତାପ। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଲିଖିତ ଭାବେ ଜଣାଇବା ସହିତ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିବା ସୂଚନା ଦେଇଛନ୍ତି ପ୍ରତାପ। କେବଳ ବିଡିଓ ପଦବୀ ନୁହେଁ, ଏହି ପଞ୍ଚାୟତ ସମିତି କାର୍ଯ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ସାମାଜିକ ସୁରକ୍ଷା ଅଧିକାରୀ ପଦ ବର୍ଷାଧିକ କାଳ ଖାଲି ପଡିଥିବାବେଳେ ଭତ୍ତା ବଣ୍ଟନ ଓ ଅନ୍ୟ ଆନୁସଙ୍ଗିକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। କାର୍ଯ୍ୟାଳୟ ଉନ୍ନୟନ ବିଭାଗରେ ଗୋଟିଏ କିରାଣି ପଦ ଖାଲି ପଡିଥିବାବେଳେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ଏପିଓ ପଦବୀ ମଧ ବର୍ଷାଧିକ ସମୟ ଧରି ଖାଲିରହିଛି। ଫଳରେ ନାଉଗାଁ ଅଞ୍ଚଳରେ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନି।

ଅନ୍ୟପକ୍ଷରେ ୩ ଜଣ ସହକାରୀ ଯନ୍ତ୍ରୀଙ୍କ ମଧ୍ୟରୁ ମାତ୍ର ଜଣେ ଦାୟିତ୍ୱ ତୁଲାଉଥିବାବେଳେ ଅନ୍ୟ ଦୁଇଟି ପଦ ଖାଲିରହିଛି। କେବଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୁହେଁ ନାଉଗାଁ ବ୍ଲକ୍‌ର ଅନ୍ୟ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ପଦ ଖାଲିପଡିଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କୁ ପଚାରିବାରୁ ନାଉଗାଁ ବ୍ଲକ୍‌ରେ ବିଡିଓ ନିଯୁକ୍ତି ପାଇଁ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି ଓ ଯଥାଶୀଘ୍ର ଏହି ପଦବୀ ପୂରଣ ହେବ ବୋଲି ସେ କହିଛନ୍ତି।

## ମୁଖ୍ୟ ରାସ୍ତା ପାଲଟିଛି ବୁଲା ଗୋରୁଗାଈଙ୍କ ଆଶ୍ରୟସ୍ଥଳ

କୁଜଙ୍ଗ,୩।୬(ସମିସ): କୁଜଙ୍ଗ ପାରାଦୀପ ବନ୍ଦରର ମୁଖଶାଳା। ଏହା ଏକ ବ୍ୟବସାୟିକ ପେଣ୍ଠସ୍ଥଳ। ଏଠାରେ ବ୍ଲକ୍, ତହସିଲ୍ ଅଫିସ୍, ବ୍ୟାଙ୍କ୍, ପୋଷ୍ଟ ଅଫିସ୍ ସମେତ ଥାନା, କୋର୍ଟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ଦୈନିକ ହଜାର ହଜାର ଲୋକ କୁଜଙ୍ଗ ଉପରେ ନିର୍ଭର କରିଥା'ନ୍ତି। ଶନିବାର ଓ ମଙ୍ଗଳବାର ସାପ୍ତାହିକ ହାଟ ଥିବାରୁ ହାଟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୁଏ। କୁଜଙ୍ଗ ବଜାରକୁ ପାରାଦୀପର ବହୁ ପରିବା ବ୍ୟବସାୟୀ ଆସିଥା'ନ୍ତି ପରିବା କିଣିବା ପାଇଁ। ଏଭଳି ଗୁରୁତ୍ୱପୂର୍ଣ୍ଣ କୁଜଙ୍ଗ ବଜାର ରାସ୍ତାଘାଟରେ ବୁଲା ଗୋରୁଗାଈଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାସ୍ତାରେ ଗୋରୁଙ୍କ ଯୋଗୁଁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏଥିସହ ଅଜଣା ଗାଡ଼ି ଧକ୍କାରେ କେତେ ଗୋରୁ ମରୁଛନ୍ତି ତା'ର ହିସାବ ନାହିଁ। କୁଜଙ୍ଗ ପୁଲିସ ଓ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ଆମ ସଂକଳ୍ପ ସଚେତନତା ରଥର ଶୁଭାରମ୍ଭ



ଜଗତସିଂହପୁର,୩।୬(ସମିସ): ଜଗତସିଂହପୁର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମାଦକଦ୍ରବ୍ୟ କାରବାର ବନ୍ଦ କରିବା ଲକ୍ଷ୍ୟରେ ପ୍ରସ୍ତୁତ ହୋଇଥିବା ସଂକଳ୍ପ ସଚେତନତା ରଥ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଜିଲ୍ଲାପାଳ ଜେ. ସୋନାଲ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜଗତସିଂହପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଓ ପୌରାଞ୍ଚଳ ବୁଲି ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ଲୋକଙ୍କୁ ସଚେତନ କରାଇବ। ରଥ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବୁଲିବ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଅବକାରୀ ଅଧିକ୍ଷୀକା ଅନୀତା ପ୍ରଧାନ, ଡେପୁଟି ଅବକାରୀ ଅଧିକ୍ଷୀକା ଆଦ୍ୟାଶା ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତିଙ୍କ ସମେତ ଅବକାରୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାରେ ଚାଲିଥିବା ବେଆଇନ ମାଦକ ଦ୍ରବ୍ୟ କାରବାର ଉପରେ ଲାଗିବ ଲଗାମ ଓ ଏହି କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଅବକାରୀ ବିଭାଗ ସଂକଳ୍ପବଦ୍ଧ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସଦର ଏସ୍‌ଡିପିଓଙ୍କ ସମେତ ଦୁଇ ଡିଏସ୍‌ପି ପଦବୀ ଖାଲି

## ଶିଥିଳ ହେଉଛି ତଦନ୍ତ ପ୍ରକ୍ରିୟା

ଜଗତସିଂହପୁର,୩।୬(ସମିସ): ଜଗତସିଂହପୁର ଜିଲ୍ଲା ପୁଲିସ ବିଭାଗରେ କେତେକ ଗୁରୁତ୍ୱପୂର୍ଣ୍ଣ ପଦବୀ ମାସ ମାସ ଧରି ଖାଲିପଡ଼ିଥିବାରୁ ତଦନ୍ତ ପ୍ରକ୍ରିୟା ଶିଥିଳ ହୋଇପଡୁଥିବା ଅଭିଯୋଗ ହେଉଛି। ଗତ ଫେବୃଆରୀ ମାସରୁ ସଦର ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁଙ୍କ ଅନ୍ୟତ୍ର ବଦଳି ପରେ ପୂର୍ବରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଥାନାରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିବା ବରିଷ୍ଠ ପୁଲିସ ଅଧିକାରୀ ବଳରାମ ନାୟକଙ୍କୁ ଏଠାରେ ନିଯୁକ୍ତି ମିଳିଥିଲା। ତେବେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଏକ ସଡ଼କ ଦୁର୍ଘଟଣାରେ ଶ୍ରୀ ନାୟକ ପ୍ରାଣ ହରାଇଥିଲେ। ସେବେଠାରୁ ଏହି ପଦବୀରେ ଆଉ କାହାରିକୁ ନିଯୁକ୍ତି ମିଳିନାହିଁ। ଫଳରେ ସଦର ଏସ୍‌ଡିପିଓଙ୍କ ଅଧୀନରେ ଆସୁଥିବା ଜଗତସିଂହପୁର ଥାନା, ବାଲିକୁଦା ଥାନା, ନାଉଗାଁ ଥାନା, ବିରିଡି ଥାନା ଓ ବନ୍ଦର ଥାନା ଅଞ୍ଚଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ସଠିକ୍ ଭାବେ ତଦନ୍ତ ହୋଇପାରୁ ନ ଥିବା ସାଧାରଣରେ ଅଭିଯୋଗ କରାଯାଇଛି। ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ଏଠାରେ କାମଚଳା ଏସ୍‌ଡିପିଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ଗତ ଫେବୃଆରୀ ମାସରୁ ଜିଲ୍ଲା ପୁଲିସ ମୁଖ୍ୟାଳୟର ଡିଏସ୍‌ପି ଜ୍ୟୋତି ସାମନ୍ତରାୟଙ୍କ ଅନ୍ୟତ୍ର ବଦଳି ପରେ ତାଙ୍କ ପଦବୀ ଖାଲିପଡ଼ିଛି। ଅନ୍ୟଜଣେ ଡିଏସ୍‌ପି ପ୍ରଦୀପ କୁମାର କେରକେଟାଙ୍କ ମଧ ଗତ ଜାନୁଆରୀ ମାସରୁ ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ଅଦ୍ୟାବଧି କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ଦୁଇଜଣ ଡିଏସ୍‌ପି ଓ ସଦର ଏସ୍‌ଡିପିଓ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମାସ ମାସ ଧରି ଖାଲିପଡ଼ିବା ଯୋଗୁଁ ପୁଲିସ ତଦନ୍ତ ପ୍ରକ୍ରିୟାରେ ଶିଥିଳତା ଦେଖାଦେବା ସହିତ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟରେ ମଧ ବାଧା ଉପୁଜୁଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ଓ ସ୍ଥାନୀୟ ଜନପ୍ରତିନିଧି ଏହି ଖାଲିଥିବା ବରିଷ୍ଠ ପୁଲିସ ଅଧିକାରୀ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

## ନୀଳାଚଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ



କୁଜଙ୍ଗ,୩।୬(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ସମାଗୋଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳ୍ପତରୁ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ସାମୂହିକ ପ୍ରାର୍ଥନା, ଅନୁଭୂତି କଥନ ଓ ଆଲୋଚନାରେ ଭାଗ ନେଇଥିଲେ। ପ୍ରାତଃ ୪ଟାରେ ଆବାହନ ସଂଗୀତ ଗାନ, ଷୋଡ଼ଶ ଉପଚାର ପୂଜା, ପ୍ରାର୍ଥନା ଓ ଶାସ୍ତ୍ର ପାଠ କରାଯାଇଥିଲା। ସଂଘର ସଭାପତି ଆଇନଜୀବୀ ହରିହର ସାହୁଙ୍କ ସମେତ ଦିଲ୍ଲୀପ କୁମାର ଦାସ, ପ୍ରଭଞ୍ଜନ ସେନାପତି, ମାନସ ପରିଡା, ଶକ୍ତି ଚୈତନ୍ୟ ନନ୍ଦ, ଅସିତ ସାହୁ, ସତ୍ୟସ୍ୱରୂପ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ଇଫ୍‌କୋ ଆନ୍ତଃୟୁନିଟ୍ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ




ପାରାଦୀପ, ୩।୬(ସମିସ): ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ)ର ଆନ୍ତଃୟୁନିଟ୍ ସାଂସ୍କୃତିକ ମହୋତ୍ସବର ଦ୍ୱାଦଶ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଇଫକୋ ଅଧ୍ୟକ୍ଷ ଦିଲ୍ଲୀପ ସଂଘାନୀ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ।ଳ ତାଙ୍କ ପତ୍ନୀ ଶ୍ରୀମତୀ ଗୀତା ବେନ ଉପସ୍ଥିତ ଥିଲେ। ଇଫ୍‌କୋ ପାରାଦୀପର ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର ସ୍ୱାଗତ ଜଣାଇ ପାରାଦୀପ ପରିବାରର ଅଧ୍ୟକ୍ଷଙ୍କୁ ଆତିଥ୍ୟ ଓ ଏତେ ବଡ଼ କାର୍ଯ୍ୟକ୍ରମ ପାଇଁ ଆନନ୍ଦ ପ୍ରକାଶ କରିଥିଲେ। ସେ ଅଧ୍ୟକ୍ଷଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ। ଦିଲ୍ଲୀପ ସଂଘାନୀ ସଂଗଠନ ମଧ୍ୟରେ ଏକତା ଓ ସାଂସ୍କୃତିକ ଆଦାନପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। "ଆମକୁ ଏକାଠି କରୁଥିବା ଏଭଳି ଉତ୍ସବ ମାଧ୍ୟମରେ ଆମେ ଗୋଟିଏ ପରିବାର ଭାବେ ଅଧିକ ଶକ୍ତିଶାଳୀ ହୋଇଥାଉ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଇଫକୋ ଲାଭ ଦ୍ୱାରା ପରିଚାଳିତ ନୁହେଁ, ବରଂ ଭାରତ ସରକାରଙ୍କ ସହଯୋଗରେ ଭାରତର କୃଷକଙ୍କ ସେବା କରିବା ପାଇଁ ଏହାର ଲକ୍ଷ୍ୟ ଦ୍ୱାରା ପରିଚାଳିତ। ଭାରତରେ ଉଦ୍ଭାବିତ ନାନୋ ୟୁରିଆ ଓ ନାନୋ ଡିଏପି ବର୍ତ୍ତମାନ ସାରା ବିଶ୍ୱରେ ପ୍ରସାରିତ ହେଉଛି। ଯାହା ଦେଶକୁ ଗର୍ବିତ କରୁଛି।

ଏହି କାର୍ଯ୍ୟକ୍ରମରେ ଫୁଲପୁର ୟୁନିଟ୍ ମୁଖ୍ୟ ସଞ୍ଜୟ କୁଡେସିଆ, ତାଙ୍କ ପତ୍ନୀଙ୍କ ସହିତ ମଧ ଉପସ୍ଥିତ ଥିଲେ। ବରିଷ୍ଠ ଅଧିକାରୀ, ଇଫକୋ କର୍ମଚାରୀ ସଂଘର ସମ୍ମାନିତ ସଦସ୍ୟ, ଇଫକୋ ଅଧିକାରୀ ସଂଘ, ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ପାଇଁ ସେମାନଙ୍କର ସମୟ ଉତ୍ସର୍ଗ କରିଥିବା ବିଚାରକଙ୍କ ଏକ ପ୍ୟାନେଲ ଉପସ୍ଥିତ ଥିଲେ। ସମସ୍ତଙ୍କୁ ଉଦାରତାର ସହ ସ୍ୱାଗତ କରାଯାଇଥିଲା। ପି କେ ମହାପାତ୍ର ପୁନର୍ବାର କହିଥିଲେ ଯେ, ଆଇୟୁସିଏଫ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଉତ୍ସବ ଓ ଏକ ମଞ୍ଚ ଯାହା ଇଫକୋ କର୍ମଚାରୀ, ସେମାନଙ୍କ ପରିବାରର ସୃଜନଶୀଳତାକୁ ପୋଷଣ କରେ। ଆଇୟୁସିଏଫର ମୁଖ୍ୟ ସଂଯୋଜକ ଏସ୍.ପି. ରଥ ଉପସ୍ଥିତ ଥିଲେ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବରେ ସଙ୍ଗୀତ, ନୃତ୍ୟ, ନାଟକ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

ମିଳୁନି ପ୍ରୋତ୍ସାହନ

# ସଙ୍କଟରେ କୁଜଙ୍ଗ ମତ୍ସ୍ୟଜୀବୀ ଓ କୈବର୍ତ୍ତ ସମାଜ

କୁଜଙ୍ଗ,୩।୬(ସମିସ):

ରାଜ୍ୟ ସରକାର ମାଛ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ନୂତନ କରି ନୀଳ ବିପ୍ଳବ ଓ ଭିନ୍ନ ନାମରେ ଏକାଧିକ ପ୍ରକାର ଯୋଜନା କରୁଥିବାବେଳେ କୁଜଙ୍ଗ ମତ୍ସ୍ୟଜୀବୀଙ୍କ ସେପରି ସମୃଦ୍ଧି ହେଉ ନ ଥିବା ଅଭିଯୋଗ ହୋଇଛି। ସମୁଦ୍ରରେ ମାଛମରା ବନ୍ଦ ସମୟରେ ମତ୍ସ୍ୟଜୀବୀଙ୍କୁ କେତେକ ଅଞ୍ଚଳରେ ଚାଉଳ ଆଦି ସାମଗ୍ରୀ ସରାକରଙ୍କୁ ପକ୍ଷରୁ ଯୋଗାଣ ଯୋଗାଣ କରାଯାଉଛି। ଏପରିକି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅଞ୍ଚଳର ମତ୍ସ୍ୟଜୀବୀଙ୍କ ପାଇଁ ପ୍ରଚଳନ କରାଯାଉଥିବା ବିଭିନ୍ନ ଯୋଜନାକୁ କୁଜଙ୍ଗ ଅଞ୍ଚଳରେ ଥିବା କୈବର୍ତ୍ତଙ୍କ ପାଇଁ କାର୍ଯ୍ୟକାରୀ କରିବାକୁ କୈବର୍ତ୍ତ ନେତା କବି ପୀତାମ୍ବର ତରାଇ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ସୂଚନା ମୁତାବକ, ଏକଦା କୁଜଙ୍ଗ ଅଞ୍ଚଳ ସମଗ୍ର ରାଜ୍ୟରେ ପାନ, ଧାନ ଓ ମୀନ ପାଇଁ ପ୍ରସିଦ୍ଧି ଲାଭ କରିଥିଲା। କୁଜଙ୍ଗ ଖଇଙ୍ଗା, ଖାସୁଲି, ଡେମା, ଡାହଙ୍ଗାରା,



ପୋଟେଇ, ଭେଟି ପରି ସୁସ୍ୱାଦୁ ମାଛ, କଙ୍କଡା, ଚିଙ୍ଗୁଡ଼ି ଓ ବିଶେଷକରି କୁଜଙ୍ଗ ଇଲିସକୁ ଆଜି ମଧ ରାଜ୍ୟବାସୀ ଝୁରି ହୁଅନ୍ତି। ଏହି ମାଛ ମରାଯାଉଥିବା ନଦୀରେ ଶିଳ୍ପ ପ୍ରଭାବରୁ ଏବେ ଏହି ମାଛ ବାହାରୁ କିଣିବାକୁ ପଡୁଛି କୁଜଙ୍ଗବାସୀଙ୍କୁ। ଶିଳ୍ପର ବିଷ ଦାଉରେ କୁଜଙ୍ଗ ପାନ କବଳିତ ହୋଇସାରିଥିବାବେଳେ ମାଛଚାଷ ପ୍ରଭାବିତ ହୋଇଛି। ପାରାଦୀପ ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାଞ୍ଚଳ ପାଇଁ ନଦୀ ଅବବାହିକା ପୋତି ହୋଇପଡ଼ିବା ଯୋଗୁ ମତ୍ସ୍ୟଜୀବୀ ବୃତ୍ତି ହରାଇ ହାତବାନ୍ଧି ବସିଛନ୍ତି। ଏ ଅଞ୍ଚଳର ମତ୍ସ୍ୟଜୀବୀ ମହାନଦୀ, ଷଣ୍ଢକୁଦରୁ ଅଠରବାଙ୍କି ପର୍ଯ୍ୟନ୍ତ ହଳଦିପାଣି, ଜନତା ବିଦ୍ୟାଳୟ ନିକଟରୁ ଚଉମୁହାଣୀ ପର୍ଯ୍ୟନ୍ତ ଯାଇଥିବା ସଫେଇ, ବାଲିଆ ନଦୀ, ଜଟାଧାରଠାରୁ ତ୍ରିଲୋଚନପୁର ବାଲିଆମରା ନଦୀ ପ୍ରଭୃତିରୁ ମାଛ ଧରି ଅତୀତରୁ ଆଜି ପର୍ଯ୍ୟନ୍ତ ଜୀବିକା ନିର୍ବାହ କରିଆସୁଥିଲେ। ଏହି ଅଞ୍ଚଳରେ ଶିଳ୍ପାୟନ ଫଳରେ କେବଳ ମହାନଦୀକୁ ଛାଡିଦେଲେ ପ୍ରାୟ ଅନ୍ୟ ସମସ୍ତ ଛୋଟବଡ ନଦୀ ମୁହାଣ ପୋତି ହେବା ଫଳରେ ସମୁଦ୍ରରୁ ଜୁଆର ଆସିପାରୁନାହିଁ। ଏପରିକି ବହୁନଦୀ ମୃତ ଅବସ୍ଥାକୁ ଆସିଥିବାବେଳେ କେତେକ ନଦୀରୁ ଜବରଦଖଲ ମଧ ଉଚ୍ଛେଦ ହୋଇପାରୁନାହିଁ। ମହାନଦୀକୁ ସ୍ଥାନୀୟ ଶିଳ୍ପ ସଂସ୍ଥା ସେମାନଙ୍କ ବର୍ଜ୍ୟବସ୍ତୁ ଛାଡୁଥିବା ଯୋଗୁଁ ଏହି ନଦୀରେ ଆଉ ମାଛ ମରୁ ନ ଥିବା କୈବର୍ତ୍ତମାନେ ଅଭିଯୋଗ କରୁଛନ୍ତି। ଅପରପକ୍ଷେ ହଳଦୀପାଣି କ୍ରିକ୍ ଓ ଫତେପୁର କ୍ରିକ୍ ଠିକ୍ ଢଙ୍ଗରେ କାମ କରୁ ନ ଥିବାରୁ ଏବେ ବହୁ ଗ୍ରାମକୁ ପ୍ରଭାବିତ କରୁଛି। ଖରାଦିନିଆ ବର୍ଷା ଜଳ ନିଷ୍କାସିତ ହୋଇପାରୁ ନ ଥିବାବେଳେ ମଙ୍ଗରାଜପୁର ଓ ଆଖପାଖରେ ଜଳ ପ୍ରଦୂଷଣ ବଢୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ପାରାଦୀପ, ୩।୬(ସମିସ): ଆଜି ଲୋକସଭା ଭବନ କନଭେନସନ ହଲରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ଏ ପରିପ୍ରେକ୍ଷୀରେ ଏକ ବୈଠକ ପାରାଦୀପସ୍ଥ ଓଡ଼ିଶା ମାରିଟାଇମ୍ ଏକାଡେମୀରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାର ପ୍ରତିକାର ପାଇଁ ସର୍ବଦା ଗାଡ଼ି ନେଇ ଗଲାବେଳେ ହେଲମେଟ ପିନ୍ଧିବା, ନିଶାସକ୍ତ ହୋଇ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ୍ ଫୋନ ବ୍ୟବହାର ନ କରିବା, ଚାରିଚକିଆ ଯାନ ଚଳାଇବା ବେଳେ ସିଟ ବେଲ୍ଟ ବାନ୍ଧିବା ଇତ୍ୟାଦି ଦିଗ ଉପରେ ଆଲୋଚନା କରିଥିଲେ। ଦୁର୍ଘଟଣାକୁ ଶୂନ୍ୟ କରିବା ପାଇଁ ମାସ୍କଟ "ସୁରକ୍ଷା"ର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଜିଲ୍ଲାର ପାରାଦୀପସ୍ଥ 'ଓଡ଼ିଶା ମାରିଟାଇମ୍ ଏକାଡେମୀ'ରେ ସିମୁଲେଟର ଦ୍ୱାରା ପ୍ରଶିକ୍ଷଣ ବ୍ୟବସ୍ଥା, ପାରାଦୀପ-କଟକ, ପାରାଦୀପ-ଦୈତାରୀ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ, ଜଗତି ଭୂତୁମୁଣ୍ଡାଇଠାରେ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥା, ୪୮.୫ କିମି ଦୈର୍ଘ୍ୟର ଦିଶା-୨ ପ୍ରକଳ୍ପର ଉଦଘାଟନ କରିଥିଲେ। ଏହି ଆଭାସି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଜେ. ସୋନାଲ, ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ପାରାଦୀପ ବନ୍ଦର ପ୍ରାଧିକରଣ ଡିସି ଅଲେଖ ଚନ୍ଦ୍ର ସାହୁ, ମାରିଟାଇମ ଏକାଡେମୀ ଅଧ୍ୟକ୍ଷ ମାନସ ରଞ୍ଜନ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

ସକାଳ
THE SAKALA

# ସଇତାନର ବେଦପାଠ

ଯିଏ ବିଭେଦ ଓ ବିଦ୍ୱେଷର ମଞ୍ଜି ବୁଣୁଛି ସେ ଯଦି ସମାଧାନର ମଞ୍ଚ ଗଠନ କରି ଶାନ୍ତିର ବାର୍ତ୍ତା ଦିଏ ତେବେ ତାହା ଆମ ଲୋକକଥାରେ ପ୍ରଚଳିତ ସଇତାନର ବେଦ ପାଠ ଭଳି। ଏବେ ଚୀନ୍ ସେଭଳି ଏକ ଉଦ୍ୟମ ଆରମ୍ଭ କରିଛି, ଯାହାକୁ ନେଇ ପଶ୍ଚିମ-ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦେଶ-ଦେଶ ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱିପାକ୍ଷିକ ବିବାଦରେ ଚୀନ୍ ମାମଲତି କରିବାକୁ ଆଗ୍ରହୀ ହୋଇପଡ଼ିଛି ଏବଂ ଏଥିଲାଗି ହଂକଂରେ 'ଇଣ୍ଟରନ୍ୟାଶ୍ନାଲ୍ ଅର୍ଗାନାଇଜେସନ୍ ଫର ମେଡିଏସନ୍(ଆନ୍ତର୍ଜାତିକ ମଧ୍ୟସ୍ଥି ସଂଗଠନ)' ନାମରେ ଏକ ବିଶ୍ୱମଞ୍ଚ ଗଠନ କରିଛି। ଜାତିସଂଘ ଓ ଆନ୍ତର୍ଜାତିକ ଆଇନ ଅଦାଲତ(ଆଇସିଜେ) ସମାନ୍ତରାଳରେ ଗଠିତ ଏହି ମଞ୍ଚର ସଦସ୍ୟତା ଗ୍ରହଣ କରିବା ପାଇଁ ଚୀନ୍ ୩୩ଟି ଦେଶକୁ ରାଜି କରାଇବାରେ ସଫଳ ହୋଇଛି। ଏଥିଲାଗି ଆୟୋଜିତ ସମ୍ମିଳନୀରେ ୮୫ଟି ଦେଶ ଓ ଜାତିସଂଘ ସମେତ ୨୦ଟି ଆନ୍ତର୍ଜାତିକ ସଂଗଠନର ୪୦୦ ସଦସ୍ୟ ଯୋଗ ଦେଇଥିବା ଉଲ୍ଲେଖନୀୟ। ଆନ୍ତର୍ଜାତିକ ବିବାଦ ସମାଧାନରେ ଏହା ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଚୀନ୍ ଦାବି କରିଛି। ଏହାଉପରେ ସ୍ୱାଭାବିକ ଭାବେ ଆମେରିକା ପ୍ରତିକ୍ରିୟା ପ୍ରକାଶ କରି ଚୀନ୍ ବିଶ୍ୱରେ ବିସ୍ତାରବାଦୀ ଆଭିମୁଖ୍ୟକୁ ଲଦି ଦେବାକୁ ଚାହୁଁଛି ବୋଲି ଅଭିଯୋଗ କରିଛି। ଫ୍ରାନ୍ସ ମଧ୍ୟ ଚୀନ୍ ଉପରେ ଅନୁରୂପ ଆରୋପ ଆଣିଛି।

ଦକ୍ଷିଣ ଚୀନ୍ ସାଗର ଉପରେ ଚୀନ୍‌ର ଆଧିପତ୍ୟକୁ 'ୟୁଏନ୍ କନ୍‌ଭେନସନ୍ ଅନ ଦ ଲ ଅଫ୍ ଦି ସି'(ସାମୁଦ୍ରିକ ନୀତି ସମ୍ପର୍କିତ ଜାତିସଂଘ ରାଜିନାମା) ଉଲ୍ଲଙ୍ଘନ ବୋଲି ୨୦୧୬ରେ 'ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍' ଦର୍ଶାଇ ଚୀନ୍‌ର କାର୍ଯ୍ୟକଳାପକୁ ଅବୈଧ ଘୋଷଣା କରିବା ପରେ ଚୀନ୍ ଅତିଶୟ କ୍ଷୁବ୍ଧ ଥିଲା। ଏହି ସମଗ୍ର ଘଟଣାରେ ଆମେରିକାର ପ୍ରଚ୍ଛନ୍ନ ସମର୍ଥନରେ ଫିଲିପାଇନ୍‌ସର ଜିତାପଟକୁ ଚୀନ୍ ଆଦୌ ସହ୍ୟ କରିପାରିନଥିଲା। ଏହାଛଡ଼ା 'ଇଣ୍ଟରନ୍ୟାଶ୍ନାଲ୍ କ୍ରିମିନାଲ୍ କୋର୍ଟ'ରେ ଚୀନ୍ ତା'ର ସମଭାବାପନ୍ନ ଦେଶମାନଙ୍କୁ ଉଚିତ ନ୍ୟାୟ ଦେଇପାରୁ ନ ଥିବା ଅନୁଭବ କରି ଆସୁଥିଲା। ସେହିପରି ଦକ୍ଷିଣ ଏସିଆରେ 'କ୍ୱାଡ୍' ଓ 'ଆଉକସ୍' ମେଣ୍ଟ ଜରିଆରେ ଆମେରିକାର ଉପସ୍ଥିତି ଯୋଗୁଁ ଚୀନ୍ ଅସୁରକ୍ଷିତ ମଣୁଛି। ତାଇୱାନ୍ ମାମଲାରେ ମଧ୍ୟ ଆମେରିକା ହସ୍ତକ୍ଷେପକୁ ଚୀନ୍ ଅଯାଚିତ ଓ ଅବାଞ୍ଛନୀୟ ବୋଲି ଅଭିଯୋଗ କରିଆସୁଛି। ତେଣୁ ଏହି କୂଟନୈତିକ ଓ ଭୂ-ରାଜନୈତିକ ବାମନତା ଜନିତ ହୀନମନ୍ୟତାରୁ ଚୀନ୍ ନିଜକୁ ଉଦ୍ଧାର କରିବା ପାଇଁ ସମଭାବାପନ୍ନ ଓ ଋଣ-ଆନୁଗତ୍ୟ ଦେଶମାନଙ୍କୁ ପକ୍ଷଭୂତ କରି ବିଶ୍ୱ ଭୂ-ରାଜନୀତିରେ ଏକ ନୂଆ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛି।

ଅର୍ଥନୀତି, ସୂଚନା ପ୍ରଯୁକ୍ତି, ବାଣିଜ୍ୟ, ପ୍ରତିରକ୍ଷାରେ ଚୀନ୍ ଆମେରିକାର ପ୍ରାୟ ସମାସ୍କନ୍ଦ ହୋଇସାରିଥିଲେ ହେଁ ବଡ଼ଭାଇ ପଣିଆ ଜାହିର କରିବାରେ ଆମେରିକାଠାରୁ ଦୁଇପାଦ ପଛରେ ରହିଯାଇଛି। ଏଥିଯୋଗୁଁ ଚୀନ୍‌ର ଆଧିପତ୍ୟ କେବଳ ଏସୀୟ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସୀମିତ ଥିବା ବେଳେ ଆମେରକାର ପ୍ରଭୁତ୍ୱ ଓ କର୍ତ୍ତୃତ୍ୱ ନାଟୋରୁ ଆରମ୍ଭ କରି ଦକ୍ଷିଣ ଏସିଆ ପର୍ଯ୍ୟନ୍ତ ବ୍ୟାପିଚାଲିଛି। ବିଶେଷକରି ସଦ୍ୟତମ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଘଟଣାରେ ଆମେରିକା ଯେଭଳି ଭାବରେ ମାମଲାତି କରି ବିଶ୍ୱର ବଡ଼ଭାଇ ହେବାର ଶ୍ରେୟ ନେଇଗଲା, ତାହା ଚୀନ୍‌କୁ ଅତିମାତ୍ରାରେ କ୍ଷୁବ୍ଧ ଓ ଅଶ୍ୱସ୍ତିକର କରିଛି। ଏହିକାରଣରୁ ଚୀନ୍ ଏବେ ବିଶ୍ୱ ଭୂ-ରାଜନୀତି-କୂଟନୀତିରେ ଆମେରିକାର ମାମଲାତିକୁ ଟକ୍କର ଦେବା ପାଇଁ ନୂଆ ଫନ୍ଦି ଫାନ୍ଦିଛି।

ସମ୍ପ୍ରତି ଆମେରିକା-ଚୀନ୍ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ବା ତାରିଫ୍ ଯୁଦ୍ଧ ବିଶ୍ୱକୁ ଦୁଇଧ୍ରୁବୀୟ କରିଚାଲିଛି। ଯେଉଁମାନେ ଆମେରିକା।ର ଉତ୍ପାଦ ପ୍ରତି ଅନୁକୂଳ ନୀତି ପୋଷଣ କରିବେ ସେମାନଙ୍କ ପ୍ରତି ଆମେରିକା କୋହଳ ହେବ। ଅର୍ଥାତ୍ ସେହି ରାଷ୍ଟ୍ରମାନେ ଆମେରିକାର ଛତ୍ରଛାୟା ତଳେ ରହିବେ ଏବଂ ଆମେରିକାର ମାମଲାତିକୁ ସହିବେ। ଅପରପକ୍ଷରେ ଯେଉଁମାନେ ଆମେରିକା ସହିତ ବନ୍ଧୁତ୍ୱପୂର୍ଣ୍ଣ ବାଣିଜ୍ୟ କରିବେ ସେମାନେ ଚୀନ୍‌ର ନାଲିଆଖିର ଶିକାର ହେବେ। ତେଣୁ ପରିବର୍ତ୍ତିତ ବିଶ୍ୱ ବାଣିଜ୍ୟ-ରଣନୀତିରେ ଋଣ ଓ କୋହଳ ତାରିଫ୍ ଜାଲରେ ଫସିଥିବା ଅନେକ ଅନୁନ୍ନତ ଦେଶ ନିକଟ ଭବିଷ୍ୟତରେ ଚୀନ୍‌ର ବଶତା ସ୍ୱୀକାର କରିବାକୁ ଏକପ୍ରକାର ବାଧ୍ୟ ହେବେ। ଏହି ଦୁଇଧ୍ରୁବୀୟ ନେତୃତ୍ୱ ଲଢ଼େଇରେ ଅର୍ଥନୀତି, ପ୍ରତିରକ୍ଷା, ସୂଚନା ପ୍ରଯୁକ୍ତିରେ ଆମେରିକା ଓ ଚୀନ୍ କେହି କାହାକୁ ବଳି ନ ଗଲେ ମଧ୍ୟ ଆଇନ ଅଦାଲତ, ଆଇଏମ୍‌ଏଫ୍ ଓ ବିଶ୍ୱବ୍ୟାଙ୍କ ଭଳି ସଂଗଠନରେ ଆମେରିକାର ଆଧିପତ୍ୟକୁ ଆହ୍ୱାନ ଦେବା ଭଳି କ୍ଷମତା ଏ ପର୍ଯ୍ୟନ୍ତ ଚୀନ ଅର୍ଜନ କରିପାରି ନାହିଁ। ଇତିମଧ୍ୟରେ ବିଶ୍ୱ ବାଣିଜ୍ୟ ସଂଗଠନର ବିବାଦ ସମାଧାନ ମଞ୍ଚକୁ ଆମେରିକା ଭାଙ୍ଗି ଦେଇଛି। ଜାତିସଂଘରେ ଭେଟୋ କ୍ଷମତା ଥାଇ ମଧ୍ୟ ଏ କ୍ଷେତ୍ରରେ ଚୀନ୍‌ର ବିବଶତା ବିଶ୍ୱ ଦେଖିଛି। ନାଟୋ ଓ ଆଇଏମ୍‌ଏଫ୍‌କୁ ଟକ୍କର ଦେବା ପାଇଁ ପରିକଳ୍ପିତ 'ବ୍ରିକ୍ସ' ମଧ୍ୟ ଚୀନ୍ ଆଶାନୁରୂପ ସଫଳତା ହାସଲ କରିପାରିନାହିଁ। ତେଣୁ ମଧ୍ୟସ୍ଥତା ମଞ୍ଚ ମାଧ୍ୟମରେ ଅଧିକରୁ ଅଧିକ ଦେଶକୁ ନିଜ ସପକ୍ଷରେ ଆଣିବାକୁ ଚୀନ୍ ଅଭିନବ ଉଦ୍ୟମ ଆରମ୍ଭ କରିଛି।

ଆମେରିକାର ଆଧିପତ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିବା ଇରାନ୍, ଉତ୍ତର କୋରିଆ, ତୁର୍କୀ ଏପରିକି ଦକ୍ଷିଣ ଆମେରିକୀୟ ଓ ଆଫ୍ରିକୀୟ ରାଷ୍ଟ୍ରମାନେ ଯଦି ଚୀନ୍‌ର ମଧ୍ୟସ୍ଥତା ମଞ୍ଚର ସଦସ୍ୟତା ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଯା'ନ୍ତି ତେବେ ଆମେରିକାର ମାମଲାତିରେ ପକ୍ଷଛେଦନ ହେବା ନିଶ୍ଚିତ, ଯାହାକୁ ଆମେରିକା ଓ ନାଟୋ ସଦସ୍ୟମାନେ ସହଜରେ ଗ୍ରହଣ ନ କରିପାରିବା ସ୍ୱାଭାବିକ। ଏପରିକି ସାମ୍ପ୍ରତିକ ବାଣିଜ୍ୟ-କୂଟନୀତି କୈନ୍ଦ୍ରିକ ଦ୍ୱିଧ୍ରୁବୀୟ ବିଶ୍ୱ ଦୃଶ୍ୟପଟ୍ଟରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନେ ମଧ୍ୟ ପକ୍ଷଭୁକ୍ତ ହେବାକୁ ବାଧ୍ୟ। ଏହି ପୃଷ୍ଠଭୂମିରେ ଭାରତ ଏବେ ଦୋଛକିରେ ରହିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। 'ବ୍ରିକ୍ସ' ସଦସ୍ୟଭୁକ୍ତ ରାଷ୍ଟ୍ର ଭାରତ ଯଦି ଚୀନ୍‌କୁ ଆଡ଼ କରି ଆମେରିକା ଦିଗକୁ ଅଧିକ ଢଳିବ ତେବେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏକଘରକିଆ ହେବାର ଆଶଙ୍କା ଅଧିକ। ଯଦି ଭାରତ 'ବ୍ରିକ୍ସ' ଅନୁକୂଳ ନୀତି ପୋଷଣ କରେ ତେବେ ଆମେରିକା ପାକିସ୍ତାନକୁ କୋଳେଇ ନେବାରେ ଅଧିକ ବିଳମ୍ବ କରିବ ନାହିଁ। ଇତିମଧ୍ୟରେ ଭାରତ ରୁଷରୁ ଅଧିକ ଯୁଦ୍ଧାସ୍ତ୍ର କିଣିବା ନିଷ୍ପତ୍ତି ପରେ ଆମେରିକା ପରୋକ୍ଷ ଚେତାବନୀ ଦେଇସାରିଛି। ଏହି ପୃଷ୍ଠଭୂମିରେ ଭାରତ ଆଗରେ ଏବେ ଅନେକ ଆହ୍ୱାନ ସୃଷ୍ଟି ହୋଇଛି। ଆମେରିକା-ଚୀନ୍‌ର ମାମଲାତି କୂଟନୀତି ବା ସଇତାନମାନଙ୍କର ବେଦପାଠର ଉଚ୍ଚାରଟ ଯେତେ ସଘନ ହେବ ବିଶ୍ୱରେ ଅଶାନ୍ତିର ବାତାବରଣ ସେତିକି ବ୍ୟାପିବ। କିନ୍ତୁ ସଇତାନମାନଙ୍କୁ ବେଦପାଠରୁ ନିବୃତ୍ତ କରିବ କିଏ?

# ସ୍ଥାୟୀ ବିକାଶ ଓ ଜଳ ପରିଚାଳନା

**ଡ. ପ୍ରଦୀପ କୁମାର ସାହୁ**

ପୃଥିବୀର ହାରାହାରି ୭୦ ପ୍ରତିଶତରୁ ଅଧିକ ପୃଷ୍ଠଭାଗ ଜଳରେ ଆଚ୍ଛାଦିତ ହୋଇରହିଛି। ତଥାପି ଜଳକୁ ଏକ ଦୁର୍ଲଭ ପ୍ରାକୃତିକ ସମ୍ପଦ ଭାବରେ ବିବେଚନା କରାଯାଏ। ଏହାର କାରଣ, ପୃଥିବୀ ପୃଷ୍ଠରେ ଉପଲବ୍ଧ ସମୁଦାୟ ଜଳରାଶି ମଧ୍ୟରୁ କେବଳ ୩ ପ୍ରତିଶତ ମଧୁର ଜଳ, ଯାହାକି ମନୁଷ୍ୟ ସମାଜ ପାଇଁ ବ୍ୟବହାର ଉପଯୋଗୀ। ବାକି ୯୭ ପ୍ରତିଶତ ଜଳରାଶି ଲୁଣି। କିନ୍ତୁ ସମୁଦାୟ ଉପଲବ୍ଧ ମଧୁର ଜଳରାଶିର ଦୁଇ-ତୃତୀୟାଂଶ ବରଫ ଆକାରରେ ରହିଥିବାରୁ ତାହା ବ୍ୟବହାର ପାଇଁ ଉପଯୋଗୀ ନୁହେଁ। ଅର୍ଥାତ ସମୁଦାୟ ଜଳରାଶିର କେବଳ ୧ ପ୍ରତିଶତ ଜଳ ଏବଂ ସମୁଦାୟ ମଧୁର ଜଳରାଶିର ୩୩ ପ୍ରତିଶତ ଦୈନନ୍ଦିନ ବ୍ୟବହାର ପାଇଁ ଉପଲବ୍ଧ, ଯାହା ଜଳସଂପଦର ଅତ୍ୟଧିକ ନିଅଣ୍ଟିଆ ପରିସ୍ଥିତିକୁ ସୂଚାଉଛି। ଫଳସ୍ୱରୂପ ସମଗ୍ର ବିଶ୍ୱରେ ୬୦ କୋଟିରୁ ଅଧିକ ଲୋକ ଅତ୍ୟଧିକ ଜଳାଭାବର ସମ୍ମୁଖୀନ ହେବା ସହ ଦିନକୁ ଦିନ ଏହି ସଂଖ୍ୟା ବଢ଼ିବାରେ ଲାଗିଛି।

ବିକାଶର ଆବଶ୍ୟକତା, ଗୁରୁତ୍ୱପୂର୍ଣ୍ଣ ପରିବେଶ ଚିନ୍ତା ଏବଂ ଜଳବାୟୁ ସ୍ଥିତିରେ ପରିବର୍ତ୍ତନ ହେତୁ ଭାରତ ସମେତ ଅଧିକାଂଶ ଜନବହୁଳ ଦେଶଗୁଡ଼ିକ ପାଖାପାଖି ସମାନ ଜଳାଭାବ ପରିସ୍ଥିତିର ସାମ୍ନା କରୁଛନ୍ତି। ଫଳସ୍ୱରୂପ, ଜଳସଙ୍କଟ ଭୋଗୁଥିବା ଦେଶରେ ବିଭିନ୍ନ ଉପଭୋକ୍ତା ଗୋଷ୍ଠୀ ମଧ୍ୟରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛି। ଜଳାଭାବ ପରି ଜଟିଳ ସମସ୍ୟା ଭାରତ ସମେତ ଅନେକ ଜନବହୁଳ ରାଷ୍ଟ୍ରକୁ ପରିବ୍ୟାପ୍ତ। ବିକାଶଶୀଳ ଓ ଉଦୀୟମାନ ଅର୍ଥନୀତି ସମ୍ପନ୍ନ ରାଷ୍ଟ୍ରମାନଙ୍କରେ ଏହାର ତୀବ୍ରତା ଉଦ୍‌ବେଗଜନକ। ତେଣୁ ଜଳର ଦୁର୍ଲଭତା ଜନିତ ସମ୍ବେଦନଶୀଳ ପରିସ୍ଥିତିକୁ ଆମେ ସମସ୍ତେ ଅନୁଭବ କରିବା ଦରକାର। ଭାରତ ପରି ବିଶ୍ୱର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଜଳର ଉତ୍କଟ ପରିସ୍ଥିତି ସାଧାରଣରେ ଏକ ଚିନ୍ତାର ବିଷୟ। ଅଧୁନା ଭାରତର ଜନସଂଖ୍ୟା ପାଖାପାଖି ୧୪୫ କୋଟି, ଯାହା ସମଗ୍ର ବିଶ୍ୱ ଜନସଂଖ୍ୟାର ହାରାହାରି ୧୮ ପ୍ରତିଶତ। ଭାରତର ଜନସଂଖ୍ୟା ଓ ଜଳ ଉପଲବ୍ଧତାକୁ ଅନୁଧ୍ୟାନ କଲେ ଜଣାଯାଏ ବିଶ୍ୱର ୧୮ ପ୍ରତିଶତ ଜନସଂଖ୍ୟା ବହନ କରୁଥିବା ଭାରତ ସମଗ୍ର ବିଶ୍ୱର ମଧୁର ଜଳରାଶିର କେବଳ ୪ ପ୍ରତିଶତ ଧାରଣ କରେ, ଯାହା ଏକ ଜଳ-ନିଅଣ୍ଟିଆ ଦେଶ ରୂପେ ପରିଗଣିତ ହେଉଛି। ଜଳର ନିଅଣ୍ଟିଆ ପରିସ୍ଥିତି ପ୍ରତିବର୍ଷ ଭାରତରେ ୨ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁର କାରଣ ସାଜୁଛି ଏବଂ ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ଅନୁସନ୍ଧାନ ମୁତାବକ ଭାରତରେ ମୁଣ୍ଡପିଛା ଜଳ ଉପଲବ୍ଧତା ୨୦୦୧ ରେ ୧୮୧୬ ଘନ ମିଟରରୁ ୨୦୧୧ ରେ ୧୫୪୫ ଘନ ମିଟରକୁ ହ୍ରାସ ପାଇଛି। ଗବେଷଣାରୁ ଏହା ମଧ୍ୟ ପୂର୍ବାନୁମାନ କରାଯାଇଛି ଯେ ୨୦୩୦ ବେଳକୁ ଜଳର ମୁଣ୍ଡପିଛା ଚାହିଦା ପାଖାପାଖି ଦୁଇଗୁଣ ହେବ। ୨୦୫୦ ବେଳକୁ ଭାରତରେ ଜଳସମ୍ପଦ ସର୍ବାଧିକ ଜିଡିପି ଉତ୍ପାଦନକାରୀ ପ୍ରାକୃତିକ ସମ୍ପଦ ଭାବେ ଗ୍ରହଣୀୟ ହେବ। ଏହାବ୍ୟତୀତ ଦୈନନ୍ଦିନ ଦୂଷିତ ଜଳର ମାତ୍ରା ବଢ଼ିବା ଏବଂ ପ୍ରାୟ ୭୦ ପ୍ରତିଶତ ଜଳ ଦୂଷିତ ହେବ। ଏହାସହିତ ୧୨୦ ଦେଶରେ ମପା ଯାଇଥିବା ଜଳ ଗୁଣବତ୍ତା ସୂଚକାଙ୍କରେ ଭାରତ ୧୨୦ ତମ ସ୍ଥାନରେ ରହିବା ଜଣାପଡ଼ିଛି, ଯାହା ପରିସ୍ଥିତିକୁ ଆହୁରି ଉତ୍କଟ କରୁଛି।

ଭାରତରେ ଜଳର ଉପଲବ୍ଧିକୁ ବିବେଚନା କଲେ ଜଣାଯାଏ ସମଗ୍ର ୫୧୨୨ ବିଲିୟନ ଘନ ମିଟର ଗଚ୍ଛିତ ଜଳରାଶି ମଧ୍ୟରୁ ବର୍ଷାଜଳ ୪୦୦୦ ବିଲିୟନ ଘନ ମିଟର, ଅବ୍ୟବହୃତ ଭୂପୃଷ୍ଠ ଜଳ ୬୯୦ ବିଲିୟନ ଘନ ମିଟର ଓ ଭୂତଳ ଜଳ ୪୨୦ ବିଲିୟନ ଘନ ମିଟର। ମୋଟାମୋଟି ଭାବରେ ଏହା କୁହାଯାଇପାରିବ ଯେ ଉପଲବ୍ଧ ସମଗ୍ର ଜଳରାଶିର ହାରାହାରି ୮୦ ପ୍ରତିଶତ ବର୍ଷାଜଳ, ଯାହା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଏକ ବରଦାନ। ଅନ୍ୟପକ୍ଷରେ ଆବଶ୍ୟକତା ଦୃଷ୍ଟିରୁ ଜଳ ଆବଣ୍ଟନକୁ ଅନୁଧ୍ୟାନ କଲେ ଜଣାଯାଏ ପାନୀୟଜଳ ଏବଂ ଜଳର ଘରୋଇ ବ୍ୟବହାର ଶୀର୍ଷରେ ରହିବା ସହିତ ପରବର୍ତ୍ତୀ ଚାହିଦା ରୂପେ ପରିବେଶ, ଜଳସେଚନ, କୃଷି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ, ମତ୍ସ୍ୟଚାଷ, ଜଳ ବିଦ୍ୟୁତ୍, କୃଷି ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ, ନାଭିଗେସନ୍ ଓ ପର୍ଯ୍ୟଟନ ଓ ବିଭିନ୍ନ କାର୍ଯ୍ୟକଳାପକୁ ବିବେଚନା କରାଯାଏ।

ଜଳର ବ୍ୟବହାରକୁ ତର୍ଜମା କଲେ ଜଣାଯାଏ, ସମଗ୍ର ବ୍ୟବହୃତ ଜଳରାଶିର ୮୦ ପ୍ରତିଶତରୁ ଅଧିକ ଚାଷ କ୍ଷେତ୍ରରେ ବ୍ୟବହାର ହେଉଥିବା ବେଳେ ୧୫ ପ୍ରତିଶତ ଜଳରାଶି ଶିଳ୍ପରେ ବ୍ୟବହାର ହୁଏ ଏବଂ ବାକି ୫ ପ୍ରତିଶତ ଅନ୍ୟ ସମସ୍ତ ଆବଶ୍ୟକତା ପୂରଣ କରିଥାଏ। ଗବେଷଣାରୁ ଦେଖାଯାଇଛି ଯେ ସର୍ବାଧିକ ଜଳ ବ୍ୟବହାରକାରୀ କୃଷି କ୍ଷେତ୍ର ସର୍ବାଧିକ ଜଳ ଅପଚୟର କାରଣ। ଭାରତ ପରି କୃଷିପ୍ରଧାନ ଦେଶରେ ୫୫ ପ୍ରତିଶତରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି, ଯେଉଁମାନଙ୍କ ମଧ୍ୟରୁ ପାଖାପାଖି ୮୦ ପ୍ରତିଶତ କ୍ଷୁଦ୍ର ଚାଷୀ। ତେଣୁ ଏହା ମଧ୍ୟ କୁହାଯାଇପାରେ କି, ଜମିର ସ୍ୱଳ୍ପତା, ନିରକ୍ଷରତା ଓ ସଚେତନତାର ଅଭାବ ଜଳ ଅପଚୟର ଅନ୍ୟ ଏକ ପ୍ରମୁଖ କାରଣ। ଏହାବ୍ୟତୀତ, ଭାରତରେ ହାରାହାରି ୫୫ ପ୍ରତିଶତ ମହିଳା ଚାଷୀ ପାଖାପାଖି ୮୦ ପ୍ରତିଶତ ଚାଷକାମ ନିର୍ବାହ କରିଥା'ନ୍ତି, ଯେଉଁ ସଂଖ୍ୟା ଓଡ଼ିଶାରେ ପାଖାପାଖି ୬୨ ପ୍ରତିଶତ ଏବଂ ଗ୍ରାମୀଣ ଓଡ଼ିଶାରେ ପାଖାପାଖି ୭୯ ପ୍ରତିଶତ। ତେଣୁ ମହିଳାମାନଙ୍କ ମଧ୍ୟରେ ଜଳ ପରିଚାଳନା ସମ୍ବନ୍ଧିତ ବୈଷୟିକ ଜ୍ଞାନର ଅଭାବ ଜଳ ଅପଚୟର ଅନ୍ୟ ଏକ ମୁଖ୍ୟ କାରଣ ହେଇଥାଇପାରେ। ଏହାବ୍ୟତୀତ ଜଳଭଣ୍ଡାର ଓ କେନାଲ ବନ୍ଧରେ ଫାଟ, ପାରମ୍ପରିକ ଜଳସେଚନ ପଦ୍ଧତି ଏବଂ ଜଳସେଚନ ବିଷୟରେ ଜ୍ଞାନର ଅଭାବ ଜଳ ଅପଚୟର ଅନ୍ୟାନ୍ୟ ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ, ଯାହା କୃଷିକ୍ଷେତ୍ରରେ ବ୍ୟବହୃତ ଜଳରାଶିର ପାଖାପାଖି ୬୦ ପ୍ରତିଶତ। ତେଣୁ ଭବିଷ୍ୟତର ଜଳାଭାବକୁ ରୋକିବାକୁ ହେଲେ କୃଷିକ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିରେ ଜଳ ପରିଚାଳନା ଏକାନ୍ତ ଆବଶ୍ୟକ।

ଜଳର ସ୍ୱଳ୍ପତା, ଶିଳ୍ପ ଓ କୃଷିକ୍ଷେତ୍ରରେ ଅତ୍ୟଧିକ ବ୍ୟବହାର, ଅପଚୟକୁ ଧ୍ୟାନରେ ରଖି ଭାରତ ସରକାର ଜଳ ପରିଚାଳନା ଓ ଜଳ ସଞ୍ଚୟ ନିମିତ୍ତ ନିୟମାବଳୀ 'ଜାତୀୟ ଜଳ ନୀତି -୧୯୮୭' ମସିହାରେ ପାରିତ କରିଥିଲେ। ପରବର୍ତ୍ତୀ ସମୟରେ କୃଷିକ୍ଷେତ୍ରକୁ ଧ୍ୟାନରେ ରଖି ଓଡ଼ିଶା ସରକାର ୨୦୦୨ ମସିହାରେ ପାଣି ପଞ୍ଚାୟତ ଅଧିନିୟମ ପାରିତ କଲେ, ଯାହା କୃଷି କ୍ଷେତ୍ରରେ ଜଳ ପରିଚାଳନା, ଜଳ ଆବଣ୍ଟନ ଓ ଜଳ ସଞ୍ଚୟ ଉପରେ ଗୁରୁତ୍ୱ ଦେଉଛି। ଏଥିସହିତ ଭବିଷ୍ୟତ ପିଢ଼ିର ବିକାଶକୁ ଧ୍ୟାନରେ ରଖି ନାନାଦି ଜଳସଞ୍ଚୟ ପଦ୍ଧତି ଯଥା- କମ୍ ପାଣିରେ ଫସଲ ଉତ୍ପାଦନ, ମାଇକ୍ରୋଜଳସେଚନ, ସେନସର ଆଧାରିତ ଜଳସେଚନ, କାଡା କେନାଲ ନିର୍ମାଣ, ବର୍ଷା ଜଳ ଅମଳ ଓ ସଞ୍ଚୟ, ସ୍ମାର୍ଟ ଜଳସେଚନ ଇତ୍ୟାଦି କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯାଉଛି।

ଏ ସମସ୍ତ କାର୍ଯ୍ୟକ୍ରମରେ ମହିଳାମାନଙ୍କର ସହଭାଗିତା ଲୋଡ଼ାଯିବା ସହିତ ସରକାରୀ ସହାୟତାରେ ନାନାଦି କାର୍ଯ୍ୟକ୍ରମ, ଯଥା - ତାଲିମ, ପ୍ରୟୋଗ, କ୍ଷେତ୍ର ଅଭ୍ୟାସ, କ୍ଷେତ୍ର ପ୍ରଦର୍ଶନ ଇତ୍ୟାଦି କରାଯାଉଥିଲେ ହେଁ ସେମାନଙ୍କର ସହଭାଗିତା ଏ ଯାଏଁ ଆଖିଦୃଶିଆ ହୋଇପାରିନାହିଁ। ଘରୋଇ ଜଳ ବ୍ୟବହାର ହେଉ ବା ଚାଷ କ୍ଷେତ୍ରରେ ଜଳ ପରିଚାଳନା ହେଉ ମହିଳାମାନଙ୍କ ଭୂମିକା ସବୁକ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରସିଦ୍ଧ ଡବଲିନ୍ ନିୟମାବଳୀ ୧୯୯୨ ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଜଳ ଯୋଗାଣ, ପରିଚାଳନା ଓ ସୁରକ୍ଷାରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତେଣୁ ଜଳ ବିକାଶ ଓ ପରିଚାଳନା ମହିଳାମାନଙ୍କ ସହଭାଗିତାରେ ସମସ୍ତ ସ୍ତରରେ ଉପଭୋକ୍ତା, ଯୋଜନାକାରୀ ଓ ନୀତି ନିର୍ଣ୍ଣୟକାରୀଙ୍କ ମିଳିତ ଆଭିମୁଖ୍ୟ ଓ ପ୍ରୟାସରେ ହେବା ଉଚିତ୍। ତେଣୁ ସରକାରଙ୍କୁ ଜଳ ପରି ଏକ ସୀମିତ ଓ ଅସୁରକ୍ଷିତ ପ୍ରାକୃତିକ ସମ୍ପଦ, ଯାହା ଜୀବନ ବଞ୍ଚାଇବା, ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ପରିବେଶକୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ, ତାହାର ସୁରକ୍ଷା ଦିଗରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ।

(ସହକାରୀ ପ୍ରାଧ୍ୟାପକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୮୬୧୦୬୫୧୬୪

# ସକାରାତ୍ମକ କର୍ମକ୍ଷେତ୍ର

**ଡାକ୍ତର ଅଶୋକ କୁମାର ମହାନ୍ତି**

ସକାରାତ୍ମକ କର୍ମକ୍ଷେତ୍ର କହିଲେ ଯେଉଁଠାରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର କରାଯାଏ ଏବଂ ଯୋଗାଯୋଗ, ସହଯୋଗ ଓ ଗଠନମୂଳକ ଦୃଷ୍ଟିଭଙ୍ଗୀରେ ବିବାଦର ସମାଧାନ କରାଯାଏ। ସମ୍ମାନର ଅଭାବ ଓ ଉପରିସ୍ଥ ଅଧିକାରୀମାନଙ୍କର ନକାରାତ୍ମକ ଆଚରଣ ନିମ୍ନସ୍ତରର କର୍ମଚାରୀଙ୍କ ଉତ୍ପାଦକତାରେ ହ୍ରାସ ଓ ମାନସିକ ଆଘାତର ଆଶଙ୍କା ସୃଷ୍ଟି କରିଥାଏ। କର୍ମକ୍ଷେତ୍ର ଏପରି ହେବା ଉଚିତ, ଯେଉଁଠାରେ କର୍ମଚାରୀମାନେ ସୁରକ୍ଷିତ ତଥା ନିରାପଦ ଅନୁଭବ କରିପାରିବେ, ଉତ୍ପୀଡ଼ନ ଓ ଭେଦଭାବରୁ ସୁରକ୍ଷିତ ମନେ କରିବେ ଏବଂ ସେମାନଙ୍କ ପୃଷ୍ଠଭୂମି ନିର୍ବିଶେଷରେ ମର୍ଯ୍ୟାଦା, ସମ୍ମାନ ଓ ଉଚିତ ବ୍ୟବହାର ଆଶା କରିବେ। ଏହା କର୍ମଚାରୀଙ୍କ କଲ୍ୟାଣ, ଉତ୍ପାଦକତା ଏବଂ ସାମଗ୍ରିକ ଭାବେ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ।

ଯେଉଁଠାରେ ସଚ୍ଚୋଟତା, ସାଧୁତା ଓ ବୃତ୍ତିଗତ ନ୍ୟାୟକୁ ଗୁରୁତ୍ୱ ଦିଆଯାଏ, ସେଠାରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି ହୁଏ। କର୍ମକ୍ଷେତ୍ର ଏପରି ହେବା ଉଚିତ, ଯେଉଁଠାରେ କର୍ମଚାରୀମାନେ ସେମାନଙ୍କର ଚିନ୍ତାଧାରା ଓ ମତାମତ ଖୋଲାଖୋଲି ଏବଂ ସଚ୍ଚୋଟ ଭାବରେ ପ୍ରକାଶ କରିପାରିବେ। କର୍ମଚାରୀମାନଙ୍କୁ ସେମାନଙ୍କ କାମର ସମସ୍ତ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ ସେମାନଙ୍କ କାର୍ଯ୍ୟ ପାଇଁ ମଧ୍ୟ ଉତ୍ତରଦାୟୀ କରାଯାଏ। ଅସୌଜନ୍ୟ ଆଚରଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଓ ଦୃଷ୍ଟାନ୍ତମୂଳକ



କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ସମ୍ମାନଜନକ ପରିବେଶ ସୃଷ୍ଟି କରିଥାଏ। ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ଅନୁଷ୍ଠାନର ଖ୍ୟାତି ବୃଦ୍ଧି କରେ। ସକାରାତ୍ମକ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରୁଥିବା ସମ୍ମାନଜନକ କର୍ମକ୍ଷେତ୍ରଗୁଡ଼ିକ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହେବା ସହିତ ହୃଦରୋଗ ଓ ଉଚ୍ଚ ରକ୍ତଚାପ ହ୍ରାସ ଏବଂ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

କର୍ମକ୍ଷେତ୍ରରେ ଦଳଗତ ବିଶ୍ୱାସ ସୃଷ୍ଟି କରିବା ପାଇଁ ଦଳ ମୁଖ୍ୟମାନଙ୍କୁ ଅନୁଷ୍ଠାନର ଯେକୌଣସି ସ୍ତରର କର୍ମଚାରୀମାନଙ୍କ ସହିତ ଯୋଗାଯୋଗ ଓ ଆଲୋଚନା କରିବା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ, ସେମାନଙ୍କୁ ସ୍ପଷ୍ଟ ଓ ସଂକ୍ଷିପ୍ତ ହେବାକୁ ପଡ଼ିବ ଏବଂ କିଭଳି ଉତ୍ତମ ଆନ୍ତରିକ ସମ୍ପର୍କ ଗଠନ କରିବେ ତାହା କର୍ମଚାରୀମାନଙ୍କୁ ଶିଖାଇବାକୁ ପଡ଼ିବ। ସମସ୍ତଙ୍କୁ ନେଇ ଯେପରି ଚାଲିବାକୁ ପଡ଼ିବ ସେ ଦିଗରେ ଉପରିସ୍ଥ ଅଧିକାରୀମାନଙ୍କୁ ଧ୍ୟାନ ଦେବା ସହିତ ବୟସ-ଲିଙ୍ଗ-ଜାତି-ସଂସ୍କୃତି ନିର୍ବିଶେଷରେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ଦେବାକୁ ହେବ। କର୍ମଚାରୀମାନେ ଯେପରି ବୃତ୍ତିଗତ ସହିତ ବ୍ୟକ୍ତିଗତ ଉନ୍ନତି ସାଧନ କରିପାରିବେ ସେଥିଲାଗି ଉପରିସ୍ଥ ଅଧିକାରୀମାନେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ। ଦୟା, ଭଦ୍ରତା, ସହାନୁଭୂତି କରୁଣା ଭଳି ଗୁଣଗୁଡ଼ିକୁ କର୍ମକ୍ଷେତ୍ରରେ ପ୍ରୋତ୍ସାହିତ କରିବା ସହିତ ସମ୍ବେଦନଶୀଳ ହେବା ମଧ୍ୟ ଅନୁଷ୍ଠାନ ମୁଖ୍ୟଙ୍କ କର୍ତ୍ତବ୍ୟ। ମୁଖ୍ୟମାନେ ଅଧସ୍ତନମାନଙ୍କ କର୍ତ୍ତବ୍ୟପରାୟଣତା ପ୍ରତି କୃତଜ୍ଞତା ଜ୍ଞାପନ, ପୁରସ୍କୃତ ଏବଂ ପ୍ରଶଂସା କରିବାରେ କାର୍ପଣ୍ୟ ପ୍ରଦର୍ଶନ କରନ୍ତୁ ନାହିଁ।

ଉପରିସ୍ଥ ଅଧିକାରୀମାନେ ଅଧସ୍ତନମାନଙ୍କର ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ ଏବଂ ଆବଶ୍ୟକ ସମୟରେ ସେମାନଙ୍କୁ ସମର୍ଥନ କରି ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଉପଲବ୍ଧ କରାଇବାକୁ ସକ୍ଷମ କରାନ୍ତୁ। ଯେତେବେଳେ ଲୋକମାନେ କାର୍ଯ୍ୟକ୍ଷେତ୍ରରେ ମାନସିକ ସୁରକ୍ଷା ପାଆନ୍ତି, ସେମାନେ ନିଜେ ଆରାମଦାୟକ ଅନୁଭବ କରନ୍ତି। ଏକ ସମ୍ମାନଜନକ ସଂଗଠନ ବିବିଧତା ଓ ସମାନତାକୁ ପ୍ରୋତ୍ସାହିତ କରେ, ଆଲୋଚନାକୁ ଉତ୍ସାହିତ କରେ ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ସଭ୍ୟତା ଉପରେ ଜୋର ଦିଏ। ଏହାକୁ ଅଧିକାରୀମାନେ ସ୍ମରଣକୁ ଆଣିବା ଦରକାର। ପ୍ରଭାବଶାଳୀ ଓ ଲକ୍ଷ୍ୟ-କୈନ୍ଦ୍ରିକ ପରିଚାଳକମାନେ କର୍ମଚାରୀମାନଙ୍କୁ ନିୟମିତ ଭାବରେ ଦକ୍ଷତା ଓ ନୂତନ ପ୍ରଯୁକ୍ତି ବିଦ୍ୟା ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଗୁରୁତ୍ୱ ଦେଇଥା'ନ୍ତି।

କର୍ମଚାରୀଙ୍କ ନିୟୋଜିତତାକୁ ବୃଦ୍ଧି କରିବାର ଅନ୍ୟ ଏକ ଉପାୟ ହେଉଛି କୌଣସି ପ୍ରକାରର ଭେଦଭାବକୁ ସହ୍ୟ କରିବା ନାହିଁ। ଆମର ମଙ୍ଗଳ ଓ ସଫଳତା ପାଇଁ ସମ୍ମାନ ଓ ଗର୍ବ ଉଭୟ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆମେ ଅନ୍ୟମାନଙ୍କୁ ସମ୍ମାନ କରୁ ଏବଂ ପ୍ରତିବଦଳରେ ସମ୍ମାନ ଆଶା କରୁ, ତାହା ସକାରାତ୍ମକ ସମ୍ପର୍କ ଏବଂ ନିଜର ଭାବନାକୁ ବୃଦ୍ଧି କରିପାରେ। ଏକ କର୍ମକ୍ଷେତ୍ର ଯେଉଁଥିରେ ସମସ୍ତଙ୍କର ସମାନ ଅଂଶଗ୍ରହଣ ରହିଥାଏ, ତାହା ଅନନ୍ୟ ଚିନ୍ତାଧାରା ଏବଂ ସୃଜନଶୀଳତାର ଏକ ମିଶ୍ରଣ ହୋଇଥାଏ, ଯାହା ସର୍ବଦା ସଂଗଠନର କାର୍ଯ୍ୟଦକ୍ଷତା, ଉତ୍ପାଦକତା ଓ ସଂସ୍କୃତି ପାଇଁ ସର୍ବୋତ୍ତମ। ମର୍ଯ୍ୟାଦା ଓ ସମ୍ମାନଜନକ ବ୍ୟବହାର ସକାରାତ୍ମକ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ, ଯେଉଁଥିରେ କର୍ମଚାରୀମାନେ ପରିପୂର୍ଣ୍ଣ, ବିଶ୍ୱସ୍ତ, ନିୟୋଜିତ ଏବଂ ସେମାନଙ୍କର ସର୍ବୋତ୍ତମ କାର୍ଯ୍ୟ କରିବାକୁ ପ୍ରେରଣାପ୍ରାପ୍ତ ହୁଅନ୍ତି।

ମୋବାଇଲ: ୯୨୩୪୬୬୭୫୪୬

# ଭିତର ବେଢ଼ାରେ କ୍ଷେତ୍ରପାଳ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ପାର୍ବତୀ ପୂର୍ବଜନ୍ମରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ଥିଲେ। ପିତାଙ୍କ ଇଚ୍ଛା ବିରୁଦ୍ଧରେ ସେ ଦେବଦେବ ମହାଦେବଙ୍କୁ ବିବାହ କରିଥିଲେ। ଥରେ ଶିବ ଓ ଦକ୍ଷ ପ୍ରଜାପତି ଦେବସଭାରେ ଉପସ୍ଥିତ ଥିବା ବେଳେ ଜଣେ ଜୋଇଁ ଶ୍ୱଶୁରଙ୍କୁ ଯେଉଁପ୍ରକାର ସମ୍ମାନ ଦେବା କଥା ଶିବ ତାହା କଲେ ନାହିଁ ବୋଲି ଦକ୍ଷ ଅଭିଯୋଗ କଲେ ଏବଂ ପ୍ରତିଶୋଧ ନେବା ପାଇଁ ଏକ ଯଜ୍ଞର ଆୟୋଜନ କରି ମହାଦେବଙ୍କୁ ଛାଡ଼ି ସମସ୍ତ ଦେବତାଙ୍କୁ ନିମନ୍ତ୍ରଣ କଲେ। ଏଥିରେ ସତୀ ମର୍ମାହତା ହେଲେ ଏବଂ ଏହାର କାରଣ ପଚାରିବା ପାଇଁ ମହାଦେବଙ୍କ ବାରଣ ସତ୍ତ୍ୱେ ପିତାଙ୍କ ଘରକୁ ବାହାରିଲେ। ଯଜ୍ଞ ସ୍ଥଳରେ ଦେବତା ଓ ମୁନିଋଷିମାନଙ୍କ ଉପସ୍ଥିତିରେ ସତୀଙ୍କ ଆଗରେ ଦକ୍ଷ ଶିବଙ୍କୁ ବହୁତ ନିନ୍ଦା କଲେ। ଏହା ଶୁଣି ସତୀ ଯଜ୍ଞାଗ୍ନିରେ ଝାସ ଦେଲେ। ଏ ଦୁଃସମ୍ବାଦ ଶୁଣି ଶିବ ତତ୍‌କ୍ଷଣାତ୍ ଯଜ୍ଞସ୍ଥଳକୁ ଯାଇ ଦକ୍ଷଙ୍କର ଶିରଚ୍ଛେଦ କଲେ। ତା'ପରେ ସତୀଙ୍କର ଶବକୁ କାନ୍ଧରେ ବହନ କରି ଦୁଃଖ ଓ କ୍ରୋଧରେ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ କମ୍ପିବାକୁ ଲାଗିଲା। ସୃଷ୍ଟି ପ୍ରଳୟ ହୋଇଯିବାର ଆଶଙ୍କାରେ ଦେବତାମାନେ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ବିଷ୍ଣୁ ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀରକୁ ଖଣ୍ଡଖଣ୍ଡ କରିଦେଲେ। ସେହି ଶରୀରାଂଶ ଯେଉଁଠାରେ ପଡ଼ିଲା, ତାହା ଗୋଟିଏ ଗୋଟିଏ ଶକ୍ତିପୀଠ ହୋଇଗଲା। ଏହାପରେ ଶିବ ନୃତ୍ୟରୁ ବିରତ ହେଲେ ସିନା ତାଙ୍କର କ୍ରୋଧ ପ୍ରଶମିତ ହେଲା ନାହିଁ। ସେ ଘନଘନ ନିଃଶ୍ୱାସ ନେଇ ଚାରି ଦିଗକୁ କ୍ରୂରଲୋଚନରେ ଚାହୁଁଥିଲେ।

ସେ ସମୟରେ ବିଷ୍ଣୁ ଚିନ୍ତା କଲେ ଯେ ସେ ଅବସ୍ଥାରେ ଶିବ ସେଠାରେ ଅଧିକ ସମୟ ରହିବା ଉଚିତ ହେବ ନାହିଁ। ତେଣୁ ସେ ଶିବଙ୍କୁ ପୁରୁଷୋତ୍ତମ କ୍ଷେତ୍ରକୁ ନେଇଆସିଲେ। କ୍ଷେତ୍ରରେ ପହଞ୍ଚି ସେ ଶିବଙ୍କୁ ଆଶ୍ୱାସନା ଦେଲେ- 'ମହାଶୟ! ଦେବୀ ସତୀ ପର ଜନ୍ମରେ ହିମାଳୟଙ୍କ କନ୍ୟା ପାର୍ବତୀ ରୂପେ ଜନ୍ମ ନେଇ ଆପଣଙ୍କୁ ପତି ରୂପେ ବରଣ କରିବେ। ବର୍ତ୍ତମାନ ଆପଣ ନିତ୍ୟବୈକୁଣ୍ଠ ନୀଳାଚଳ ଧାମରେ ଅବସ୍ଥାନ କରନ୍ତୁ।' ନୀଳାଚଳ ଧାମର ସୌନ୍ଦର୍ଯ୍ୟ ଓ ସାଗର କୂଳରେ ଅବସ୍ଥିତି ଶିବଙ୍କର କ୍ରୋଧକୁ କିଛି ପରିମାଣରେ ପ୍ରଶମିତ କଲା। ପରମ ବିଷ୍ଣୁକ୍ଷେତ୍ର ନୀଳାଚଳରେ ଅବସ୍ଥାନ ପାଇଁ ସ୍ୱୟଂବିଷ୍ଣୁଙ୍କ ନିମନ୍ତ୍ରଣ ପାଇ ସେ ବହୁତ ଖୁସି ହୋଇ କହିଲେ- 'ମହାପ୍ରଭୁ! ଆପଣଙ୍କ ପ୍ରସ୍ତାବ ମୋର ସୌଭାଗ୍ୟ। କିନ୍ତୁ ଶିବଗଣ ଓ ଦ୍ୱାରପାଳଙ୍କ ବିନା ମୋର ଏଠାରେ ଅବସ୍ଥାନ ସମ୍ଭବ ହେବ ତ?'- 'ଆପଣଙ୍କ ମନ୍ଦିରରେ ରହି ଆପଣଙ୍କୁ ସାନିଧ୍ୟ ଦେବା ପାଇଁ ମୁଁ ମହାଲକ୍ଷ୍ମୀଙ୍କୁ ଅନୁରୋଧ କରିବି। ମୋର ଦ୍ୱାରପାଳ ଜୟ ଓ ବିଜୟ ଆପଣଙ୍କ ଦ୍ୱାରପାଳ ରୂପେ ନିଯୁକ୍ତ ହେବେ। ଶ୍ରୀକ୍ଷେତ୍ରରେ ଆପଣ ଅଷ୍ଟଶମ୍ଭୁ ଭିତରେ ଗଣନା ହେବେ।' - ବିଷ୍ଣୁ ଆଶ୍ୱାସନା ଦେଲେ। ମହାଦେବ କହିଲେ- 'ମହାପ୍ରଭୁ! ଆପଣ ପରମ ଦୟାଳୁ। ଆପଣଙ୍କ ଆଜ୍ଞାରେ ଶ୍ରୀମନ୍ଦିରରେ ଦେବତାମାନେ ଆପଣଙ୍କ ସେବାରେ ନିଯୁକ୍ତ ହୋଇ ନିଜକୁ କୃତାର୍ଥ ମନେ କରୁଛନ୍ତି। ମୋତେ ମଧ୍ୟ କିଛି ସେବାର ଅବସର ପ୍ରଦାନ କରିବା ହୁଅନ୍ତୁ।' ବିଷ୍ଣୁ 'ତଥାସ୍ତୁ' ସହିତ କହିଲେ- 'ଆପଣ ଏ କ୍ଷେତ୍ରର ରକ୍ଷକ ହେବେ। ଆପଣଙ୍କର ନାମ 'କ୍ଷେତ୍ରପାଳ ମହାଦେବ' ହେବ। ବର୍ଷର ନଅ ଦିନ ରଥଯାତ୍ରା ସମୟରେ ଆପଣ ମନ୍ଦିରର ସୁରକ୍ଷା ଦାୟିତ୍ୱରେ ରହିବେ। ମୋର ଭକ୍ତମାନେ ପ୍ରଥମେ ଆପଣଙ୍କ ଦର୍ଶନ କରି ଆପଣଙ୍କ ଅନୁମତିପ୍ରାପ୍ତ ହେଲେ ମୋର ଦର୍ଶନ କରିପାରିବେ।' ଏ ବିଷୟରେ ନୀଳାମ୍ବର ଦାସ 'ଗୁଣ୍ଡିଚା ମଙ୍ଗଳ'ରେ ବର୍ଣ୍ଣନା କରିଛନ୍ତି- 'ଏହି ନବଦିନ ନୀଳାଚଳ ହେବ ଶୂନ୍ୟ, ନ ଗମିବେ ସେ ଠାବକୁ ମୋ ଭକତ ଜନ / ସବୁ ଦେବଦେବୀମାନେ ରଥରେ ଆସିବେ, କ୍ଷେତ୍ରପାଳ ଭଇରବ ମାତ୍ର ଜଗିଥିବେ।'

ତା'ପରେ 'କ୍ଷେତ୍ରପାଳ ମହାଦେବ' ଭିତର ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ଏକ ମନ୍ଦିରରେ ବିରାଜମାନ କରୁଛନ୍ତି। ତାଙ୍କ ମନ୍ଦିରର ତୋରଣରେ ମହାଲକ୍ଷ୍ମୀ ବିରାଜମାନ କରୁଛନ୍ତି ଏବଂ ଜୟ ବିଜୟ ଦ୍ୱାରପାଳ ଦାୟିତ୍ୱରେ ଅଛନ୍ତି। କିନ୍ତୁ ଶିବଙ୍କର କ୍ରୋଧ ଏ ପର୍ଯ୍ୟନ୍ତ ପ୍ରଶମିତ ହୋଇନାହିଁ। ତେଣୁ ତାଙ୍କର ଧ୍ୟାନମନ୍ତ୍ରରେ ସେ ଉଗ୍ର, ଭୀଷଣ ଓ କ୍ରୂରଲୋଚନ ଭାବେ ବର୍ଣ୍ଣିତ ହୋଇଛନ୍ତି- 'କ୍ଷେତ୍ରପାଳ ନମସ୍ତେସ୍ତୁ ଭୀଷଣଂ କ୍ରୂର ଲୋଚନଂ, ତ୍ରିଶୂଳଂ ପାନପାତ୍ରଂଚ ଦଧାନମୁଗ୍ର ଭୈରବମ୍ / କ୍ଷେତ୍ର ଦର୍ଶନଂ ମେ ଦେହି ପାପଘ୍ନ ଚଣ୍ଡ ବିକ୍ରମ, ମହାପାପହରମୁଗ୍ରଂ ନମାମି କ୍ଷେତ୍ରରକ୍ଷକମ୍।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେଡିର ଅଭିଯୋଗ

# ମନମୋହନ ସାମଲ ଦେଇଛନ୍ତି ମିଥ୍ୟା ସତ୍ୟପାଠ

- ୨ଟି ସତ୍ୟପାଠରେ ପରସ୍ପର ବିରୋଧୀ ତଥ୍ୟ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଦଳ

ଭୁବନେଶ୍ୱର,୩।୬(ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ରାଜ୍ୟ ବାର କାଉନସିଲ ଓ ନିର୍ବାଚନ କମିସନଙ୍କୁ ଦେଇଥିବା ଅଲଗା ଅଲଗା ସତ୍ୟପାଠରେ ମିଥ୍ୟା ତଥ୍ୟ ଦେଇଛନ୍ତି। ମଙ୍ଗଳବାର ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଗୋଟିଏ ରାଷ୍ଟ୍ରୀୟ ଦଳର ସଭାପତି ଭାବରେ କାର୍ଯ୍ୟ କରି ଆସୁଥିବା ଶ୍ରୀ ସାମଲଙ୍କ ମିଥ୍ୟା ସତ୍ୟପାଠ ତାଙ୍କ ନୀତି ଓ ନୈତିକତା ଉପରେ ପ୍ରଶ୍ନ ସୃଷ୍ଟି କରିଛି ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ବିଜେପି ସଭାପତିଙ୍କ ମିଥ୍ୟା ସତ୍ୟପାଠର ଖୁଲାସା କରିଥିଲେ। ଅଭିଯୋଗ କରିଥିଲେ ଯେ ୨୦୧୫ ମସିହାରେ ଶ୍ରୀ ସାମଲ ରାଜ୍ୟ ବାର କାଉନସିଲ ପାଖରେ ଦାଖଲ କରିଥିବା ସତ୍ୟପାଠରେ ୧୯୮୬ ମସିହାରୁ ସେ ଚାନ୍ଦବାଲି କୋର୍ଟରେ ଓକିଲାତି କରୁଛନ୍ତି ବୋଲି ଦର୍ଶାଇଛନ୍ତି। ଏହି ସତ୍ୟପାଠରେ ଶ୍ରୀ ସାମଲ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟ ମନ୍ତ୍ରିମଣ୍ଡଳରେ ଖାଦ୍ୟ ଯୋଗାଣ ଓ ରାଜସ୍ୱ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ବୋଲି ସୂଚନା ଦେଇନଥିଲେ। ସେହିପରି ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚନ କମିସନଙ୍କ ପାଖରେ ଦାଖଲ କରିଥିବା ସତ୍ୟପାଠରେ ଶ୍ରୀ ସାମଲ ଓକିଲାତି କରୁଛନ୍ତି ବୋଲି ଉଲ୍ଲେଖ କରିନାହାନ୍ତି। ଏହି ସତ୍ୟପାଠରେ, ସମାଜସେବା ତାଙ୍କର ପେସା ବୋଲି ଉଲ୍ଲେଖ କରିଛନ୍ତି। ଏସଂପର୍କରେ ଅଭିଯୋଗ ପାଇଲା ପରେ ରାଜ୍ୟ ବାର କାଉନସିଲ ଦ୍ୱାରା ଶ୍ରୀ ସାମଲଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ଦୁଇ ସତ୍ୟପାଠକୁ ନେଇ ଡ. ମହାନ୍ତି କହିଛନ୍ତି ଯେ ଶ୍ରୀ ସାମଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ୨ଟି ଅଲଗା ଅଲଗା ସତ୍ୟପାଠରେ ସେ ତଥ୍ୟ ଲୁଚାଇଛନ୍ତି। ଏହାଛଡ଼ା ଗୋଟିଏ ସତ୍ୟପାଠରେ ଦିଆଯାଇଥିବା ତଥ୍ୟ ଅନ୍ୟ ସତ୍ୟପାଠର ତଥ୍ୟର ବିରୋଧାଭାଷ କରୁଛି। ତେଣୁ ଜଣେ ବରିଷ୍ଠ ରାଜନେତା ଭାବେ ତାଙ୍କର ଏହି କାର୍ଯ୍ୟ ତାଙ୍କର ନୀତି ଓ ନୈତିକତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ଶ୍ରୀ ସାମଲ କାରଣ ଦର୍ଶାଅ ନୋଟିସର ଉତ୍ତର ରଖିବା ସହିତ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ଦିଅନ୍ତୁ। ଏହି ବେନିୟମ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଡ. ମହାନ୍ତି କହିଛନ୍ତି।

# କେନ୍ଦ୍ରୀୟ ଡେପୁଟେସନରେ ଯିବେ ଆଶିଷ ଠାକରେ

ଭୁବନେଶ୍ୱର,୩।୬(ସମିସ): ରାଜସ୍ୱ ବୋର୍ଡର ସଚିବ ଭାବେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ଆଶିଷ ଠାକରେ କେନ୍ଦ୍ରୀୟ ଡେପୁଟେସନରେ ଯିବେ। ଆଶିଷ ଠାକରେଙ୍କୁ ଭିନ୍ନକ୍ଷମ ଓ ସଶକ୍ତୀକରଣର ମନ୍ତ୍ରଣାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର। ୨୦୧୧ ବ୍ୟାଚର ଓଡ଼ିଶା କ୍ୟାଡର ଆଇଏଏସ ଅଧିକାରୀ ୫ ବର୍ଷ ଯାଏ ଏହି ଦାୟିତ୍ୱରେ ରହିବେ ବୋଲି ମଙ୍ଗଳବାର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ୩ ସପ୍ତାହ ମଧ୍ୟରେ ସେ କାର୍ଯ୍ୟରେ ଯୋଗ ଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଲିଖିତ ପତ୍ରରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି। ପୂର୍ବରୁ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲ୍ଲାର ଜିଲ୍ଲାପାଳ ଭାବେ ଆଶିଷ ଠାକରେ କାର୍ଯ୍ୟ କରିସାରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ...

ପର୍ଯ୍ୟାପ୍ତ କାରଣ ବିନା ଅନେକ ଦିନ ଧରି ବିଭିନ୍ନସ୍ତରରେ ପଡ଼ି ରହୁଛି। ଏଥିପାଇଁ ପ୍ରଶାସନିକ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ ଘଟୁଛି। ବିଶେଷ ଭାବରେ ନୀତିଗତ ନିଷ୍ପତ୍ତି ସମ୍ବନ୍ଧୀୟ ଫାଇଲ ଗୁଡ଼ିକ ମନ୍ତ୍ରୀ, ବିଭାଗୀୟ ସଚିବ ଏବଂ ନିର୍ଦ୍ଦେଶକସ୍ତରରେ ଅନେକ ସମୟ ଧରି ପଡ଼ିରହୁଛି। ଯାହାଫଳରେ ଯୋଜନାଗୁଡ଼ିକ କାର୍ଯ୍ୟକ୍ରମ ହେବାରେ ବିଳମ୍ବ ଘଟୁଛି। ଏଥିପାଇଁ ବଜେଟରେ ପ୍ରାବଧାନ କରାଯାଇଥିବା ଅର୍ଥ ମଧ୍ୟ ସଠିକ୍ ସମୟରେ ଏବଂ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁନଥିବା ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିବା ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓସ୍ୱାସ ମାଧ୍ୟମରେ ପ୍ରଚଳନ ହେଉଥିବା ଫାଇଲ ଗୁଡ଼ିକ ବିଭାଗୀୟ ସଚିବମାନେ କଡ଼ାକଡ଼ି ଭାବେ କ୍ରମାଗତ ନିରୀକ୍ଷଣ ଏବଂ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ଫାଇଲ ଗୁଡ଼ିକ ଉପରେ ଯଥାଶୀଘ୍ର ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବମାନେ ସୁନିଶ୍ଚିତ କରିବେ। ଏହି ନିର୍ଦ୍ଦେଶନାମାକୁ ସମସ୍ତ ବିଭାଗୀୟ ସଚିବ, ନିର୍ଦ୍ଦେଶକ, ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏପରି ନିର୍ଦ୍ଦେଶନାମା ପରେ ପ୍ରଶାସନିକ ସ୍ତରରେ ଚାଲିଥିବା ଅସଙ୍ଗତି ଏବଂ ବିଶୃଙ୍ଖଳା ସ୍ପଷ୍ଟ ହୋଇ ଯାଇଛି। ପ୍ରଶାସନିକ ଅଧିକାରୀମାନେ ଶୃଙ୍ଖଳିତ ହେବାକୁ ମୁଖ୍ୟମନ୍ତ୍ରୀ ବାରମ୍ବାର ବିଭିନ୍ନ କାର୍ଯ୍ୟକ୍ରମ, ସଭାରେ କହୁଛନ୍ତି। ଏହାସତ୍ତ୍ୱେ ସରକାରୀ ଫାଇଲ ପରିଚାଳନାରେ ବିଳମ୍ବ ହୋଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କ୍ଷୋଭ ପରେ ମୁଖ୍ୟ ସଚିବ ମଧ୍ୟ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀଙ୍କ ଉପରେ ନିଜର ଅସନ୍ତୋଷ ଝାଡ଼ିଛନ୍ତି । ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନରେ ବିଳମ୍ବକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି। ମାତ୍ର କେଉଁସ୍ତରରେ ଓ କେଉଁ କାରଣରୁ ଫାଇଲ୍ ଅଟକି ରହୁଛି, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ବିଳମ୍ବିତ ହେଉଛି, ସେ ସମ୍ପର୍କରେ କେବେ ତର୍ଜମା କରାଯିବ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ।

## ଛାତ ବିମ୍ ଖସି...

ପୁରୁଣା ବିଲ୍ଡିଂର ଲୁହାରଡ଼କୁ କାଟି ଭାଙ୍ଗୁଥରେ।

ଏହି ସମୟରେ ଛାତ ବିମ୍‌ର ଭୁଶୁଡ଼ି ପଡ଼ିଥିଲା। ୩ ଜଣ ଶ୍ରମିକ ସ୍ଲାପ୍ ତଳେ ଚାପି ହୋଇ ରହିଯାଇଥିବା ବେଳେ ଅନ୍ୟମାନେ ଦୌଡ଼ି ପଳାଇଥିଲେ। ଖବର ପାଇ କଳ୍ପନା ଅଗ୍ନିଶମ ବାହିନୀ ଏବଂ ଏୟାରପୋର୍ଟ ଥାନା ପୁଲିସ ପହଞ୍ଚିଥିଲେ। ଉକ୍ତ ଘର ଚାରିପଟେ ପୁଲିସ କର୍ଡନ କରିବା ପରେ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଅଗ୍ନିଶମ କର୍ମଚାରୀ ହାଇଡ୍ରାଲୋଜିକ ମେସିନ ସାହାଯ୍ୟରେ ଉଦ୍ଧାର କରିଥିଲେ। ଷ୍ଟ୍ରାଇକିଂ ଫୋର୍ସ ଏବଂ ସନ୍ଧାନୀ କୁକୁର ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ୨୦ ମିନିଟ୍ ପରେ ଅଗ୍ନିଶମ ବିଭାଗ ୨ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ଜଣଙ୍କୁ ଉଦ୍ଧାର କରିପାରିନଥିଲେ। ବହୁ ଖୋଜା ଖୋଜି କରାଯିବା ପରେ ଉକ୍ତ ଶ୍ରମିକଙ୍କୁ ଅଚେତ ଅବସ୍ଥାରେ ସ୍ଲାବ୍ ତଳୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର କରାଯାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।। ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ଯେ, କାମ ବେଳେ ସେଫ୍ଟି ଗାଇଡ୍‌ଲାଇନ୍ ପାଳନ କରାଯାଇନଥିଲା। ତେଣୁ ପୁଲିସ ଏହି ଠିକା ସଂସ୍ଥାର ମାଲିକଙ୍କୁ ଖୋଜାଖୋଜି କରୁଛି। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।

## ପାଇଖାନା ଟାଙ୍କିରେ...

ସେମାନେ ଭିତରକୁ ପଶିବା ମାତ୍ରେ ଅଚେତ ହୋଇପଡ଼ିଥିଲେ। ସେମାନେ ବାହାରକୁ ନଆସିବାରୁ ଲୋକେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣା ସ୍ଥଳରେ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ମଧ୍ୟ ପହଞ୍ଚିଥିଲେ। ସମସ୍ତ ଚାରି ଜଣଙ୍କୁ ଉଦ୍ଧାର କରି ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ଅପରପକ୍ଷେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶୀ ପ୍ରଦାନ ନେଇ ଘୋଷଣା କରିଛନ୍ତି।

## ଦାଗୀ ସଂସ୍ଥାକୁ...

ଅନୁରୂପ ଭାବରେ ଗତ ୧୦ ବର୍ଷ ମଧ୍ୟରେ ଅନ୍ୟୂନ ୨୦୦ କୋଟି ଟଙ୍କାର କାର୍ଯ୍ୟ କରିଥିବା ସଂସ୍ଥାକୁ ଏଥିପାଇଁ ଯୋଗ୍ୟ ବିବେଚିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲେ ହେଁ ଏହାର ମୂଲ୍ୟାୟନ ପାଇଁ ଉଭୟ କ୍ଷେତ୍ରରେ ଭିନ୍ନଭିନ୍ନ ନମ୍ବର ପ୍ରଦାନ ସନ୍ଦେହ ସୃଷ୍ଟି କରିଛି। ଅନୁରୂପ ଭାବରେ ଟେଣ୍ଡରର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଟେକ୍‌ନିକାଲ ପ୍ରପୋଜାଲରେ ଠିକାସଂସ୍ଥାର 'ପ୍ରେଜେଣ୍ଟେସନ' ପାରାମିଟର ବା ସର୍ତ୍ତରେ ଅଫଲାଇନରେ ୩୫ ନମ୍ବର ଦିଆଯିବା ବ୍ୟବସ୍ଥା ଥିବାବେଳେ ଅନଲାଇନ୍‌ରେ ୪୫ ନମ୍ବର ପ୍ରଦାନ ପାଇଁ ବିଜ୍ଞପ୍ତିକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ଉଠାଇଛି। ଗୋଟିଏ ଟେଣ୍ଡର ପାଇଁ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଭିନ୍ନଭିନ୍ନ ସର୍ତ୍ତ ସମ୍ବଳିତ ବିଜ୍ଞପ୍ତି କାହିଁକି ପ୍ରକାଶ କରାଯାଇଛି ସେ ସମ୍ପର୍କରେ କୌଣସି ଉତ୍ତର ମିଳୁନାହିଁ।

ଅନ୍ୟପକ୍ଷରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଏହି ପ୍ରସ୍ତାବିତ ପ୍ରକଳ୍ପର ଠିକା ସମ୍ପ୍ରତି ଏକ ଦାଗୀ ସଂସ୍ଥାକୁ ଦିଆଯାଇଥିବା ଏବେ ଅଭିଯୋଗ ହୋଇଛି । ଯେଉଁ ସଂସ୍ଥା ସବୁଠାରୁ କମ୍ ଅର୍ଥରାଶି ସହ ଆବେଦନ କରିଥିଲା ତାକୁ ବାଦ ଦେଇ ୨% ଅଧିକ ମୂଲ୍ୟରେ ଟେଣ୍ଡର ପକାଇଥିବା ଏକ ସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟ ପ୍ରଦାନ ପାଇଁ ମନୋନୀତ କରାଯାଇଛି। ପୂର୍ବରୁ ଏହି ସଂସ୍ଥା ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ୪ଟି ଛାତ୍ରାବାସ ନିର୍ମାଣ ପାଇଁ ଠିକା ନେଇଥିବାବେଳେ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଥିଲା ଏବଂ ସଂପୃକ୍ତ ସଂସ୍ଥାର ଅଧିକାରୀମାନେ ନିମ୍ନମାନର କାର୍ଯ୍ୟ କରି ସରକାରୀ ପାଣ୍ଠି ଆତ୍ମସାତ କରିଥିବା ନେଇ ଗତ ୨୦୨୩ ସେପ୍ଟେମ୍ବର ୫ ତାରିଖରେ କଟକ ଭିଜିଲାନ୍ସ ଏସ୍‌ପି ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ଅବଗତ କରିଥିଲେ। ପୂର୍ବରୁ ଯେଉଁ ଠିକା ସଂସ୍ଥା ଓଡ଼ିଶାରେ ନିମ୍ନମାନର କାର୍ଯ୍ୟ କରି ନିନ୍ଦିତ ହୋଇଛି, ସେହି ସଂସ୍ଥାକୁ କିପରି ଏହି ପ୍ରକଳ୍ପରେ ସୁଯୋଗ ମିଳିଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ସିଡ଼ିଏ ଉପାଧ୍ୟକ୍ଷ ତଥା ବୈଷୟିକ କମିଟି ସଦସ୍ୟ ଅନାମ ଚରଣ ପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା। ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍ ଟେଣ୍ଡର ବିଜ୍ଞପ୍ତିରେ ବିଚ୍ୟୁତି, ପୂର୍ବରୁ ନିନ୍ଦିତ ହୋଇଥିବା ଠିକା ସଂସ୍ଥାକୁ ପ୍ରକଳ୍ପ ପ୍ରଦାନ ସମ୍ପର୍କରେ ତାଙ୍କର ମତାମତ ଲୋଡ଼ା ଯାଇଥିଲା। ସେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ଓ ଏ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ତାଙ୍କର ମତ ଦେବେ ବୋଲି କହିଛନ୍ତି।

## ୬ ସପ୍ତାହ ପରେ...

ଦେୟମୁକ୍ତ ଚିକିତ୍ସା ସେବା ମିଳୁଥିଲା। ଯେକୌଣସି ସମସ୍ୟା ଉପୁଜୁଥିଲା, ମାତ୍ର ୨୪ ଘଣ୍ଟା ଭିତରେ ସମାଧାନ ହୋଇଯାଉଥିଲା। ମାତ୍ର ଆୟୁଷ୍ମାନ ଭାରତରେ ସେଭଳି ହେଉନାହିଁ ବୋଲି ଅଭିଯୋଗ ହୋଇଛି।

ବ୍ଲକ୍ ଗୁଡ଼ିକରେ ଯେତିକି ସଂଖ୍ୟକ ହିତାଧିକାରୀ ଅଛନ୍ତି, ସେମାନଙ୍କୁ ଦୁଇଟି ପର୍ଯ୍ୟାୟରେ କାର୍ଡ ଦିଆଯାଇଥିଲେ ହେଁ ସଂପୂର୍ଣ୍ଣ କାର୍ଡ ପହଞ୍ଚି ପାରିନାହିଁ। ତେଣୁ ଲୋକମାନେ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଶା ଓ ଅଙ୍ଗନବାଡ଼ି ୱାର୍କର କାର୍ଡ ବଣ୍ଟନ ଦାୟିତ୍ୱରେ ଅଛନ୍ତି। ଏଥିସହ ହିତାଧିକାରୀ ନିଜେ ମଧ୍ୟ ଚାହିଁଲେ ଅନ୍‌ଲାଇନ୍‌ରୁ ନିଜର କାର୍ଡ ଡାଉନ୍‌ଲୋଡ୍ କରିପାରିବ। ହେଲେ ଯେଉଁମାନେ କାର୍ଡ ପାଇନାହାନ୍ତି, ସେମାନେ ଚେଷ୍ଟା କରି ମଧ୍ୟ ଅନ୍‌ଲାଇନ୍‌ରୁ କାର୍ଡ ଡାଉନ୍‌ଲୋଡ୍ କରିପାରୁନାହାନ୍ତି। ଏଥିସହ କିଛି ଲୋକଙ୍କର କାର୍ଡରେ ଅନ୍ୟ ଲୋକମାନେ ଯୋଡ଼ି ହୋଇଛନ୍ତି। ତାକୁ ନେଇ ମଧ୍ୟ ବିରାଟ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମସ୍ୟା ଥିବା ରୋଗୀମାନଙ୍କୁ ଓଡ଼ିଶାରେ ଯଦିଓ ସେବା ମିଳୁଛି, କିନ୍ତୁ ଓଡ଼ିଶା ବାହାରେ ଚିକିତ୍ସା ସେବା ପାଇବାରେ ସମସ୍ୟା ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଏସ୍‌କେୱାଇ ଯୋଜନାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରୁଥିଲେ। ତେଣୁ ଯାହା ସମସ୍ୟା ଉପୁଜୁଥିଲା, ତା'ର ତୁରନ୍ତ ସମାଧାନ କରାଯାଇ ପାରୁଥିଲା। ମାତ୍ର ଆୟୁଷ୍ମାନ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ ସମସ୍ୟା ସମାଧାନ କରିବାରେ ବିଳମ୍ବ ହେଉଛି। ବାହାର ରାଜ୍ୟରେ ରହୁଥିବା ଲୋକମାନଙ୍କର ତାଲିକା ପ୍ରସ୍ତୁତ କରାଯାଇ ତାଙ୍କୁ ଆମେ ଅଗ୍ରାଧିକାର ଭିତ୍ତିରେ ଦେବାକୁ ଚେଷ୍ଟା କରିବୁ । ପ୍ରାଥମିକ ପର୍ଯ୍ୟାୟରେ କିଛି ସମସ୍ୟା ଉପୁଜୁଥିଲା, ଏବେ ତା'ର ସମାଧାନ କରାଯାଉଛି। ଖୁବ୍‌ଶୀଘ୍ର ଏହା ବ୍ୟବସ୍ଥିତ ହୋଇଯିବ ବୋଲି ସେ କହିଛନ୍ତି।


**AFFIDAVIT**

I, LAXMI MIRDHA, Resident of Bhalulata, PO: Indrapur, PS: Raiboga, DISTRICT: Sundergarh do hereby change my name from LAKSHAMANI GANJHU to LAXMI MIRDHA with immediate effect vide affidavit dated 18/03/2025 sworn before Executive Magistrate, Panposh.

**AFFIDAVIT**

I, Golap Sundari Sahu, W/o Prabhat Kumar Sahu, resident of At-Purunahatsahi, Ward no-06, Po- Baripada, Ps- Baripada Town, Dist- Mayurbhanj, Pin-757001, Odisha, declare by this dtd. 03/06/2025 affidavit no.2/12 that now onwards Arati Sahu shall be known as Golap Sundari Sahu for all future purposes.

Office of the Principal, GVHSS

**Salandi Higher Secondary School**

Uttarabahini, Po- Garadapur, Dist- Bhadrak, Pin- 756181

Email ID- salandi.principal@gmail.com, Mob- 9439444122

**WANTED GUEST FACULTY**

A Walk in interview shall be held on **Date 17.06.2025 (Tuesday)** for a **Guest Faculty in SPEFL at 10:00 am** in the office to engage for the session 2025-26. Eligible candidates may attend the interview with all original and Xerox copies of certificates. The undersigned reserves the right to cancel part or whole of the interview without assigning any reason thereof. No TA/DA is admissible for attending the interview.

**Qualification:–** MPEd. (Post Graduation in Physical Education from a recognised institution / University with at least 1 year work/teaching experience.)

**Sd/- Principal, GVHSS**
Salandi Higher Secondary School,
Uttarabahini, Bhadrak

**OFFICE OF THE SHRADHAPUR SERVICE CO-OPERATIVE SOCIETY LTD.**

At/Po - Shradhapur, P.S - Bhograi, Via - Fulabani, Dist. - Balasore - 756037

RECRUITMENT TO THE POST OF ASSISTANT SECRETARY OF SHRADHAPUR SCS LTD.

**APPOINTMENT NOTICE**

Advertisement No: 01 Date: 02.06.2025

Applications are invited from eligible candidates for one post of Assistant Secretary of Shradhapur SCS Ltd., Shradhapur as per the following criteria:Scale of Pay: ₹4440/- to ₹7440/- with Grade Pay ₹1650/- per month (DA and other allowances admissible subject to financial condition of the Society)Eligibility: Candidates must belong to the area of operation of Shradhapur SCS Ltd. (including Shradhapur, Sarabani, Kanyanagari, Praharajpur, Napharai, Kismat Napharai, Khadibil, Palasia, Bichitrapur, Ranasingpur, Kanthibhauri, Badapahi, Phulabani, Hadigochhia, Chakanafarai, Chakasarabani, Krushnanagar). If no suitable candidate is found, the scope extends to Bhograi block and then to Balasore district.Qualification: Minimum +2 in any discipline. Computer knowledge is mandatory, and candidates must hold a diploma/degree in computer application. Preference will be given to those with additional qualifications (e.g., B.A., B.Com., M.A., M.Sc., M.B.A., etc.).Mode of Selection: Based on academic career on a 100-point scale, primarily considering marks in H.S.C./+2 exams. Extra points for higher qualifications. Age: Must be between 21 and 38 years as of 01.01.2025. Upper age relaxation: SC/ST/OBC/SEBC/Ex-Serviceman: 43 years Co-operative Society employees: 48 years Application Details: Form Availability: From 05.06.2025 at Shradhapur SCS office for ₹500/- Submission Deadline : By 19.06.2025, between 10:00 AM to 4:00 PM (working days only).

Note: The authority reserves the right to cancel any or all applications without assigning any reason.

**Sd/-President,**
**Shradhapur SCS-Cum-Chairman,**
**Appointment Committee**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sl. no.39, dtd. 27.05.2025 in the court of the Executive Magistrate, Nandapur, I, Lalita Hinjarada have changed my dauther's name from Amrita Injarda to Amrita Hinjarada. Henceforth she will be known as **Amrita Hinjarada** instead of Amrita Injarda for all purposes.

Sd/- Lalita Hinjarada

**AFFIDAVIT**

I Salony Samantsinghar, age- 47 resident of Plot No- 94 Budheswari Colony, PO: Budheswari Colony, PS: Laxmisagar, Bhubaneswar, 751006, District: Khordha, Odisha, declare by this Affidavit No- 15 AA 381931 dated - 29/05/2025 that now onwards my minor son Shreyaan shall be known as **Shreyaan Bal** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Adhikari Barik, Plot No. 498, Vill/Po- Patrapada, PS-Khandagiri, Bhubaneswar, Dist.- Khordha hereby declare that Adhikari Barik (New Name) & Prafula Barik (Old name) is one and the same person i.e.. That I shall be known as Adhikari Barik all purposes.

Sd/- Adhikari Barik

**AFFIDAVIT**

By virtue of an affidavit sworn before the Executive Magistrate, Gop, CF No: 2237/2 dated 31/05/2025, I **DIPAK BARIK**, S/o Amareswar Barik resident of Village At - Sorabha, Po-Sorabha, Ps- Gop, Dist- Puri, Odisha Pin- 752107 declare that I have changed my minor daughter name from **Priti Pragnya Barik** to **Pritiprajna Barik**. Henceforth, she shall be known as **PRITIPRAJNA BARIK** for all purposes.

Sd- Dipak Barik

**AFFIDAVIT**

I Sri Ajay Kumar Sahu S/O Late Binod Bihari Sahu my residential address AT- Nadpur, PO-Nuagaon, P.S –Baisinga, Dist. –Mayurbhanj, Odisha, Pin-757025. I swear this affidavit is to be produced before the Notary Public Betnoti Affidavit No. 02 date-27.10.2023. My daughter name wrongly type from Shuvalaxmi Sahu to Subhalaxmi Sahu . That, the correct name of my daughter is "Shuvalaxmi Sahu" for all future purpose.

(Ajay Kumar Sahu)

**AFFIDAVIT**

By virtue of an affidavit dtd-03/06/2025, C.F No-02 before Executive Magistrate, Bhubaneswar, I Tuna Maharana, S/o- Prabhat Maharana, At-Nilachakra Nagar, Jaydev vihar, P.O-RRL, P.S-Nayapalli, Bhubaneswar, Dist- Khordha, Pin-751013. Wrong date of Birth-20/02/2000. That now onwards, I shall be known as **SUBHAM MAHARANA** and The original date of Birth is **21/10/2006** for all future purposes.

**AFFIDAVIT**

By virtue of an affidavit in the court of the Executive Magistrate, Jajpur DTD 03.02.2025 no 938 . That my son name is Janmejaya Kandi as recorded in HSC certificate and birth certificate and Mahesh Kumar Kandi as recorded in Aadhar card. Hence declared both Janmejay and Mahesh is one and same person and My son will be known as **Janmejay Kandi** in all purposes.

Sd/- Mahendra kandi

**AFFIDAVIT**

By virtue of an affidavit sl. no.5, dtd. 03.06.2025 in the court of the Executive Magistrate, Keonjhar,I, Rebati Naik have changed my minor son's name from Program Naik to Prittam Naik. Henceforth he will be known as Prittam Naik instead of Program Naik for all purposes.

Sd/- Rebati Naik

**NOTICE**

By virtue of an affidavit sworn before notary public, Nimapara, dated 23/05/2025, I Jitendra kumar khojee, At-Kothakusanga, Po-Bakugram, Ps- Balanga, Pin-752105 declare that, I have changed the name of my Daughter from Simran Khoji to Riya Khoji. Henceforth, She shall be known as Riya Khoji for all purposes.

Jitendra kumar Khojee

**NOTICE**

By virtue of an affidavit sworn before notary public, Nimapara, dated 23/05/2025, I Jitendra kumar khojee, At-Kothakusanga, Po-Bakugram, Ps- Balanga, Pin-752105 declare that, I have changed the name of my son from Imran Khoji to Devraj Khoji. Henceforth, he shall be known as Devraj Khoji for all purposes.

Jitendra kumar Khojee

**NOTICE**

By virtue of an affidavit sworn before The Notary Public, Udala, Mayurbhanj, dated 03-06-2025, I, Shankha Hansdah, Address Village- Dahanibuda, PO.-Silaghati, PS.- Khunta, Dist-Mayurbhanj, Odisha, Pin-757019 declare that I have changed my Daughter's name from Fulamani Hansdha to Fulamani Hansdah. Henceforth, she shall be known as **Fulamani Hansdah** for all purposes.

Shankha Hansdah

**Notice (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 27-05-2025 I, Panamani Hansdah, Address At-Gayalamara, P.O.- Gayalamara, P.S.- Khunta, Dist- Mayurbhanj, Odisha, Pin Code – 757104, declare that I have changed the name of my son from **Rituraj Hansdah** to **Sanat Bir Hansdah.** Henceforth he shall be known as **Sanat Bir Hansdah** for all purposes.

Panamani Hansdah

**ହଜି ଯାଇଥିବା କବଲା ପାଇଁ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ମୁଁ **ଶ୍ରୀ ପ୍ରହଲ୍ଲାଦ ବେହେରା,** ପିତା- ପ୍ରଫୁଲ୍ଲ ବେହେରା ଗ୍ରାମ-ଗୋପିନାଥପୁର ପୋ-ଆଙ୍ଗୁଲା, ଥାନା-ଅନୁଗୋଳ ଜି-ଅନୁଗୋଳ ତା ୧୫.୦୨.୨୦୨୫ ରିଖରେ ଅନୁଗୋଳ ବଜାର ଠାରୁ ଘରକୁ ଫେରିବା ବାଟରେ ମୋର ଦଲିଲ୍ ଯାହାର ନଂ-୧୦୦୧୧୬୦୧୬୩୪ ଏହି ଦଲିଲଟି ମୋର ନାମରେ (ପ୍ରହଲ୍ଲାଦ ବେହେରା) ଉତ୍କଳ ସାହୁ ଓରେଇ ଦ୍ୱାରା ରେଜେଷ୍ଟ୍ରି ହୋଇଥିଲା । ଏହି ଦଲିଲଟି ରାସ୍ତାରେ କୌଣସି ସ୍ଥାନରେ ପଡ଼ିଯାଇଅଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ମୋତେ ନିମ୍ନଲିଖିତ ଠିକଣାରେ ଏହି ବିଜ୍ଞାପନ ବାହାରିବାର ୭ ଦିନ ଭିତରେ ଯୋଗାଯୋଗ କରି ମୋତେ ଉକ୍ତ ଦଲିଲ୍‌କୁ ଫେରାଇବାର ବନ୍ଦୋବସ୍ତ କରିବାପାଇଁ ଅନୁରୋଧ। ଏହି ଦଲିଲଟିକୁ ଆମେ ଉଜ୍ଜିବନ୍ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଅନୁଗୋଳ ଶାଖା ପାଖରେ ବନ୍ଧକ ରଖି ଋଣକରିବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ଏହି ବିଜ୍ଞାପନ ବାହାରିବାର ୭ ଦିନ ପରେ କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଏ ତାହାହେଲେ ତାହାର କୌଣସି ମୂଲ୍ୟ ରହିବ ନାହିଁ ଏବଂ କୌଣସି ବ୍ୟକ୍ତି ଏହି ଦଲିଲକୁ ପାଇ ତାହାର ଦୁରୁପଯୋଗ କରିନ୍ତି ତେବେ ଆମେ କିମ୍ବା ବ୍ୟାଙ୍କ ତାହାପାଇଁ ଦାୟୀ ରହିବେ ନାହିଁ ଏବଂ ଏହା ଗୋଟିଏ ଦଣ୍ଡନୀୟ ଅପରାଧ ଅଟେ।

**ସମ୍ପତ୍ତିର ସୂଚୀ:**
ଜିଲ୍ଲା- ଅନୁଗୋଳ, ତହସିଲ-ଅନୁଗୋଳ,
ମୌଜା-ଗୋପିନାଥପୁର, ଦଲିଲ ଅନୁଯାୟୀ
ଖାତା ନଂ-୨୬୩, ପ୍ଲଟ ନଂ-୧୬୬
**ଯୋଗାଯୋଗ ଠିକଣା-:**
ଅକ୍ଷୟ କୁମାର ବେହେରା (ଆଡଭୋକେଟ)
ମୋବାଇଲ୍ ନଂ-୭୦୦୮୯୩୭୭୭୫

**AFFIDAVIT**

I, Saroj Kumar Bhoi, aged about 42 years, S/o-chatranand Bhoi, resident of At- Kechh-obahal, Chichinda, Dist-Jharsuguda, Pin-768216, Odisha declare by this affidavit No. 1123, dtd. 03/06/2025 that now onwards I shall be known as **SAROJ BHOI** for all future purposes.

**AFFIDAVIT**

I, Satchida Nanda Swain, aged about 72 years, S/o-Late Kulamani Swain, resident of At-Paschimakachha, Diha Sahi, Po- Bahugram, Ps-Jagatpur, Dist- Cuttack, Odisha, Pin- 754200, declare by this affidavit No. 1124, dtd. 03/06/2025, that now onwards I shall be known as **SACHIDANANDA SWAIN** for all future purposes.

**AFFIDAVIT**

I, Sourav Baksi, aged about 30 years, S/o-Pradipta Kumar Baksi, resident of ICICI Bank, Po- Sundargarh, PS-Town, Dist- Sundargarh, Pin-770001, Odisha declared by this affidavit No. 2254, dtd-02/06/2025 that now onwards I shall be known as **SOURAV BAKSHI** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Titilagarh, dated-27/02/2025. I, **Babi Padhan,** Address: At-Nanajhar, P.O. Manigaon, P.S. Titilagarh, Dist. Bolangir, (Odisha) declare that I have changed my name from **Baby Jani To Babi Padhan.** Henceforth, I shall be known as **Babi Padhan** for all purposes.

**BABI PADHAN**

**AFFIDAVIT**

I, Abhilipsa, aged about 44 years, W/o- Pradeep Kumar Sahoo, resident of At- Purusottampur, Po/Ps- Khaira, Dist-Balasore, PIN- 756048, Odisha declared by this affidavit No. 473, dtd-30/05/2025 that now onwards I shall be known as **ABHILIPSA SAHOO** for all future purposes.

**AFFIDAVIT**

I, Bishnu Pradas Sahoo, aged about 71 years, S/o- Baidyanath Sahoo, resident of At-Purusottampur, Po/Ps-Khaira, Dist- Balasore, PIN- 756048, Odisha declared by this affidavit No. 474, dtd- 30/05/2025 that now onwards I shall be known as **BISHNU PADA SAHOO** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, affidavit No. 134, on dated 02/06/2025, I **Ashwini Kumar Narula,** S/o-Late Amar Nath Narula, resident of Plot No. 2132/5037, Lewis Road, Bhubaneswar, PIN- 751002, Dist- Khordha. I want to changed my name from **Ashwani Kumar Narula To Ashwini Kumar Narula.** Henceforth, I will be known as **Ashwini Kumar Narula** for all purposes.

**Ashwini Kumar Narula**

**AFFIDAVIT**

I, Mohammed Sabir Khan, S/o- Mohammed Salik Khan, resident of Suleipur, PO- Motiganj, Dist- Balasore, PIN-756003, Odisha declared by this affidavit No. 1121, dtd-03/06/2025 that now onwards I shall be known as **MD SABIR KHAN** for all future purposes.

**NOTICE**

It is hereby notice that Mr. Himansu Sekhar Mangaraj, partner of M/S Ishanakon Properties and Infrastructure Development bearing registration no. 1320202300047 and it's office address is At-Panasia, Po- F.C Plant, Dist- Jajpur, Pin- 755020, Odisha has been resigned and Mr. Sushanta Kumar Sahoo has joined as a new partner of the firm.

**AFFIDAVIT**

By virtue of an affidavit before The Notary Public, Titilagarh, on dated-02/06/2025. I, **Pandit Bag** (Applicant name), Son of Prabhakara Bag, permanent resident of At-Dunguriguda, P.O- Adabahal, P.S-Sindhekela, Dist- Bolangir, (Odisha), PIN-767066 now residing at the same place affirm that I have changed my minor Son name from **Iswari Bag** (old name) To **Iswar Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Iswar Bag** (new name).

**PANDIT BAG**

## ୧୪ରୁ ସୁନ୍ଦରଗ୍ରାମରେ ‘ରଜ ମଉଜ-୨୦୨୫’

**କଣ୍ଟାପଡ଼ା,୩।୬(ସମିସ):** ଏସ୍‌ଜି ସ୍ପୋର୍ଟିଙ୍ଗ କ୍ଲବ ସୁନ୍ଦରଗ୍ରାମ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ୩ ଦିନ ଧରି “ରଜ ମଉଜ-୨୦୨୫” କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପିଠା, ପାନ ଭଙ୍ଗା, ଶଙ୍ଖ ଫୁଙ୍କା, ହୁଳହୁଳି, ମୁରୁଜ, ଚିତା ପକା ପ୍ରଭୃତି ପ୍ରତିଯୋଗିତା ମହିଳାଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ଯୁବତୀ ଓ ମହିଳାଙ୍କ ଦ୍ୱାରା ଆଧୁନିକ ଓ ଶାସ୍ତ୍ରୀୟ ନୃତ୍ୟ, ଗୀତ ଓ ନାଟକ ପରିବେଷଣ କରାଯିବ ଏବଂ ଓଲିଉଡ୍‌ର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଷ୍ଟାର ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସାଙ୍ଗକୁ ଶିକ୍ଷା, କଳା, ସଂସ୍କୃତି ଓ ସମାଜ ସେବା କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ସହିତ ବିଭିନ୍ନ ରାଜନୈତିକ ଦଳର ରାଜ୍ୟସ୍ତରୀୟ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏସ୍‌ଜି ସ୍ପୋର୍ଟିଙ୍ଗ କ୍ଲବର କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି।

## କଲେଜରେ ନିଶା ନିବାରଣ କାର୍ଯ୍ୟକ୍ରମ

**ଫୁଲନଖରା,୩।୬(ସମିସ):** ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତମାଖୁ ବର୍ଜନ ଓ ନିଶା ନିବାରଣ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଉପଜିଲ୍ଲାପାଳ ତଥା କଲେଜର ପରିଚାଳନା ସମିତିର ସଭାପତି ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧକ୍ଷା ଯଶୋଧାରା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇଥିଲେ। ତମାଖୁ ବର୍ଜନ କରିବା ସହିତ ଏହାର କୁପରିମାଣ ବିଷୟରେ ସାଧାରଣ ଜନତାଙ୍କ ଭିତରେ ସଚେତନ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଉକ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ଜଣେ ବରିଷ୍ଠ ଅଧ୍ୟାପିକାଙ୍କୁ ନୋଡାଲ ଅଫିସର ଓ ଜଣେ ଛାତ୍ରୀଙ୍କୁ ନୋଡାଲ ଛାତ୍ରୀ ଭାବରେ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ନାଟକ ‘ସ୍ୱାମୀ ପାଇଁ ପଛେ ନର୍କକୁ ଯିବି’ ମଞ୍ଚସ୍ଥ

**ଅଡ଼ଶପୁର,୩।୬(ସମିସ):** ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ଗୋପବନ୍ଧୁ ଯୁବ ନାଟ୍ୟ ସଂସଦ, ମାଙ୍ଗ ଗ୍ରାମର କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ନାଟକ “ସ୍ୱାମୀ ପାଇଁ ପଛେ ନର୍କ କୁ ଯିବି” ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଆଖଣ୍ଡଳ ସାହୁ ଏବଂ ସହନିର୍ଦ୍ଦେଶକ ବିଭୂତି ପଟ୍ଟନାୟକ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁବାଷ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଗୋପବନ୍ଧୁ ଯୁବ ନାଟ୍ୟ ସଂସଦ, ମାଙ୍ଗର ପୂର୍ବତନ କଳାକାର ରମେଶ ଚନ୍ଦ୍ର ସ୍ୱାଇଁ, ଦିଲ୍ଲୀପ କୁମାର ମହାନ୍ତି, ଗଣେଶ୍ୱର ସାହୁ, ପ୍ରଦୀପ୍ତ କିଶୋର ସାହୁ, ବାଲୁଙ୍କେଶ୍ୱର ବେହେରା, ସରୋଜ ମହାନ୍ତି, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ନାଟ୍ୟ ସଂସଦ ତରଫରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟକରେ ଅଭିନୟ କରିଥିଲେ ବାପି, ଗୋବିନ୍ଦ, ମୁନା, ହାପି, ଚିକୁ, ହେମନ୍ତ, ଅକା, ମଣ୍ଟୁ, ସଞ୍ଜୟ, ବାବୁ, କୁନା, କୁନୁ, ଟୁଆଁ। କାର୍ଯ୍ୟକ୍ରମକୁ ନିହାର ଚନ୍ଦ୍ର ସ୍ୱାଇଁ, କ୍ଷୀରୋଦ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ଗଣେଶ୍ୱର ଭୋଇ, ପ୍ରଦୀପ ମହାନ୍ତି ଓ ମାଙ୍ଗ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

## ବନ୍ଧୁକ ଦେଖାଇ ଶିକ୍ଷୟିତ୍ରୀଙ୍କ ଘରୁ ଲୁଟ୍

**ସାଲେପୁର,୩।୬(ସମିସ):** ଗତକାଲି ବିଳମ୍ବିତ ରାତ୍ରିରେ ଜଣେ ଶିକ୍ଷୟିତ୍ରୀଙ୍କ ଘରେ ପଶି ତାଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ରୂପା ଅଳଙ୍କାର ଓ ନଗଦ ଟଙ୍କା ଦୁର୍ବୃତ୍ତମାନେ ଲୁଟିନେଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସାଲେପୁର ଥାନା ଅନ୍ତର୍ଗତ ତେନ୍ତୋଲ-ନାହୋଲ ରାସ୍ତା ପାର୍ଶ୍ୱରେ ଘର କରି ରହି ଆସୁଥିବା ଜୟନ୍ତୀ ବିଦ୍ୟାପୀଠରେ ସହକାରୀ ଶିକ୍ଷୟିତ୍ରୀ ମାନି ସିଂହଙ୍କ ଘରେ ଗତକାଲି ରାତିରେ ଦୁର୍ବୃତ୍ତମାନେ ଛାତ ଉପରେ ଚଢ଼ି ଘର ଭିତରେ ପଶି ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ତାଙ୍କର ପ୍ରାୟ ୪୦ ଗ୍ରାମରୁ ଅଧିକ ସୁନା ଅଳଙ୍କାର ଏବଂ ୧୫ରୁ ୨୦ହଜାର ଟଙ୍କା ଚୋରି କରି ନେଇ ପଳାଇଛନ୍ତି। ତାଙ୍କ ଘରେ ସିସିଟିଭି ଲାଗିଥିବାବେଳେ ଦୁର୍ବୃତ୍ତମାନେ ଏଥିପ୍ରତି ଭ୍ରୂକ୍ଷେପ ନ କରି ଘର ଭିତରେ ପଶି ଗୃହକର୍ତ୍ତାଙ୍କୁ ଭୟଭୀତ କରି ମଙ୍ଗଳସୂତ୍ର, କାନଫୁଲ, ଚୁଡ଼ି, ରୂପା ଅଳଙ୍କାର, ପାଉଁଜି ଇତ୍ୟାଦି ପ୍ରାୟ ୪୦ଗ୍ରାମରୁ ଅଧିକ ହେବ ତାକୁ ଚୋରି କରି ନେଇଯାଇଥିବାବେଳେ ପୁଲିସ ପହଞ୍ଚି ତଦନ୍ତ କରୁଥିଲେ ମଧ୍ୟ କୌଣସି ସୁଫଳ ପାଇନାହାଁନ୍ତି।

### ନେମାଳ ବୋମା ବିସ୍ଫୋରଣ ଘଟଣାର ପର୍ଦ୍ଦାଫାସ

# ଦାଦାବଟି ଆଦାୟ ପାଇଁ ତିଆରି ହେଉଥିଲା ବୋମା






## ବୋମା ବିସ୍ଫୋରଣରେ ଯାଇଥିଲା ଜଣଙ୍କ ଜୀବନ

## ୬ ଅଭିଯୁକ୍ତ ଗିରଫ, ଅସ୍ତ୍ରଶସ୍ତ୍ର ଓ ସରଞ୍ଜାମ ଜବତ

**ସାଲେପୁର,୩।୬(ସମିସ):** ନେମାଳ ବୋମା ବିସ୍ଫୋରଣ ଘଟଣାର ଆଜି ପର୍ଦ୍ଦାଫାସ କରିଛି ଗ୍ରାମାଞ୍ଚଳ ଜିଲ୍ଲା ପୁଲିସ। ଏହି ଘଟଣାରେ ଦାଦାବଟି ଆଦାୟ କରିବା ପାଇଁ ବୋମା ପ୍ରସ୍ତୁତ କରୁଥିବାବେଳେ ଏହି ବିସ୍ଫୋରଣ ଘଟିଥିବା ଓ ଏହି ଘଟଣାରେ ଜଣକର ମୃତ୍ୟୁବରଣ ଘଟିଥିବାବେଳେ ପୁଲିସ ଏଥି ସଂପୃକ୍ତ ଥିବା ଅନ୍ୟ ୬ ଜଣକୁ ଗିରଫ କରିଥିବାବେଳେ ସେମାନଙ୍କ ନିକଟରୁ ବିପୁଳ ମାତ୍ରାରେ ବିସ୍ଫୋରକ ସାମଗ୍ରୀ, ବନ୍ଧୁକ, ଖଣ୍ଡା ଓ ୩ଟି ମୋଟରସାଇକଲ୍ ଜବତ କରିଥିବା ଆଜି ସାଲେପୁର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ପ୍ରଦୀପ୍ତ କୁମାର ସାହୁ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି ଗତ ୨୮ତାରିଖ ରାତିରେ କୁସୁମଣ୍ଡଳ ଗୋପିନାଥପୁରର ମାଙ୍ଗିଗଡ଼ାଠାରେଏକ ବୋମା ବିସ୍ଫୋରଣ ଘଟି ଜଣକର ମୃତ୍ୟୁ ଘଟିଥିବାବେଳେ ଘରଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ନେମାଳ ଥାନା ଏଏସ୍‌ଆଇ ସେକ୍ ସାହାନୱାଜ ଏ ସଂପର୍କରେ ଖବର ପାଇ ଘଟଣାସ୍ଥଳକୁ ଯାଇଥିବାବେଳେ ବୋମା ଭିଡ଼ା ହେଉଥିବାବେଳେ ଏଭଳି ଅଘଟଣ ଘଟିଥିବା ଜାଣିବାକୁ ପାଇଥିଲେ। ପୁଲିସ ଏହି ବୋମା ବିସ୍ଫୋରଣ ଘଟଣାର ପର୍ଦ୍ଦାଫାଶ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଶେଷରେ ପୁଲିସ ଏହି ଘଟଣାର ପର୍ଦ୍ଦାଫାସ କରିବାରେ ସକ୍ଷମ ହୋଇଥିଲା। ଆଜି ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଏହି ଘଟଣାର ଖୁଲାସା କରି କହିଛନ୍ତି ଯେ, ଏହି ଘଟଣା ମୁଖ୍ୟ ଅଭିଯୁକ୍ତ ମିର୍ଜା ଆକବର ବେଗ୍ ଓରଫ୍ ଦୁଃଖୀ ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିଲା। ଜନୈକ ସ୍ଥାନୀୟ ଅଞ୍ଚଳର ତଥା ମୁମ୍ବାଇରେ ବ୍ୟବସାୟ କରୁଥିବା ଜନୈକ ବ୍ୟବସାୟୀଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରିବା ଉଦ୍ଦେଶ୍ୟରେ ଏହି ବୋମା ପ୍ରସ୍ତୁତ କଲାବେଳେ ବିସ୍ଫୋରଣ ଘଟିଥିଲା। ଅପର ପକ୍ଷରେ ଏହି ଗ୍ୟାଙ୍ଗ୍ ଗତ ୨/୩ ବର୍ଷ ମଧ୍ୟରେ ସଂପୃକ୍ତ ବ୍ୟବସାୟୀଙ୍କ ଠାରୁ ପ୍ରାୟ ୧କୋଟି ଟଙ୍କା ଆଦାୟ କରିଥିଲେ। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରି ଏହି ଘଟଣାରେ ସଂପୃକ୍ତ ନେମାଳ ଥାନା ଅଧୀନ ନାହାଳପୁର ଗ୍ରାମର ଦୁଃଖୀ ଓରଫ୍ ମିର୍ଜା ଆକବର ବେଗ (୫୩) ମୃତ୍ୟୁବରଣ କରିଥିବାବେଳେ କୁସୁମଣ୍ଡଳ ଗୋପିନାଥପୁରର ଦୋକାନ ମାଲିକ ମିର୍ଜା ଫୈଜଲ ବେଗ(୨୮), କୁଜଙ୍ଗ ଥାନା ଅଞ୍ଚଳର ନିଆଜ ଖାଁ(୪୮), ନାହାଳପୁର ଗ୍ରାମର ମିର୍ଜା ହକିମ୍ ବେଗ, ସେକ୍ ମତଲୁବ ଅଲ୍ଲି, ରାମେଶ୍ୱରପୁରର ଦେବେନ୍ଦ୍ର ଚୌଧୁରୀ ଓରଫ୍ ଲିପୁ ଓ କୁସୁମଣ୍ଡଳର ମିର୍ଜା ଜାହିଦ ବେଗ (୭୬)ଙ୍କୁ ପୁଲିସ ଗିରଫ କରିଥିବାବେଳେ ସେମାନଙ୍କ ନିକଟରୁ ୧୨ଟି ଜୀବନ୍ତ ବୋମା, ପ୍ରାୟ ୨କେଜି ବିସ୍ଫୋରକ ସାମଗ୍ରୀ ସହ ବେଆଇନ୍ ଅସ୍ତ୍ରଶସ୍ତ୍ର, ଗୋଟିଏ ଖଣ୍ଡା, ଗନ୍ ପାଉଡର ଜବତ କରିଛି। ସଂପୃକ୍ତ ଅଭିଯୁକ୍ତମାନେ କିଛି ଦିନ ତଳେ ନିଜର ପତିଆରା ଜାହିର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଏକ ଆମ୍ବୁଲାନ୍ସରେ ନିଆଁ ଲଗାଇ ପୋଡ଼ିଥିବାବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ପୁଲିସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି। ଏହି ଅଭିଯୁକ୍ତମାନେ ଦାଦାବଟି ଆଦାୟ କରିବା ଉଦ୍ଦେଶ୍ୟରେ ଏହି ସବୁ ବୋମା ପ୍ରସ୍ତୁତ କରୁଥିବା ପୁଲିସ କହିଛି। ଅପର ପକ୍ଷରେ ମୁଖ୍ୟ ଅଭିଯୁକ୍ତ ମୃତ ଦୁଃଖୀ ୨୦୨୧ ମସିହାରେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ନେଇ ମୁମ୍ବାଇରେ ରଖିଥିବାବେଳେ ପୁଲିସ ତଦନ୍ତ ବେଳେ ମୁମ୍ବାଇରୁ ଉକ୍ତ ନାବାଳିକାକୁ ଉଦ୍ଧାର କରିଥିବା ଜଣାଯାଇଛି। ଆଜି ସନ୍ଧ୍ୟାରେ ଅନୁଷ୍ଠିତ ଏହି ଏହି ସାମ୍ବାଦିକ ସମ୍ମିଳନୀରେ ନେମାଳ ଆଇଆଇସି ଅନୀଲ କୁମାର ନାୟକ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ପିଏନବିର କୃଷି ସମ୍ପ୍ରସାରଣ ସଚେତନତା

## ୧୪ଟି ଗ୍ରୁପକୁ ୧.୫ କୋଟିର ଋଣ ମଞ୍ଜୁରୀ ପତ୍ର ପ୍ରଦାନ

**ନିଶ୍ଚିନ୍ତକୋଇଲି,୩।୬(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପନିପରିବା ତଥା ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ ଆଦି କାର୍ଯ୍ୟ କରିବା ପାଇଁ ବିନା ସୁଧରେ ଲକ୍ଷ ଲକ୍ଷ ଟଙ୍କା ଋଣ ମଧ୍ୟ ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ପାଟପୁର କେନ୍ଦୁପାଟଣା ଛକ ଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ (ପିଏନ୍‌ବି) ପାଇକରାପୁର ଶାଖା ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସକ୍ରିୟ ଗ୍ରାହକମାନଙ୍କୁ ନେଇ ଏକ କୃଷି ସଚେତନତା କାର୍ଯ୍ୟକ୍ରମ ଜୟରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କରାଯାଇଛି।




ଏହି କାର୍ଯ୍ୟକ୍ରମରେ ମୋଟ୍ ୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧କୋଟି ୫ଲକ୍ଷ ଟଙ୍କା ଋଣ ଦେବା ପାଇଁ ମଞ୍ଜୁରୀ କରାଯାଇ ଗୋଷ୍ଠୀର ସଭାପତି ଓ ସମ୍ପାଦିକାଙ୍କୁ ଋଣ ମଂଜୁରୀ ପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଶାଖା ପରିଚାଳକ ବିଶ୍ୱରଂଜନ ଭଦ୍ରଙ୍କ ସଭାପତିତ୍ୱ ଏବଂ ବ୍ୟାଙ୍କ୍ ବିସି ହିମାଂଶୁ ଶେଖର ପୃଷ୍ଟିଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ କଟକ ସର୍କଲ ବ୍ୟାଙ୍କର ମୁଖ୍ୟ ସୁଜିତ୍ କୁମାର ନେଗୀ, ସମ୍ମାନିତ ଅତିଥି ଭାବେ ଶାଖାର କୃଷି ଉନ୍ନୟନ ପରିଚାଳକ ଦୀପକ ପ୍ରଧାନ, ସହକାରୀ ବ୍ୟାଙ୍କ ପରିଚାଳକ ଶ୍ରୀତମ କୁମାର ରଥ ପ୍ରମୁଖ ଯୋଗଦେଇ ବ୍ୟାଙ୍କରୁ ଋଣ ନେବା ପରେ କିଭଳି ବିଭିନ୍ନ ପ୍ରକାର ଚାଷରେ ଏହାକୁ ବିନିଯୋଗ କରି ସ୍ୱୟଂ ସହାୟକ ଗୋଷ୍ଠୀମାନେ ଲାଭବାନ ହୋଇ ଆତ୍ମନିର୍ଭରଶୀଳ ହେବେ ସେ ସଂକ୍ରାନ୍ତରେ ସଚେତନ କରାଇଥିଲେ। ବ୍ୟାଙ୍କ ବିସି ଚିନ୍ମୟ ବିଶ୍ୱାଳ, ସମୀର ମିଶ୍ର ଓ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁରଥ ରାଉତଙ୍କୁ ସୃଜନଶ୍ରୀ ସମ୍ମାନ

**ନିଶ୍ଚିନ୍ତକୋଇଲି,୩।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକର ଅଗ୍ରଣୀ ସାହିତ୍ୟ ସଂଗଠନ ପରିବାର ସାହିତ୍ୟ ସଂସଦର ସଭାପତି ତଥା ପରିବେଶବିତ୍, ଆଦର୍ଶଶିକ୍ଷକ ଓ ସଂଗଠକ, ଅଭିନେତା ସୁରଥ କୁମାର ରାଉତଙ୍କୁ ସୃଜନଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ସୁଦୂର ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର ‘ଅପରାହ୍ନ’ର ୧୫ତମ ବାର୍ଷିକ ଉତ୍ସବରେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତା କୁମ୍ଭ ପର୍ବ ପାଳନ ଅବସରରେ ଅନୁଷ୍ଠାନ ପକ୍ଷରୁ ଏଭଳି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ଆୟୋଜିତ ଏହି ଉତ୍ସବରେ ବଂଶୀଧର ଜେନାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଯୁବଶ୍ରୀ ଯୁବନାରୀର ସମ୍ପାଦିକା ମମତା ମହାପାତ୍ର, ମୁଖ୍ୟବକ୍ତା ଭାବେ ନୀଳକଣ୍ଠ ଖଣ୍ଡା, ସମ୍ମାନୀତ ଅତିଥି ଭାବେ ଡ. ଭାଗବତ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଶ୍ରୀ ରାଉତଙ୍କୁ ଉପଢୌକନ, ମୁକୁଟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଅଧ୍ୟାପକ ବିବେକାନନ୍ଦଙ୍କୁ ଉତ୍କଳଶ୍ରୀ ସମ୍ମାନ

**ଭଦ୍ରେଶ୍ୱର,୩।୬(ସମିସ):** ମାହାଙ୍ଗା ବ୍ଲକ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ସାହିତ୍ୟିକ କୃଷକ ଓ ସାମାଜିକ କର୍ମୀ ତଥା ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ବାଇଆ ଅବଧୂତ କଲେଜ କନିମୂଳର ଅଧକ୍ଷ ଡ. ବିବେକାନନ୍ଦ ସିଂହଙ୍କୁ ମର୍ଯ୍ୟାଦାଜନକ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ସମଗ୍ର ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ଏହି ଅବସରରେ ରାଉରକେଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହାପି ମୁମେଣ୍ଟସ ଇଣ୍ଡିଆ ପକ୍ଷରୁ ୧୩ତମ ପ୍ରତିଷ୍ଠା ଦିବସ ଓ ଆଲୋଚନା ଚକ୍ର ଏବଂ ସମ୍ବର୍ଦ୍ଧନା ସମାରୋହ ଭୁବନେଶ୍ୱର ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ ଶିବାନନ୍ଦ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ତାମିଲନାଡୁ ଥିରୁଅନନ୍ତପୁରମ ବେଦ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ହରିହର କାନୁନଗୋ, ରାଉରକେଲା ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି କବି କୁଞ୍ଜବିହାରୀ ରାଉତ, ଦାର୍ଶନିକ ପ୍ରଫେସର ନୀଳକଣ୍ଠ ରାଉତ, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ରାଜ୍ୟ ସଭାପତି ଶଶଧର ପଣ୍ଡା, ସମାଜସେବୀ ସକିଲ ରହେମାନ, ଡ. ଅଭୟ ମହାରଣା ପ୍ରମୁଖ ଅତିଥିରୂପେ ଯୋଗଦାନ କରିଥିଲେ। ଏହି ଅବସରରେ ମାହାଙ୍ଗାର ସୁଯୋଗ୍ୟ ସନ୍ତାନ ଡ. ବିବେକାନନ୍ଦ ସିଂହଙ୍କୁ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ନିକଟରେ ଶ୍ରୀ ସିଂହଙ୍କୁ ଜୟଦେବ ସମ୍ମାନ ଓ ଉତ୍କଳ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।



## ମାହାଙ୍ଗା ଇତିହାସ ପୁସ୍ତକ ଲୋକାର୍ପିତ

**ଭଦ୍ରେଶ୍ୱର,୩।୬(ସମିସ):** ମାହାଙ୍ଗା ସାହିତ୍ୟ ସମାଜ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ଡ. ଏକାଦଶୀ ପ୍ରଧାନଙ୍କ ରଚିତ ମାହାଙ୍ଗା ଇତିହାସ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ ବରାହିପୁର ଗ୍ରାମପଞ୍ଚାୟତ ବିଦେଇ ମଠ ଠାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥିଭାବେ ଫୁଲବାଣୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଜନାର୍ଦ୍ଦନ ରାଉତ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଔପନାସିକା ବିଦ୍ୟୁଲତା ପ୍ରଧାନ, ଡ. ଜୟରାମ ସ୍ୱାଇଁ, କବି ଡ. ନାରାୟଣ ମୁଦୁଲି, ମୁଖ୍ୟବକ୍ତାଭାବେ ଭକ୍ତଚରଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପୁସ୍ତକଟି ସାରା ଓଡିଶା ପାଇଁ ଏକ ଦସ୍ତାବିଜ ହେବ ବୋଲି ବକ୍ତମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବରୁଣେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଭାଗ୍ୟଧର ରାଉତ ସଭାପତିତ୍ୱ କରିଥିଲେ। ଏଥିରେ ଶିଶୁ କବି ମହେନ୍ଦ୍ର କୁମାର ଘଡେଇ ଓ କବୟିତ୍ରୀ ସୁଷମା ବାରିକ ସଂଯୋଜନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ନବୀନ ପ୍ରବୀଣ କବି କବୟିତ୍ରୀ ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଏହି ପୁସ୍ତକ ଲୋକାର୍ପଣ କରିଥିଲେ। ଡ. ପ୍ରଧାନଙ୍କ ଚରିତ ଏହି ପୁସ୍ତକରେ ମାହାଙ୍ଗାର ନାମକରଣ, ସ୍ୱାଧୀନତା ସଂଗ୍ରାମୀ, ମାହାଙ୍ଗାର ସାହିତ୍ୟ ସଂସ୍କୃତି ଅବଦାନ ସମ୍ପର୍କରେ ଡ. ସାମଲ ଗଭୀରଭାବେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶୋଭନ କର ଯୋଗଦାନ କରି ଏହି ପୁସ୍ତକ ମାହାଙ୍ଗାବାସୀଙ୍କ ପାଇଁ ଓଡିଆ ସାହିତ୍ୟ ଭଣ୍ଡାରକୁ ଏକ ବରଦାନ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଗଣଶିକ୍ଷା ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ, ଚୌଦ୍ୱାର କଲେଜର ପ୍ରାକ୍ତନ ଅଧକ୍ଷ ଡ. ନିରଞ୍ଜନ ସାହୁ, ଅଧ୍ୟାପକ ଡ. ରବିନ୍ଦ୍ର ବିହାରୀ, ପ୍ରାକ୍ତନ ପ୍ରାଧ୍ୟାପକ ଡ. ଭୁବନାନନ୍ଦ ସାହୁ, ଗୀତିକାର ବିଷେଶ୍ୱର ମହାନ୍ତି ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ମାହାଙ୍ଗା ସାହିତ୍ୟ ସମାଜର ପ୍ରତିଷ୍ଠାତା ସଭାପତି ଡ. ଏକାଦଶୀ ପ୍ରଧାନ ଅଧକ୍ଷତା କରିଥିଲେ। ଶେଷରେ ସଙ୍ଗଠନ ସମ୍ପାଦକ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଦେଇଥିଲେ।



## ଦୁଇ ଶିକ୍ଷା ଅଧିକାରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା



**ବଡମ୍ବା,୩।୬(ସମିସ):** ବଡମ୍ବା ଶିକ୍ଷା ମଣ୍ଡଳ ଅଧୀନ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂହ ଏବଂ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ନିର୍ମଳା ବେହେରାଙ୍କୁ ଶିକ୍ଷକ ସଂଘ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଡମ୍ବା ଗାନ୍ଧୀ ଛକ ନିକଟସ୍ଥ ବୈକୁଣ୍ଠ ନାଥ ସ୍ମୃତି ସଦନ ପରିସରରେ ସହକାରୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ବ୍ରହ୍ମାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବିଦାୟକାଳୀନ ସଭାରେ ମୁଖ୍ୟଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ବକ୍ତା ଭାବେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ପ୍ରାକ୍ତନ ଅଧକ୍ଷ ବିଭୁଦତ୍ତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ରହି ଦୁଇ ଅଧିକାରୀଙ୍କ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବଡମ୍ବା ନରସିଂହପୁର ଅଞ୍ଚଳର ବିଭିନ୍ନ ଶିକ୍ଷକ ସଂଗଠନର ସଭାପତି, ସଂପାଦକ, ଶିକ୍ଷକ, ଶିକ୍ଷୟିତ୍ରୀ, ବଡମ୍ବା ନରସିଂହପୁର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅବସରପ୍ରାପ୍ତ ଦୁଇ ଅଧିକାରୀଙ୍କ ସହ ନିଜ ନିଜ ଅନୁଭୂତିକୁ ବଖାଣିଥିଲେ। ଏହି ବିଦାୟକାଳୀନ ସଭାରେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଅଜୟ ପୃଷ୍ଟି, ରବୀନ୍ଦ୍ରନାଥ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ନରେନ୍ଦ୍ର ରଥ, ସରୋଜକାନ୍ତ ବଳିୟାରସିଂହ, ଆଇନଜୀବି ସନ୍ତୋଷ ବେହେରା, ସରୋଜ ବେଉରା, ଆମ୍ବାର ଅଧକ୍ଷ ମହେନ୍ଦ୍ର କୁମାର ପଢିଆରୀ, ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ କୁମାର ଧଳ ଏବଂ ରମେଶ ବେହେରା ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ।

### ୧୧ରେ ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ଓ ବାଲମେଳା ମହୋତ୍ସବ

# ବିଶ୍ୱ ପ୍ରସିଦ୍ଧ ନେମାଳ ଦେବସ୍ନାନ ଯାତ୍ରା ପାଇଁ ପ୍ରସ୍ତୁତି

**ନେମାଳ,୩।୬(ସମିସ):** ମହାନ ଆଧ୍ୟାତ୍ମିକ ଧର୍ମପୀଠ ରୂପେ ପରିଚିତ ଉତ୍କଳ ପ୍ରଦେଶର ଶ୍ରେଷ୍ଠ ସାଧକ ତଥା ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଭବିଷ୍ୟତ ମାଳିକାର ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ପବିତ୍ର ପଦ୍ମବନ ପୀଠରେ ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ତଥା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଯାତ୍ରା ଓ ବାଲମେଳା ମହୋତ୍ସବର ଆସନ୍ତା ଜୁନ ୧୧ ତାରିଖ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ପର୍ବ ଅନୁଷ୍ଠିତ ହୋଇଯାଇଛି। କଟକ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ସଚେତନ ତଥା କ୍ରିୟାଭିମୁଖି ଭାବରେ କାର୍ଯ୍ୟ କରିବାକୁ ଉପସ୍ଥିତ ପରିଚାଳନା କମିଟି ନେତୃବୃନ୍ଦ ଓ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ପାନୀୟ ଜଳ, ସ୍ୱାସ୍ଥ୍ୟ, ଗମନାଗମନ, ଆଇନଶୃଙ୍ଖଳା, ୱାଚ ଟାୱାର ନିର୍ମାଣ, ପୀଠର ଚତୁଃପାର୍ଶ୍ୱରେ ଥିବା ପ୍ରବେଶ ପଥର ତିନିଶହ ମିଟର ପରିଧି ବାହାରେ ଯାନବାହନ ପାର୍କିଂର ବ୍ୟବସ୍ଥା କରିବା, ପ୍ରତ୍ୟେକ ସ୍ୱେଚ୍ଛାସେବୀ ଓ ଭିଆଇପିଙ୍କୁ ପରିଚୟପତ୍ର ପ୍ରଦାନ ଉପରେ ଅଲୋଚନା କରାଯାଇଥିଲା।



ବିଶେଷ ଭାବରେ ଲକ୍ଷାଧିକ ଯାତ୍ରୀ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଖୋଲାଯିବା ସହିତ ପର୍ଯ୍ୟାପ୍ତ ପରିମାଣର ଔଷଧ, ଆମ୍ବୁଲାନ୍ସ ଷ୍ଟ୍ରେଚର ଆଦି ମହଜୁଦ ରଖିବା, ବାଲିଯାତ୍ରା ପଡିଆ ରାସ୍ତାଘାଟ ଓ ପୀଠ ପରିସରକୁ ଉଜ୍ଜ୍ୱଳ ଆଲୋକିକରଣ ପାଇଁ ଶତାଧିକ ସୋଡିୟମ ଲାଇଟ ସହିତ ଅସ୍ଥାୟୀ ବିଦ୍ୟୁତ ସବ୍‌ଷ୍ଟେସନ ବସାଇ ବିଦ୍ୟୁତ ସେବା ଯୋଗାଇଦେବା, ଯାତ୍ରାର ଧାରା ବିବରଣୀ ଓ ଯାତ୍ରୀମାନଙ୍କ ବିଭିନ୍ନ ସୂଚନା ପ୍ରଦାନ ପାଇଁ ଏକାଧିକ ସୂଚନା କେନ୍ଦ୍ର ଖୋଲିବା ସହିତ ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ସିଧା ପ୍ରସାରଣ ପାଇଁ ଡିଆଇପିଆରଓଙ୍କୁ ପତ୍ର ପ୍ରେରଣ କରିବା, ବାଲିମେଳା ପଡିଆ ଓ ପୀଠ ପରିସରରେ ଏକ ପ୍ରଶାସନିକ ପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ପୁଲିସ କଣ୍ଟ୍ରୋଲ ରୁମ ସ୍ଥାପନ କରିବା, ବାଲିଯାତ୍ରା ମହୋତ୍ସବକୁ ଆନନ୍ଦ ମୁଖର ପାଇଁ ରାଜ୍ୟ, ଜିଲ୍ଲା ଓ ବ୍ଲକ କଳା ସଂସ୍କୃତି ଅନୁଷ୍ଠାନକୁ ପ୍ରତ୍ୟେକ ୫ ଦିନ ପାଇଁ ଟ୍ରୁପ ପଠାଇବା, ପୀଠସ୍ଥଳରେ ଅସ୍ଥାୟୀ ଭୋଗ ଦୋକାନ, ଦୀପ ଦୋକାନ ତଥା ପାର୍କିଂ ଜୋନକୁ ତହସିଲଦାରଙ୍କ ଦ୍ୱାରା ନିଲାମ କରାଯିବା, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ବିଷୟରେ ସୂଚନା ପ୍ରଦାନ କରାଯିବା ସହିତ ଯାତ୍ରୀଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବୋର୍ଡ ଲଗାଯିବା।

### ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଯାତ୍ରୀମାନଙ୍କ ଗମନାଗମନ, ଯାନବାହାନ ପରିବହନ ପାଇଁ ରାସ୍ତା ମରାମତି, ବ୍ୟାରିକେଡ ନିର୍ମାଣ, ଆଇନ ଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା, ମହିଳା ଭକ୍ତଙ୍କ ପାଇଁ ସ୍ନାନ, ଶୌଚ ପାଇଁ ନଦୀକୂଳରେ ସେଡ୍ ନିର୍ମାଣ, ବିଭିନ୍ନ ପ୍ରକାର ଦୁର୍ବିପାକକୁ ମୁକାବିଲା କରିବା ପାଇଁ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ୨୪ ଘଣ୍ଟିଆ ସେବା ଯୋଗାଣ ସହିତ କୋଠ ଭୋଗ ପାସ, ସାମ୍ବାଦିକ ପାସ୍, କାର ପାସ୍, ସେବାୟତଙ୍କୁ ପାସ ପ୍ରଦାନ ସହିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନୀତିକାନ୍ତି ଆଦି ଉପରେ ଅଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲଦାର ଅନିତା ନାୟକ, ଏସଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ସୁଶିଲ ନାୟକ, ସାମ୍ବାଦିକ ବିନୟ ଦାସ, ଗୋବିନ୍ଦ ଦାସ, ରତ୍ନାକର ବାରିକ, ଅଚ୍ୟୁତସେନା ଉପସଭାପତି କେଶବ ଚନ୍ଦ୍ର ଦଳାଇ, କାର୍ତ୍ତିକ ପୁଝାରୀ, ଅଜୟ ପୃଷ୍ଟି, ସେବାୟତ ସଂଘ ସଭାପତି କ୍ଷମାନିଧି ପୁଝାରି, ନେମାଳ ମଣ୍ଡଳ ସଭାପତି ମୀନକେତନ ମହାନ୍ତି, ପ୍ରାକ୍ତନ ଜିଲ୍ଲା ପରିଷଦ ଅଚ୍ୟୁତାନନ୍ଦ ଦାସ, ବଳଦେବାନନ୍ଦ ଦାସ, ହିମାଂଶୁ ଶେଖର ଦାସ, ଦିବାକର ସାହୁ, ଅମୀୟ ମହାନ୍ତି, ଅକ୍ଷୟ ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱନାଥ ପଣ୍ଡା, ଶଶିକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## କାମରେ ଲାଗୁନି ଗୋବରୀ ନଦୀ ରାସ୍ତା



ପଞ୍ଚୁପାଣ୍ଡବ,୩।୬(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଗ୍ରାମରେ ନିର୍ମାଣ ହୋଇଥିବା ରାସ୍ତା କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଆଦର୍ଶ ଗ୍ରାମ ରାଏତୁଣ୍ଡିର ଗୋବରୀ ନଦୀକୁ ଯାତାୟାତ ପାଇଁ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ ହୋଇଥିଲା। ୨୦୨୨-୨୩ରେ ପଞ୍ଚାୟତ ସମିତି ପକ୍ଷରୁ ୧ ଲକ୍ଷ ଟଙ୍କା ବ୍ୟୟରେ ଫେବର୍ ବ୍ଲକ ଇଟାରେ ରାସ୍ତା କାମ ହୋଇଥିଲା। ରାସ୍ତାଟି ରମାକାନ୍ତ ସାହୁଙ୍କ ଘରଠାରୁ ଆରମ୍ଭ ହୋଇଥିବାବେଳେ ଗୋବରୀ ନଦୀକୁ ଯିବାକୁ ହେଲେ ଆଗକୁ ରାସ୍ତା ନ ଥିବା ଦେଖିବାକୁ ମିଳୁଛି। ନଦୀକୁ ଯିବା ବାଟରେ ବାଉଁଶ ଜଙ୍ଗଲ ଓ ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ ନୂଆ ରାସ୍ତା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ନଦୀକୁ ଯିବା ପାଇଁ ବାଟ ନ ଥିବାରୁ ଦୀର୍ଘଦିନ ଧରି ଏହି ରାସ୍ତା ବ୍ୟବହାର ନ ହୋଇ ପଡ଼ିରହିଛି। ବେଣୀପୁର ପଞ୍ଚାୟତରେ ଅଧିକାଂଶ ରାସ୍ତା ସରକାରୀ ଅର୍ଥରେ ନିର୍ମାଣ ହୋଇଥିଲେ ହେଁ ଏହା କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ବିଭିନ୍ନ ଜାଗାରେ ହୋଇଥିବା ଅଧୁରା କାମକୁ ପୂରା କରିବା ସହ ନଦୀ ପର୍ଯ୍ୟନ୍ତ ରାସ୍ତା କାମ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### କାର୍ଯ୍ୟକାରୀ ହେଉନି କଟକଣା

# ପଲିଥିନ୍ ଓ ପ୍ଲାଷ୍ଟିକ୍‌ର ହେଉଛି ବହୁଳ ବ୍ୟବହାର

ପଟ୍ଟାମୁଣ୍ଡାଇ,୩।୬(ସମିସ)

ସରକାରୀ କଟକଣା ଥାଇ ମଧ୍ୟ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇପାରୁନି। ଫଳରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବହୁଳ ଭାବେ ଚାଲିଛି। ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଉ ନ ଥିବାରୁ ସହରର ଗଳିକନ୍ଦିରେ ବ୍ୟାପକ ଭାବେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ସାଧାରଣ କଥାରେ ପରିଣତ ହୋଇଛି। ବଜାରରୁ ଜିନିଷ କିଣିଲେ ବ୍ୟବସାୟୀ ପଲିଥିନରେ ଗ୍ରାହକଙ୍କୁ ଦେଉଥିବା ଦେଖିବାକୁ ମିଳୁଛି। ପଲିଥିନ ଶସ୍ତାରେ ମିଳୁଥିବାରୁ ଏଥିରେ ଜିନିଷ ଭର୍ତ୍ତି କରି ଗ୍ରାହକଙ୍କୁ ଦେବାରେ ବ୍ୟବସାୟୀଙ୍କୁ ସୁବିଧା ହେଉଛି। ବହୁଳ ଭାବେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ହେଉଥିବାରୁ ପରିବେଶ ପ୍ରଦୂଷିତ ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ପୂର୍ବରୁ କାଗଜ ଠୁଙ୍ଗାର ବହୁଳ ବ୍ୟବହାର ହେଉଥିବାବେଳେ ଏବେ ବଜାରରେ ଏହା ପ୍ରାୟତଃ ଦେଖିବାକୁ ମିଳୁନି। ଝୋଟରେ ତିଆରି ବ୍ୟାଗ ବଜାରରେ ବିକ୍ରି ହେଉ ନ ଥିବାରୁ ଶସ୍ତାରେ ବିକ୍ରି ହେଉଥିବା ପ୍ଲାଷ୍ଟିକ ବ୍ୟାଗର ବ୍ୟବହାର ବହୁଳ ଭାବେ ଦେଖାଯାଉଛି। ପଟ୍ଟାମୁଣ୍ଡାଇ ସହର ଓ ଆଖପାଖ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ବିବାହ ମଣ୍ଡପ ରହିଛି। ଏଠାରେ ମାଙ୍ଗଳିକ, ସାଂସ୍କୃତିକ ଓ ସ୍ମୃତିସଭା ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ପ୍ଲାଷ୍ଟିକ ଓ ସୋଲରେ ତିଆରି ଗ୍ଲାସ, ଥାଳି ଓ ଦନା ବ୍ୟବହାର କରାଯାଉଛି। ଏହା ପରିବେଶକୁ ପ୍ରଦୂଷିତ କରୁଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହେଉଛି। ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ବ୍ୟବହାର କରି କେହି ଧରାପଡ଼ିଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜରିମାନା କରାଯିବା ନିୟମ ରହିଥିବାବେଳେ ୨୦୨୪ ଏପ୍ରିଲ ପହିଲାରୁ ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟ ସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଗୋଟିଏ ବର୍ଷ ବିତିଯିବା ପରେ ମଧ୍ୟ ଜାରି କରିଥିବା କଟକଣା କେବଳ କାଗଜ କଲମରେ ସୀମିତ ରହିଛି।

**ପ୍ରଦୂଷଣମୁକ୍ତ ହୋଇପାରୁନି ପୌରାଞ୍ଚଳ ପରିବେଶ**

ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାରକାରୀଙ୍କ ବିରୁଦ୍ଧରେ ଧରପଗଡ଼ ହେଉ ନ ଥିବାରୁ ସହରରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଚାଲିଥିବା ଦେଖିବାକୁ ମିଳୁଛି। ଏପରିକି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପରିସରରେ ପଲିଥିନ ଓ ପ୍ଲାଷ୍ଟିକ ଗଦା ହୋଇରହିଥିବା ଦେଖାଯାଇଛି। ସହରରେ ଥିବା ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଓ ଦେବାଦେବୀ ମନ୍ଦିରରେ ମଧ୍ୟ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଚାଲିଛି। ବିଭିନ୍ନ ଥଣ୍ଡା ପାନୀୟ ଓ ପାଣି ବୋତଲ, ପାଣି ପାଉଚ ନିର୍ମାତା ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର କରୁଥିବାବେଳେ ଏଗୁଡ଼ିକୁ ବାରଣ କରିବାକୁ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରହୁନି। କ୍ଷୀର ପ୍ୟାକେଟଠାରୁ ଆରମ୍ଭ କରି ଦହି ଓ ଲସି ପର୍ଯ୍ୟନ୍ତ ପଲିଥିନ ପ୍ୟାକେଟରେ ବିକ୍ରି ହେଉଛି। ଏହାର ନିର୍ମାତା ଓ କମ୍ପାନୀ ଉପରେ କଟକଣା ଜାରି କରାଯାଉ ନ ଥିବାରୁ ପଲିଥିନ ବ୍ୟବହାର ଉପରେ କଟକଣା ନିର୍ଦ୍ଦେଶ ପ୍ରହସନରେ ପରିଣତ ହୋଇଛି।

ପଟ୍ଟାମୁଣ୍ଡାଇ ସହର ଓ ଆଖପାଖ ଅଞ୍ଚଳରେ ଏକାଧିକ ପ୍ଲାଷ୍ଟିକ ପାଣି ବୋତଲ ଓ ପାଉଚ ନିର୍ମାଣ ସଂସ୍ଥା ଗଢି ଉଠିଛି। ଏହା ଉପରେ ପ୍ରଶାସନର କୌଣସି କଟକଣା ରହୁନି। ସହରର ବିଭିନ୍ନ ଛକରେ ଠେଲା ଗାଡ଼ିରେ ବିକ୍ରି କରାଯାଉଥିବା ଚାଟ, ଦହିବରା, ଘୁଗୁନି ଆଦି ଖାଦ୍ୟ ପଦାର୍ଥ ପଲିଥିନରେ ପାର୍ସଲ ଦିଆଯାଉଛି। ଗାଈଗୋରୁ ଖାଦ୍ୟ ଭାବି ପଲିଥିନ ଗିଳି ପକାଉଥିବାରୁ ଏହା ସେମାନଙ୍କ ମୃତ୍ୟୁର କାରଣ ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ପ୍ଲାଷ୍ଟିକ୍ କଟକଣା ସମ୍ପର୍କିତ ନିୟମାବଳୀ ଜାରି କରିଥିଲା। ଧାର୍ମିକ ସ୍ଥଳୀ, ଝରଣା, ସମୁଦ୍ରକୂଳ, ପାହାଡ଼, ପର୍ଯ୍ୟଟନ ସ୍ଥଳୀ ଓ ସହର ବଜାରରେ ଏକକ ବ୍ୟବହାରଯୋଗ୍ୟ ପଲିଥିନ୍ ଓ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ନିୟମାବଳୀ ଜାରି କରି ବାବୁମାନେ ଚୁପ୍ ବସିଛନ୍ତି। କଟକଣା ପାଳନ ହେଉଛି କି ନାହିଁ ଦେଖିବାକୁ କେହିନାହାନ୍ତି। ତେଣୁ ପଟ୍ଟାମୁଣ୍ଡାଇରେ ବେଧଡ଼କ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ପରିବେଶକୁ ନଷ୍ଟ କରୁଛି। ପରିବେଶକୁ ସ୍ୱଚ୍ଛ ରଖିବାକୁ ପ୍ରଶାସନ ପଦକ୍ଷେପ ନେବା ଉଚିତ ବୋଲି ପରିବେଶବିତ୍ ମତ ପ୍ରକାଶ କରିଛନ୍ତି।

### କୃଷି ଯନ୍ତ୍ରପାତି ପ୍ରଦାନରେ ଅନିୟମିତତା

# କୃଷି ଅଧିକାରୀଙ୍କୁ ଆତ୍ମା ଅଧ୍ୟକ୍ଷଙ୍କ ଦାବିପତ୍ର



ଆଳି, ୩।୬(ସମିସ): କୃଷି ଯନ୍ତ୍ରପାତି ପ୍ରଦାନରେ ଅନିୟମିତତା ହୋଇଥିବା ନେଇ ଆଳି କୃଷି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଘଟିକା ସମୟରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଅଧ୍ୟକ୍ଷଙ୍କ ସହ ଅନ୍ୟ ସଦସ୍ୟ ପହଞ୍ଚି ବ୍ଲକ କୃଷି ଅଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। କୃଷି ବୈଷୟିକ ପରିଚାଳନା ସଂସ୍ଥାର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ସେ ଦୀର୍ଘ ୧୧ ବର୍ଷ ଅର୍ଥାତ ୨୦୧୩ରୁ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରିଆସୁଛନ୍ତି। ଦୁର୍ଭାଗ୍ୟର ବିଷୟ ସେ ଦୀର୍ଘ ଦୁଇ ମାସ ହେବ ଏକ ଦୁର୍ଘଟଣାର ଶିକାର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅସୁସ୍ଥତାର ସୁଯୋଗ ନେଇ ତାଙ୍କ ଅଜଣାତରେ ବିନା ଇସ୍ତଫାରେ ତାଙ୍କୁ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା)ରୁ ବାହାର କରାଯାଇ ନୂତନ ଭାବେ କମିଟି ପୁନର୍ଗଠନ କରାଯାଇଛି। ନୂଆ କମିଟି କୌଣସି ଚାଷୀଙ୍କୁ ସରକାରୀ ସୁବିଧା ସୁଯୋଗ ଦେଉ ନ ଥିବା ନେଇ ସେ ଅଭିଯୋଗ ଆଣିଛନ୍ତି। କେବଳ ସେତିକି ନୁହେଁ ନୂଆ କମିଟିରେ ଥିବା ସଦସ୍ୟ କେହି ଚାଷୀ ହୋଇ ନ ଥିବାବେଳେ କିଭଳି ଭାବେ ସେମାନଙ୍କୁ କମିଟିରେ ସ୍ଥାନ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ନାଁରେ ୟୁକୋ ବ୍ୟାଙ୍କରେ ଆକାଉଣ୍ଟ ମଧ୍ୟ ରହିଛି। ସେଥିରେ ପାଖାପାଖି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରହିଥିବା ନେଇ ସୂଚନା ଦେଇଛନ୍ତି। ସେ ବାରମ୍ବାର କୃଷି ଅଧିକାରୀଙ୍କୁ ଭେଟି ଖାତାରେ ଥିବା ଟଙ୍କାର ହିସାବ ମାଗିଥିଲେ ସୁଦ୍ଧା ତାଙ୍କୁ କୌଣସି ତଥ୍ୟ ମିଳି ନ ଥିଲା। ଏ ବିଷୟରେ ପୂର୍ବରୁ ଥିବା ଉପାଧ୍ୟକ୍ଷ ମେଘାନନ୍ଦ ବେହେରା ମଧ୍ୟ ଏ ସମ୍ବନ୍ଧୀୟ ହିସାବ ମାଗିବାରୁ ତାଙ୍କୁ କୃଷି ଅଧିକାରୀ ନାଲି ଆଖି ଦେଖାଇଥିଲେ। ଏଠୁ ପ୍ରଶ୍ନ ଉଠେ କୃଷକଙ୍କ ପାଇଁ ଆସୁଥିବା ସରକାରୀ ସୁବିଧା ସୁଯୋଗ ଓ ସରକାରୀ ଉପକରଣ ସାଧାରଣ ଚାଷୀଙ୍କ ପାଖରେ ପହଞ୍ଚି ପାରୁଛି ତ ? ଏଠୁ ସ୍ପଷ୍ଟ ଜଣାପଡେ କିଭଳି ଭାବେ କୃଷି ଅଧିକାରୀ ଓ ତାଙ୍କ ସହଯୋଗୀ ଯେଉଁମାନେ ପ୍ରକୃତ ଚାଷୀଙ୍କୁ ସୁବିଧା ସୁଯୋଗ ନ ଦେଇ କିପରି ମିଳିମିଶି ବାଟମାରଣା କରୁଛନ୍ତି। ଏ ନେଇ କୃଷି ଅଧିକାରୀ ତାପସ ବେହେରା କହିଛନ୍ତି, ସେ ଏ ନେଇ ଏକ ଅଭିଯୋଗ ପାଇଥିବାବେଳେ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ।

### ● ପାଣି ପାଇଁ ପୁଣି ଲୋକେ ତାତିଲେ

# ବ୍ଲକ୍ ମୁଖ୍ୟ ଫାଟକ ଆଗରେ ଧାରଣା



ଆଳି, ୩।୬(ସମିସ): ପାନୀୟଜଳ ସମସ୍ୟା ନେଇ ଆଜିକୁ ପ୍ରାୟ ୧୫ଦିନ ତଳେ ପ୍ରଥମେ ରାସ୍ତା ଅବରୋଧ ପରେ ଆଳି ବ୍ଲକ୍ ମୁଖ୍ୟ ଫାଟକ ସମ୍ମାରେ ଧାରଣା ଦିଆଯାଇଥିଲା। ସେତେବେଳେ ଆଳି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଆସି ଖୁବଶୀଘ୍ର ପାନୀୟଜଳ ଯୋଗାଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ତେବେ ପ୍ରତିଶ୍ରୁତି ପୂରଣ ନ ହେବାରୁ ଆଜି ମହିଳାମାନେ ବ୍ଲକ୍ ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। ପୁଣି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ କଳାପାହାଡ଼ ଗ୍ରାମର କାଜିସାହି, ତଳସାହି ଓ ରସୁଲପୁର ଅଞ୍ଚଳରେ ଜଳକଷ୍ଟ ଦୂର କରିବା ପାଇଁ ସରକାର ବସୁଧା ଯୋଜନା ମାଧ୍ୟମରେ ଜଳ ଯୋଗାଇ ଦେଉଥିବାବେଳେ ଏଠାରେ ପାଣି ସମସ୍ତ ଅଞ୍ଚଳକୁ ଯାଉ ନ ଥିଲା। ଯାହାକୁ ନେଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ଏ ନେଇ ପ୍ରଶାସନକୁ ଜଣାଇ ଆସିଥିଲେ ସୁଦ୍ଧା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ନ ଥିଲା। ଫଳରେ ସେମାନେ ଆଜି ଉତ୍ତ୍ୟକ୍ତ ହୋଇ ବ୍ଲକ୍ କାର୍ଯ୍ୟାଳୟକୁ ବନ୍ଦ କରିବା ସହିତ ବିଡିଓ ପଞ୍ଚାୟତ ସମ୍ମିଳନୀ କକ୍ଷରେ ମିଟିଂରେ ଥିବା ସମୟରେ ଉତ୍ତ୍ୟକ୍ତ ମହିଳା ଓ ପୁରୁଷ ସମ୍ମିଳନୀ କକ୍ଷରେ ପଶି ଚେୟାର ଭଙ୍ଗାରୁଜା କରିବା ସହିତ ଏସି ତାର ଛିଣ୍ଡାଇ ଦେଇଥିଲେ। ବିଡିଓ ସେମାନଙ୍କ ନିକଟକୁ ଆସି ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ସେମାନଙ୍କ ଦାବି ମୁତାବକ ବିଡିଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ପ୍ରକୃତରେ ସେମାନେ ପାଣି ପାଇଁ କେଉଁ ଅବସ୍ଥାରେ ଅଛନ୍ତି, ତାହା ଜାଣିପାରିଥିଲେ। ପରେ ତାଙ୍କ ସାଥିରେ ଯାଇଥିବା କନିଷ୍ଠ ଯନ୍ତ୍ରୀ, ପାନୀୟଜଳ ପରିମଳ ବିଭାଗ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ପାନୀୟଜଳ ସମସ୍ୟା ସ୍ୱାଭାବିକ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଆଳି ବିଡିଓ ଅଭିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ଘଟଣାସ୍ଥଳକୁ ଯାଇ ତଦନ୍ତ କରି ସେମାନଙ୍କର ପ୍ରକୃତରେ ପାନୀୟ ଜଳ ସମସ୍ୟା ରହିଛି। ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛି।

## ରେଳ କର୍ମଚାରୀ ନନ୍ଦକିଶୋରଙ୍କ ମୃତ୍ୟୁ

ପାରାଦୀପ, ୩।୬(ସମିସ): ପାରାଦୀପ ରେଲୱେ ବିଭାଗର ଜଣେ କର୍ମଚାରୀଙ୍କ ଆଜି ମୃତ୍ୟୁ ଘଟିଛି। ମୃତକଙ୍କ ନାମ ନନ୍ଦକିଶୋର ମଲ୍ଲିକ (୫୫)। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଅଞ୍ଚଳର ମାଣପୁର ଗ୍ରାମରେ ବୋଲି ଜଣାପଡ଼ିଛି। ହଠାତ ଦେହ ଖରାପ ହୋଇପଡିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଅଠରବାଙ୍କୀ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ତୁଳସୀଡ଼ିଆ ଓ ଘାଗରାଡ଼ିଆ ରାଜସ୍ୱ ଗ୍ରାମ ବିବାଦ ତୁଟିଲା



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୩।୬(ସମିସ): କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ତୁଳସୀଡ଼ିଆ ଓ ଘାଗରାଡ଼ିଆ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଦୁଇ ଗ୍ରାମ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଉଭୟ ଗ୍ରାମବାସୀ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଅଡ଼ି ବସିଥିଲେ। ଫଳରେ ରାଜସ୍ୱ ଗ୍ରାମ ଘୋଷଣା କ୍ଷେତ୍ରରେ ସରକାର ଓ ଜିଲ୍ଲା ପ୍ରଶାସନ ଅଡୁଆରେ ପଡ଼ିଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ରାଜସ୍ୱ ଗ୍ରାମ ବିବାଦ ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳ ପଞ୍ଚାୟତ କାର୍ଯ୍ୟାଳୟରେ ବିଧାୟକ ଗଣେଶ୍ୱର ବେହେରା, ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ବରିଷ୍ଠ ନେତା ହିମାଂଶୁ ବିଶ୍ୱାଳ ଓ ଯୁବନେତା ଅଭିଷେକ ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ତୁଳସୀଡ଼ିଆ ଓ ଘାଗରାଡ଼ିଆ ଗ୍ରାମର ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇ ରାଜସ୍ୱ ଗ୍ରାମ ଘୋଷଣାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦ ସମାଧାନ କରାଯାଇଥିଲା। ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ଗ୍ରାମ ରାଜସ୍ୱ ଗ୍ରାମ ମାନ୍ୟତା ପାଇବା ପାଇଁ ଉପଯୁକ୍ତ ହୋଇଥିବାରୁ ସରକାରୀ ବିଜ୍ଞପ୍ତିରେ ଉଭୟ ତୁଳସୀଡ଼ିଆ ଓ ଘାଗରାଡ଼ିଆକୁ ସ୍ଥାନିତ କରିବା ପାଇଁ କେନ୍ଦ୍ରାପଡ଼ା ବିଧାୟକଙ୍କ ଜରିଆରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଆବେଦନ କରାଯାଇଥିଲା। ଆଗାମୀ ଦିନରେ ଉଭୟ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରିବା ପାଇଁ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ବେହେରା ସରକାରୀ ସ୍ତରରେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଉପସ୍ଥିତ ଉଭୟ ଗ୍ରାମର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ବିଧାୟକ ତରଡ଼ିପାଳ ପଞ୍ଚାୟତ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିରେ ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ଯୁବ ସାମ୍ବାଦିକ ଭାଗୀରଥି ବିଶ୍ୱାଳ, ସମିତି ସଭ୍ୟ ନିରଞ୍ଜନ ବାରିକ, ସୁଶାନ୍ତ ବିଶ୍ୱାଳ, ପତିତପାବନ ସାମଲ, କଳ୍ପତରୁ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ରବୀନ୍ଦ୍ର ନାରାୟଣ ମହାପାତ୍ର, ନିରଞ୍ଜନ ସାମଲ, ମାନଗୋବିନ୍ଦ ପରିଡା, କୁଳମଣି ବେହେରା, ସର୍ବେଶ୍ୱର ପରିଡା, ଭଗବାନ ସେଠୀ, ଚକ୍ରଧର ସେଠୀ ଓ ପୁରୁଷୋତ୍ତମ ତରାଇ ପ୍ରମୁଖ ଭାଗ ନେଇଥିଲେ।

## ସମବାୟ ସମିତି ପକ୍ଷରୁ ମୁଗ ମଣ୍ଡି ଉଦ୍‌ଘାଟିତ



ଆଳି,୩।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ର ନିଆଳ ପ୍ରାଥମିକ କୃଷି ସମବାୟ କେନ୍ଦ୍ର ପକ୍ଷରୁ ନିଆଳ ହାଟଠାରେ ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମିତି ସମ୍ପାଦକ ଶିଶିର କୁମାର ସାହୁ ଓ ପିଏସଏସ ଅଧିକାରୀ ପ୍ରଶାନ୍ତ କୁମାର ରାଉତ, ଭିଏଡବ୍ଲୁ ରାଣୀ ସାହୁ ଓ ଆଳି ସହକାରୀ କୃଷି ଅଧିକାରିଣୀ ସୁଚେତା ପାତ୍ରଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ମଣ୍ଡିରୁ ରବି ଫସଲ କ୍ରୟ ଆରମ୍ଭ ହୋଇଛି। ଆଳି କଟକ ସମବାୟ ଅଧୀନରେ ଥିବା ୨୨ଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ରର ଚାଷୀ ନିଆଳ ହାଟ ପାଖରେ ଥିବା ନିଆଳ ପ୍ରାଥମିକ କୃଷି ସମବାୟ କେନ୍ଦ୍ରରେ ସରକାର ଧାର୍ଯ୍ୟ କରିଥିବା କ୍ୱିଣ୍ଟାଲ ପିଛା ମୁଗ ପାଇଁ ୮୬୮୨ ଟଙ୍କା, ବିରି ୭୪୦୦ ଟଙ୍କା, ଚିନାବାଦାମ ୬୭୮୩ ଟଙ୍କା ଓ ସୂର୍ଯ୍ୟମୁଖୀ ୭୨୮୦ ଟଙ୍କାରେ ନିଆଳ ମଣ୍ଡିରେ ବିକ୍ରୟ କରିପାରିବେ ବୋଲି ଆଳି ସହକାରୀ କୃଷି ଅଧିକାରିଣୀ ସୁଚେତା ପାତ୍ର ସୂଚନା ଦେଇଛନ୍ତି।

### ବଡ଼ପଡ଼ା ବସ୍ ଦୁର୍ଘଟଣା ଘଟଣା

# ଏସ୍‌ପିଙ୍କୁ ତଦନ୍ତ ରିପୋର୍ଟ ଦେଲା ଗ୍ରାମାଞ୍ଚଳ ଥାନା

ପଟ୍ଟାମୁଣ୍ଡାଇ,୩।୬(ସମିସ)

ଗତ ଡିସେମ୍ବର ୨୧ ତାରିଖ ଦିନ ବଡ଼ପଡ଼ାଠାରେ ଘଟିଥିବା ମର୍ମନ୍ତୁଦ ବସ ଦୁର୍ଘଟଣା ସମ୍ପର୍କରେ ଏସପିଙ୍କୁ ରିପୋର୍ଟ ଦେଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା। ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରାଙ୍କ ଚିଠିର ଉତ୍ତରରେ ଗ୍ରାମାଞ୍ଚଳ ଥାନା ଏସପିଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା କହିଛି। ଦୁର୍ଘଟଣା ପାଇଁ ଏକ ମାମଲା ସ୍ଥାନୀୟ ଗ୍ରାମାଞ୍ଚଳ ପୁଲିସ ଷ୍ଟେସନରେ ରେଜିଷ୍ଟ୍ରେସନ ହୋଇଥିବାବେଳେ ଅଭିଯୋଗ ଆଧାରରେ ଏକ କଗ୍ନିଜେବଲ୍ ମାମଲା (ପଟ୍ଟାମୁଣ୍ଡାଇ ଗ୍ରାମୀଣ ପିଏସ୍ କେସ୍ ନଂ. ୬୦୦, ତାରିଖ ୨୧.୧୨.୨୦୨୪, ବିଏନଏସର ଧାରା ୨୮୧/୧୨୫(କ)(ଖ) ଅନୁଯାୟୀ) ଦାୟର ହୋଇଛି। ଉକ୍ତ ମାମଲା ବର୍ତ୍ତମାନ ତଦନ୍ତାଧୀନ ଅଛି ବୋଲି ରିପୋର୍ଟରେ ଦର୍ଶାଇଯାଇଛି। ସୂଚନା ମୁତାବକ, ଗତ ଡିସେମ୍ବର ୨୧ ତାରିଖରେ ଘଟିଥିବା ଦୁର୍ଘଟଣା ପାଇଁ ଆରଡବ୍ଲୁଡି ଡିଭିଜନ-୧ କେନ୍ଦ୍ରାପଡ଼ାକୁ ଦାୟୀ କରିଥିଲେ ସ୍ଥାନୀୟ ଲୋକେ। ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ଅନ୍ୟତମ ବ୍ୟସ୍ତବହୁଳ ବାଣିଜ୍ୟିକ କେନ୍ଦ୍ର ବଡ଼ପଡ଼ା ଗ୍ରାମର କଣ୍ଟାବଣ ବଜାର ସଂକୀର୍ଣ୍ଣ ପରିବେଶରେ ଚାଲୁଥିବାବେଳେ ଏଠାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଓ ଅନ୍ୟାନ୍ୟ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ବାରମ୍ବାର ଦୁର୍ଘଟଣା ଘଟୁଛି। ଏ ନେଇ ଉତିକଣ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଆଗତ ଏକ ଅଭିଯୋଗ ପତ୍ରର ତର୍ଜମା କରି କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଗତ ଅଗଷ୍ଟ ମାସ ୨୯ ତାରିଖ ଦିନ ଏସଟିଏ ଓଡ଼ିଶା କଟକଙ୍କୁ ଚିଠି ନଂ-୨୧୮୨ରେ ଏ ସଂକ୍ରାନ୍ତରେ ଅବଗତ କରାଯିବା ସହିତ ଆରଡବ୍ଲୁଡି ଡିଭିଜନ-୧ କେନ୍ଦ୍ରାପଡ଼ା ରାସ୍ତାକୁ ସମ୍ପ୍ରସାରଣ କରି ଓସାରିଆ ରାସ୍ତା ନିର୍ମାଣ ପାଇଁ ଚିଠିରେ ଉଲ୍ଲେଖ କରାଯାଇଥିଲା। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମେମୋ ନଂ-୨୧୮୩ ମାଧ୍ୟମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ମେମୋ ନଂ-୨୧୮୪ରେ ରାଜ୍ୟ ବାଣିଜ୍ୟ ଓ ପରିବହନ ସଚିବଙ୍କୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ଆରଡବ୍ଲୁଡି-୧ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କରାଯିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଡିସେମ୍ବର ୨୧ ତାରିଖ ଦିନ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ କଟକରୁ ଜମ୍ମୁ ନେଇଯାଉଥିବା (ଓଡି ୨୯-ବି ୮୮୬୬) ଉମାଶଙ୍କର ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାର ୧୦ ଫୁଟ ତଳକୁ ଓଲଟି ପଡିବାରୁ ୬ ଜଣ ଆହତ ହୋଇଥିବାବେଳେ ୩ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିଲା। ବସ୍‌ଟି ସଂକୀର୍ଣ୍ଣ ରାସ୍ତା ଦେଇ ଯାଉଥିବାବେଳେ ବଡ଼ପଡ଼ା ସମିତି ରାସ୍ତା ସଂଲଗ୍ନ ପୋଲ ଉପର ଦେଇ ଯିବା ସମୟରେ ଓଲଟିପଡିଥିଲା। ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘଦିନ ଧରି ବଡପଡା ଅଞ୍ଚଳର କଣ୍ଟାବଣ ବଜାର, ଏଠାକାର ରାସ୍ତା ଘାଟ ଓ ଟ୍ରାଫିକ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ହେଁ ଏଥିପ୍ରତି ସମ୍ପୃକ୍ତ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରି ନ ଥିବା ଗୁରୁତର ଅଭିଯୋଗ ହୋଇଛି। ଏପରିକି ପଟ୍ଟାମୁଣ୍ଡାଇ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯିବା ଓ ଏସପିଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଟ୍ରାଫିକ ପୁଲିସ ମୁତୟନ କରାଯିବା ପାଇଁ ପଦକ୍ଷେପ ନିଆ ନ ଯିବା ପରିସ୍ଥିତିକୁ ସଙ୍ଗିନ କରିଛି। କଣ୍ଟାବଣ ବଜାର ଅଞ୍ଚଳର ରାସ୍ତାଘାଟ ଓ ଟ୍ରାଫିକ ସମସ୍ୟା ଦୂର କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

**▶ ଦୁର୍ଘଟଣା ପାଇଁ ବିଭାଗ ଦାୟୀ ବୋଲି ଉଠିଥିଲା ଅଭିଯୋଗ**

**▶ ରାସ୍ତା ସମ୍ପ୍ରସାରଣ ପାଇଁ ଅଗଷ୍ଟ ମାସରେ ଚିଠି ଲେଖିଥିଲା ପରିବହନ ବିଭାଗ**

### ● ଚେଇଁ ଶୋଇଛି ଅବକାରୀ ବିଭାଗ

# ଡେରାବିଶରେ ବଢ଼ିଚାଲିଛି ଚୋରାମଦ କାରବାର

ଡେରାବିଶ,୩।୬(ସମିସ): ଡେରାବିଶ ବ୍ଲକ୍‌ରେ ଚୋରାମଦର ବନ୍ୟା ଛୁଟିଛି। ସରକାରୀ ଭାବେ ଡେରାବିଶ ବ୍ଲକ୍‌ର ୨୬ଟି ପଞ୍ଚାୟତରେ ରହିଛି ଚାରୋଟି ବିଦେଶୀ ଓ ଦୁଇଟି ଦେଶୀ ମଦ ଦୋକାନ। ସେଥିମଧ୍ୟରୁ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର, ଓଲଢ଼ି, ଚାନ୍ଦୋଳ ଓ ଲକ୍ଷ୍ମୀନାରାୟଣପୁରରେ ଚାରୋଟି ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦଦୋକାନ ଓ ଚାନ୍ଦୋଳ, ଓଲଢ଼ିରେ ଦୁଇଟି ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନ ରହିଛି। କିନ୍ତୁ ବାସ୍ତବ ଚିତ୍ର ଓଲଟା। ପ୍ରତି ପଞ୍ଚାୟତରେ ଅତି କମ୍‌ରେ ପାଞ୍ଚରୁ ୬ଟି ସ୍ଥାନରେ ଚୋରାରେ ବିକ୍ରି ହେଉଛି ଦେଶୀ ଓ ବିଦେଶୀ ମଦ। ଏଠାରେ ପ୍ରଶ୍ନ ଉଠୁଛି ଏତେ ଚୋରାମଦ ଆସୁଛି କେଉଁଠୁ ଓ ଏ ସମ୍ପର୍କରେ ଅବକାରୀ ବିଭାଗ ଜାଣିପାରୁନି କେମିତି ? ପଞ୍ଚାୟତର ପ୍ରତ୍ୟେକ ଛକରେ ପାନ ଦୋକାନ ଖୋଲିଲା ଭଳି ଚୋରାମଦ ବେପାରୀ ଖୁଲମଖୁଲା ମଦ ବିକ୍ରି କରୁଛନ୍ତି। ଗ୍ରାମାଞ୍ଚଳରେ ଖୋଲାମେଲାରେ ମଦ ଅତି ସହଜରେ ମିଳିଯାଉଥିବାରୁ ଗ୍ରାମର ନିରୀହ ଜନସାଧାରଣ ଏପରିକି ସ୍କୁଲ କଲେଜ ପଢୁଆ ଛାତ୍ର ଏହାର ଶିକାର ହେଉଛନ୍ତି। ଏଥିସହିତ ଗ୍ରାମାଞ୍ଚଳରେ ମଦ୍ୟପଙ୍କ ଉତ୍ପାତ ଯୋଗୁଁ ଗ୍ରାମର ପରିବେଶ ଓ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ତେବେ ଗ୍ରାମାଞ୍ଚଳରେ ବିକ୍ରି ହେଉଥିବା ଦେଶୀ ଓ ବିଦେଶୀ ମଦର ମାନ ପ୍ରତି ମଧ୍ୟ ସନ୍ଦେହ ଉପୁଜିଲାଣି। ଏହି ଚୋରାମଦ ଆସୁଛି କେଉଁଠୁ? ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନରୁ ଆସୁଛି ନାଁ କେଉଁ ମଦ ମାଫିଆଙ୍କ ଦ୍ୱାରା ମଦ କାରଖାନାରୁ ଆସୁଛି। ଯଦି ଏହା ସତ୍ୟ ହୋଇଥାଏ, ତେବେ ଆଗାମୀ ଦିନରେ ଯେ ବିଷାକ୍ତ ମଦମୃତ୍ୟୁ ଘଟଣା ନ ଘଟିବ ତାହା କହିହେବ ନାହିଁ। ତୁରନ୍ତ ଚେଇଁ ଶୋଇଥିବା ଅବକାରୀ ବିଭାଗ ପଦକ୍ଷେପ ନେଇ ଗ୍ରାମାଞ୍ଚଳରେ ଚୋରାମଦ ବିକ୍ରିକୁ ବନ୍ଦ କରୁ। ନଚେତ ଆଗାମୀ ଦିନରେ ମଦ କବଳରେ ଗ୍ରାମାଞ୍ଚର ଯୁବ ସମାଜ ପଥଭ୍ରଷ୍ଟ ହୋଇପଡ଼ିବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

# ସଚିବାଳୟ ଏଏସ୍‌ଓଙ୍କ ଗ୍ରେଡେସନ ତାଲିକା ସଂଶୋଧନ କର: ହାଇକୋର୍ଟ

**କଟକ,୩।୬(ସମିସ):** ରାଜ୍ୟ ସଚିବାଳୟର ଏଏସ୍‌ଓ (ଆସିଷ୍ଟାଣ୍ଟ ସେକ୍ସନ ଅଫିସର)ଙ୍କ ୨୦୨୦, ଜୁନ୍ ୧୧ର ଚୂଡାନ୍ତ ଗ୍ରେଡେସନ୍ ତାଲିକାରେ ସଂଶୋଧନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ରେ ପ୍ରକାଶିତ ଏଏସଓଙ୍କ ଗ୍ରେଡେସନ୍ ତାଲିକାକୁ ଚାଲେଞ୍ଜ କରି ଦାୟର ୧୦ଟି ମାମଲାର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ। ଗ୍ରେଡେସନ ତାଲିକାରେ ବରିଷ୍ଠତା ପ୍ରସଂଗରେ ସିଧାସଳଖ ନିଯୁକ୍ତ ହୋଇଥିବା ଏଏସଓ ମାନଙ୍କ ତରଫରୁ ୭ଟି ମାମଲା ଓ ପଦୋନ୍ନତି ମାଧ୍ୟମରେ ଏହି ପଦରେ ନିଯୁକ୍ତ ଓ ସିଧାସଳଖ ନିଯୁକ୍ତଙ୍କ ବରିଷ୍ଠତା ପ୍ରସଂଗକୁ ନେଇ ଅନ୍ୟ ତିନୋଟି ମାମଲାର ଏକତ୍ର ଶୁଣାଣି କରିଥିଲେ ହାଇକୋର୍ଟ। ସମସ୍ତ ଆବେଦନକାରୀଙ୍କ ବରିଷ୍ଠତା ପୁନଃନିର୍ଦ୍ଧାରଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଏସ୍‌ଓ କ୍ୟାଡର୍‌କୁ ପ୍ରଥମେ ୨୦୧୬, ଜାନୁଆରି ୨୭ ଓ ୨୦୧୬, ମେ' ୧୮ରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କୁ ସେହି ବର୍ଷ ପରବର୍ତ୍ତୀ ସମୟରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ଠାରୁ ବରିଷ୍ଠ ଭାବେ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ଏଥିସହ ନିର୍ଦ୍ଦିଷ୍ଟ ବର୍ଷରେ ସିଧାସଳଖ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ଠାରୁ ବରିଷ୍ଠ ସ୍ଥାନରେ ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କୁ ରଖାଯିବ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୮୧୧ ଏଏସଓ ପଦ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ତରଫରୁ ୨୦୧୨, ଅକ୍ଟୋବର ୬ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନିଯୁକ୍ତି ପ୍ରକ୍ରିୟା ସଂପୂର୍ଣ୍ଣ ହୋଇ ନଥିବା ବେଳେ ୨୦୧୫, ମେ' ୧୪ରେ ଓପିଏସସି ତରଫରୁ ଅନୁସୂଚିତ ଜନଜାତି (ଏସଟି) ବର୍ଗ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ୨୦୧୫, ଡିସେମ୍ବର ୨୨ରେ ଓପିଏସସି ୧୩୬ଜଣ ପ୍ରାର୍ଥୀଙ୍କ ନାଁ ସୁପାରିସ କରିଥିବା ବେଳେ ଗୃହ ବିଭାଗ ୨୦୧୬, ଜାନୁଆରି ୨୭ରେ ଏମାନଙ୍କ ନିଯୁକ୍ତି ନିର୍ଦ୍ଦେଶନାମା ଜାରି କରିଥିଲା। ପରେ ୨୦୧୨ର ବିଜ୍ଞପ୍ତି ଆଧାରରେ ୭୮ ପ୍ରାର୍ଥୀଙ୍କ ନିଯୁକ୍ତି ନିର୍ଦ୍ଦେଶନାମା ୨୦୧୬, ଅକ୍ଟୋବର ୫ରେ ଜାରି କରାଯାଇଥିଲା।

ତେବେ ୨୦୧୦ରେ ନୂଆ ଓଡ଼ିଶା ସଚିବାଳୟ ସେବା ନିଯୁକ୍ତି ନିୟମାବଳୀ ଆଣିଥିଲା। ଏହି ଅନୁସାରେ ଜୁନିୟର ଆସିଷ୍ଟାଣ୍ଟ ଓ ସିନିୟର ଆସିଷ୍ଟାଣ୍ଟ ପଦର ମିଶ୍ରଣ କରାଯାଇ ଏଏସଓ ପଦକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ୨୦୨୦, ଜୁନ ୧୧ରେ ଚୂଡାନ୍ତ ଗ୍ରେଡେସନ ତାଲିକା ପ୍ରକାଶ ପାଇଥିଲା। ୨୦୧୬ରେ ସିଧାସଳଖ ଦୁଇଟି ବିଜ୍ଞପ୍ତି ଆଧାରରେ ନିଯୁକ୍ତି ପାଇଥିବା ଏଏସ୍‌ଓ ଗ୍ରେଡେସନ୍ ତାଲିକାରେ ଉପଯୁକ୍ତ ସ୍ଥାନ ପାଇନଥିବା ଅଭିଯୋଗ କରିଥିଲେ। ସେହିଭଳି ଭାବେ ଏହି ଅଧିକାରୀଙ୍କ ଯଥେଷ୍ଟ ପୂର୍ବରୁ ନିଯୁକ୍ତି ପାଇବା ସହିତ ପଦୋନ୍ନତି ମାଧ୍ୟମରେ ଏହି ପଦରେ କାର୍ଯ୍ୟ କରୁଥିବା ଏଏସଓଙ୍କୁ ଗ୍ରେଡେସନ ତାଲିକରେ ଉପରସ୍ଥାନ ପ୍ରଦାନ କରାଯାଉ ବୋଲି ଦାବି କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା।

## ପୁଲିସକୁ ଗାଡ଼ି ଚେକିଙ୍ଗ୍ କ୍ଷମତା ପ୍ରଦାନ ପ୍ରସ୍ତାବକୁ ବିରୋଧ

# ବସ୍ ଓ ଟ୍ରକ୍ ମାଲିକ ମହାସଂଘର ଧର୍ମଘଟ ଚେତାବନୀ

**କଟକ,୩।୬(ସମିସ):** ପୁଲିସ୍ ବିଭାଗକୁ ଗାଡ଼ି ଚେକିଙ୍ଗ୍ କରିବା ପାଇଁ ଅଧିକ କ୍ଷମତା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ପରିବହନ କମିସନର ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହାକୁ ତୀବ୍ର ବିରୋଧ କରିଛି ରାଜ୍ୟ ବସ୍ ଓ ଟ୍ରକ ମାଲିକ ସଂଘ। ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀ ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ପ୍ରସ୍ତାବକୁ ବିରୋଧ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।



ଅତୀତରେ ପୁଲିସ୍ ବିଭାଗ ଗାଡ଼ି ଚେକିଙ୍ଗର କ୍ଷମତା ନେବା ପାଇଁ ପ୍ରୟାସ କରି ବହୁବାର ବିଫଳ ହୋଇଛି। ଏପରିକି, ବହୁବାର ଏସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟିଗୁଡ଼ିକ ବି ନାପସନ୍ଦ କରିଛନ୍ତି। ପୁଲିସ୍ ବିଭାଗର ପ୍ରାଥମିକ ଦାୟିତ୍ୱ ଆଇନଶୃଙ୍ଖଳା ରକ୍ଷା କରିବା କିନ୍ତୁ କର୍ମଚାରୀ କମ୍ ଥିବା ଆଳରେ ପୁଲିସ୍ ବିଭାଗ ଉକ୍ତ ଦାୟିତ୍ୱକୁ ନିର୍ବାହ କରି ପାରୁନାହାନ୍ତି। ଏପରିସ୍ଥଳେ ଗାଡ଼ି ଚେକିଙ୍ଗ୍ କରିବା ପାଇଁ ଏକ ସ୍ୱତନ୍ତ୍ର ପରିବହନ ବିଭାଗ ଥିବା ବେଳେ ପୁଲିସ୍ ବିଭାଗକୁ ଗାଡ଼ି ଚେକିଙ୍ଗ୍ କ୍ଷମତା ଦେବାର ଯଥାର୍ଥତା ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିଏ ଥାନାରୁ ଛଡ଼ାଇବା ପାଇଁ ହେଲେ ଟ୍ରକ୍ ଓ ବସ୍ ମାଲିକମାନେ ଥାନାରେ ଯେଉଁଭଳି ଜୁଲମର ଶିକାର ହୁଅନ୍ତି, ଏହା କାହାକୁ ଅଛପା ନୁହେଁ। ଏଣୁ ପୁଲିସକୁ ଗାଡ଼ି ଚେକିଂ କ୍ଷମତା ପ୍ରଦାନ ନକରିବାକୁ ବସ୍ ଓ ଟ୍ରକ୍ ମାଲିକ ମହାସଂଘ ଦାବି କରିଛି। ଏହାକୁ ବନ୍ଦ କରାନଗଲେ ବସ୍ ଓ ଟ୍ରକ୍ ମାଲିକମାନେ ରାଜ୍ୟବ୍ୟାପୀ ଧର୍ମଘଟ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ସାତକୋଶିଆରେ ପୁଣି ଜନ୍ମ ହେଲେ ୩୦ ଘଡ଼ିଆଳ

**ଅନୁଗୋଳ,୩।୬(ସମିସ):** ମହାନଦୀର ସାତକୋଶିଆ ଗଣ୍ଡ ବନ୍ୟପ୍ରାଣୀପ୍ରେମୀଙ୍କ ପାଇଁ ପୁଣି ଖୁସି ଖବର ଆଣିଦେଇଛି। ଗତ ସପ୍ତାହରେ ବିରଳ ଘଡ଼ିଆଳ ଯୋଡ଼ା ପୁଣିଥରେ ୩୦ଟି ଘଡ଼ିଆଳ ଛୁଆ ଫୁଟାଇଛନ୍ତି। ୨୦୨୧ରୁ ଚଳିତବର୍ଷ ମଧ୍ୟରେ ଲଗାତାର ଭାବେ ସେହି ଗୋଟିଏ ଯୋଡ଼ା ଘଡ଼ିଆଳ ଛୁଆ ଫୁଟାଇ ଆସୁଛନ୍ତି। ୨୦୨୧ରେ ୨୮ଟି, ୨୦୨୨ରେ ୩୨ଟି, ୨୦୨୩ରେ ୩୫ଟି, ୨୦୨୪ରେ ୩୫ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲେ। ଚଳିତବର୍ଷ ପୁଣିଥରେ ୩୦ଟି ଛୁଆ ସହ ଏହି ସ୍ଥାନରେ ମୋଟ ୧୬୦ଟି ଛୁଆ ଗତ ୫ବର୍ଷ ମଧ୍ୟରେ ଜନ୍ମ ହୋଇଛନ୍ତି।

ବନ ବିଭାଗ ତରଫରୁ ଘଡ଼ିଆଳ ଛୁଆଗୁଡ଼ିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଗଣ୍ଡ ଭିତରେ ମୋଟର ବୋଟ ଚଳାଚଳ ବନ୍ଦ କରାଯାଇଥିବା ବେଳେ କାଠଡଙ୍ଗାରେ ମାଛ ମାରିବା ଉପରେ କଟକଣା ଲଗାଯାଇଛି। ଏକ ସ୍ୱତନ୍ତ୍ର ଟିମ୍ ଗଣ୍ଡ ଭିତରେ ପଇଁତରା ମାରୁଛନ୍ତି। ସେଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଜରିଆରେ ଘଡ଼ିଆଳ ଯୋଡ଼ା ଏବଂ ଛୁଆ ଗୁଡ଼ିକର ସ୍ଥିତି ପର୍ଯ୍ୟବେକ୍ଷଣ ପ୍ରତିବର୍ଷ ଜୁନ ଓ ଜୁଲାଇ ମାସ ବେଳକୁ ନଦୀ ବଢି ହେଉଥିବାରୁ ଘଡ଼ିଆଳ ଛୁଆ ଭାସିଯିବାର ନଜିର ରହିଛି। ଚଳିତବର୍ଷ ମହାନଦୀରେ ବଢ଼ି ଆସିବା ସଂକେତ ମିଳିଲେ ଘଡ଼ିଆଳ ଛୁଆଗୁଡ଼ିକୁ ସେଠାରୁ ସୁରକ୍ଷିତ ଅଣାଯାଇ ଅନ୍ୟଏକ ପ୍ରାକୃତିକ ଆବାସରେ ରଖାଯିବାର ବ୍ୟବସ୍ଥା କରାଯାଇଛି।

# ଏଫ୍‌ଏମ୍‌ଏମ୍‌ସିଏଚ୍‌କୁ ଶବ ଅଭାବ

**ବାଲେଶ୍ୱର,୩।୬(ସମିସ):** ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ମୃତଦେହର ଘୋର୍ ଅଭାବ ଦେଖିବାକୁ ମିଳୁଛି। ପ୍ରତିବର୍ଷ ଅନ୍ୟୁନ ୪ଟି ମୃତଦେହର ଆବଶ୍ୟକତା ଥିବା ବେଳେ ଗତ ୭ ବର୍ଷ ଭିତରେ ଅର୍ଥାତ୍ ଏମ୍‌ବିବିଏସ୍ ପାଠ୍ୟକ୍ରମ ଆରମ୍ଭ ହେବାଠାରୁ ମାତ୍ର ୧୧ଟି ମୃତଦେହ ମିଳିପାରିଛି। ସେଥିମଧ୍ୟରୁ ଚଳିତବର୍ଷ କଟକ ଏସ୍‌ସିବିରୁ ୫ଟି ଶବ ଅଣାଯାଇଛି। ଆବଶ୍ୟକତା ଅନୁଯାୟୀ ଶବ ମିଳୁନଥିବାରୁ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ପ୍ରଭାବିତ ହେଉଛି।

ବାଲେଶ୍ୱର ସହର ସଂଲଗ୍ନ ରେମୁଣା ବିଜ୍ଞାପିତ ଅଞ୍ଚଳରେ ଅବସ୍ଥିତ ଏହି ମେଡିକାଲ (ଏଫ୍‌ଏମଏମସିଏଚ) କଲେଜରେ ଗତ ୨୦୧୮ ମସିହାଠାରୁ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହୋଇଛି। ୧୦୦ ସିଟ୍ ବିଶିଷ୍ଟ ଏହି ସରକାରୀ ଶିକ୍ଷାନୁଷ୍ଠାନରେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ପାଇଁ ଆବଶ୍ୟକ ମେଡିକାଲ ଯନ୍ତ୍ରପାତି ଓ ସରଞ୍ଜାମ ସରକାର ଯୋଗାଇ ଦେଇଛନ୍ତି। ମାତ୍ର କଲେଜର ଆନାଟୋମି ବିଭାଗରେ ଆବଶ୍ୟକତା ଥିବା ମୃତ ବ୍ୟକ୍ତିଙ୍କ ଶରୀରର ଅଭାବ ହେତୁ ସମସ୍ୟା ଉପୁଜୁଛି। ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ମୃତ ବ୍ୟକ୍ତିଙ୍କ ଅକ୍ଷତ ଶରୀର ଆବଶ୍ୟକ ହୋଇଥାଏ। ହେଲେ ଆବଶ୍ୟକତା ଅନୁଯାୟୀ ମୃତହେଦ ମିଳୁନି। ଏହି ସମସ୍ୟା ସୃଷ୍ଟି ହେବା କାରଣ ପଛରେ ମୁଖ୍ୟତଃ ମୃତ୍ୟୁ ପୂର୍ବରୁ ସ୍ୱେଚ୍ଛାକୃତ ଭାବେ କେହି ଶରୀର ସମସ୍ତ ଅଙ୍ଗଦାନ କରିବାକୁ କହି ଚାହୁଁନାହାନ୍ତି।

ପ୍ରତିବର୍ଷ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ନିହାତି ୪ଟି ମୃତଶରୀରର ଆବଶ୍ୟକ ରହିଛି। ଚଳିତବର୍ଷ ଏସସିବି କଲେଜରୁ ୫ଟି ମୃତଶରୀର ମାଗି ଆଣିଛି ଏଫ୍‌ଏମଏମସିଏଚ। ହୁଏତ ଚଳିତ ବର୍ଷ ଏହି ୫ଟି ମୃତଶରୀର ଦ୍ୱାରା ଡ଼ାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ହେଇଯିବ। ହେଲେ ଆଗାମୀ

- ପିଲାଙ୍କ ପ୍ରାକ୍ଟିକାଲ ଶିକ୍ଷା ବାଧାପ୍ରାପ୍ତ
- ପ୍ରତିବର୍ଷ ଅନ୍ୟୁନ ୪ ଶବ ଆବଶ୍ୟକ
- ଯୋଗାଡ଼ଯନ୍ତ୍ରରେ ମିଳିଛି ୧୧ ମୃତଦେହ
- ବ୍ୟାପକ ସଚେତନତା ଓ ପୁଲିସ୍ ସହଯୋଗ ଦରକାର: ପ୍ରଫେସର୍

ବର୍ଷ ପାଇଁ ଆବଶ୍ୟକ ହେଉଥିବା ମୃତଦେହ ପୁଣି ଅନ୍ୟ କେଉଁ ମେଡିକାଲ୍ କଲେଜରୁ ଆଣିବାକୁ ପଡ଼ିବ। ତେଣୁ, ଜିଲ୍ଲାର ଜନ ସାଧାରଣ ଏଥିପ୍ରତି ସଚେତନ ହୋଇ ମୃତ୍ୟୁ ପୂର୍ବରୁ ସର୍ବାଙ୍ଗ ଦାନ କରିବାକୁ ଆଗେଇ ଆସିବା ଦରକାର।

ଏସଂପର୍କରେ ମୃତ୍ୟୁ ପୂର୍ବରୁ ସର୍ବାଙ୍ଗ ଦାନ କରିଥିବା ବାଲେଶ୍ୱର ବସ୍ତା ଅଞ୍ଚଳର ଜଗବନ୍ଧୁ ନାୟକ କହିଛନ୍ତି, ଯେକୌଣସି ଜୀବ ମରିଗଲା ପରେ ତା'ର ପାର୍ଥିବ



ଶରୀରର କିଛି ମୂଲ୍ୟ ନ ଥାଏ। ମୃତ୍ୟୁ ପରେ ମଣିଷର ଶରୀରକୁ ପୋଡ଼ି ଦିଆଯାଉଛି କିମ୍ବା ପୋତି ଦିଆଯାଉଛି। ଯାହା କୌଣସି କାମରେ ଆସୁନି। ମୃତ୍ୟୁ ପୂର୍ବରୁ କୌଣସି ବ୍ୟକ୍ତି ଯଦି ନିଜର ସର୍ବାଙ୍ଗ ଦାନ କରାଯାଏ, ତାହାଲେ ତାହା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣାରେ ଲାଗିପାରିବ। ଏନେଇ ଜିଲ୍ଲା ବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଶ୍ରୀ ନାୟକ କହିଛନ୍ତି।

ଅପରପକ୍ଷେ ଏଫ୍‌ଏମଏମସିଏଚର ଆନଟୋମି ବିଭାଗର ମୁଖ୍ୟ ପ୍ରଫେସର୍ ମଧୁସ୍ମିତା ପଣ୍ଡା କହିଛନ୍ତି, ପ୍ରତିବର୍ଷ କଲେଜକୁ ୪ଟି ମୃତଶରୀର ଆବଶ୍ୟକ। ମୃତ୍ୟୁ ପୂର୍ବରୁ ଯେକୌଣସି ବ୍ୟକ୍ତି ତାଙ୍କର ସର୍ବାଙ୍ଗ ଦାନ କରିପାରିବେ। ଏଥିପାଇଁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବା ଦରକାର। ପୁଣି, ପୁଲିସ ପକ୍ଷରୁ ମଧ ଏ ଦିଗରେ ସହଯୋଗ ଆବଶ୍ୟକ। ଅନେକ ଅଚିହ୍ନା ବ୍ୟକ୍ତିଙ୍କ ଶବ ପୁଲିସ୍ ଉଦ୍ଧାର କରୁଛି। ଯେଉଁ ଶବକୁ ନେବା ପାଇଁ କେହି ଦାବିଦାର ନାହାନ୍ତି। ସେହି ସବୁ ଅଚିହ୍ନା ଶବଗୁଡ଼ିକୁ ଯଦି ପୁଲିସ୍ ପକ୍ଷରୁ ପୋଡ଼ା କିମ୍ବା ପୋତାନଯାଇ ମେଡିକାଲ୍ କଲେଜକୁ ଦାନ କରାଯାଆନ୍ତା, ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ପ୍ରଫେସର ପଣ୍ଡା କହିଛନ୍ତି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୨୫
- ପାଉଣ୍ଡ ୧୧୫.୩୬
- ୟୁରୋ ୯୭.୨୩
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୮୦୦ (ନୂଆଦିଲ୍ଲୀ)
- ରୁପା : ୧୦୦,୦୦୦ (କେଜି)


## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୩୭.୦୦
- ନିଫ୍ଟି ୨୪,୫୪୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଓଇସିଡି ରିପୋର୍ଟ

# ଟ୍ରମ୍ପଙ୍କ ଶୁଳ୍କ ନିଷ୍ପତ୍ତି ଆମେରିକାକୁ ବୁଡ଼ାଇବ

**ୱାଶିଂଟନ୍,୩।୬(ଏଜେନ୍ସି):** ବିଶ୍ୱର ସର୍ବବୃହତ ଅର୍ଥନୀତି ଆମେରିକା ଚଳିତବର୍ଷ ବର୍ଷ ଏକ ବଡ଼ ମାନ୍ଦାବସ୍ଥା ଆଡକୁ ମୁହାଁଇଛି। ଆର୍ଥିକ ସହଯୋଗ ଏବଂ ବିକାଶ ସଂଗଠନ (ଓଇସିଡି) ପକ୍ଷରୁ ମଙ୍ଗଳବାର ଏକ ରିପୋର୍ଟରେ ଏହା କୁହାଯାଇଛି। ଆମେରିକାର ଜିଡିପି ଅଭିବୃଦ୍ଧି ୨୦୨୫ରେ ୨.୮% ରୁ ୧.୬% କୁ ହ୍ରାସ ପାଇବ ଏବଂ ୨୦୨୬ ରେ ଏହା ଆହୁରି ୧.୫% କୁ ଖସିଆସିବ। ରିପୋର୍ଟ ଅନୁଯାୟୀ, ଏହାର ସବୁଠାରୁ ବଡ଼ କାରଣ ହେଉଛି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଏବଂ ତାଙ୍କ ଦ୍ୱାରା ବିଭିନ୍ନ ଦେଶ ଉପରେ ଲାଗୁ କରାଯାଇଥିବା ଭାରୀ ଶୁଳ୍କ।

ଓଇସିଡି ଅନୁଯାୟୀ, ଟ୍ରମ୍ପ ଆମଦାନୀ ଉପରେ ହାରାହାରି ଶୁଳ୍କ ହାର ୨.୫% ରୁ ୧୫.୪% କୁ ବୃଦ୍ଧି କରିଛନ୍ତି, ଯାହା ୧୯୩୮ ପରଠାରୁ ସର୍ବାଧିକ। ଏଥିଯୋଗୁ କେବଳ ଆମେରିକୀୟ ଲୋକଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁନାହିଁ, ବରଂ ଏହା ଆମଦାନୀ ହୋଇଥିବା କଞ୍ଚାମାଲ ଉପରେ ନିର୍ଭରଶୀଳ କମ୍ପାନୀଗୁଡ଼ିକର ଖର୍ଚ୍ଚ ମଧ୍ୟ ବୃଦ୍ଧି କରିଛି। ଟ୍ରମ୍ପ ପ୍ରାୟ ପ୍ରତ୍ୟେକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ୧୦% ଶୁଳ୍କ ଲାଗୁ କରିଛନ୍ତି ଏବଂ ଇସ୍ପାତ, ଆଲୁମିନିୟମ ଏବଂ ଅଟୋମୋବାଇଲ୍ ଭଳି କ୍ଷେତ୍ର ଉପରେ ସ୍ୱତନ୍ତ୍ର ଶୁଳ୍କ ମଧ୍ୟ ଲଗାଇଛନ୍ତି। କେବଳ



ଏତିକି ନୁହେଁ, ସେ ଇସ୍ପାତ ଏବଂ ଆଲୁମିନିୟମ ଉପରେ ଶୁଳ୍କ ୫୦% ବୃଦ୍ଧି କରିବାକୁ ମଧ୍ ଧମକ ଦେଇଛନ୍ତି। ଏହି ଅନିଶ୍ଚିତତା ବ୍ୟବସାୟୀ ଏବଂ ଗ୍ରାହକଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଛି। ଏ ସମ୍ପର୍କରେ ଓଇସିଡି ମୁଖ୍ୟ ଅର୍ଥନୀତିଜ୍ଞ ଆଲଭାରୋ ପେରେରା କହିଛନ୍ତି ଯେ ବାଣିଜ୍ୟ ପ୍ରତିବନ୍ଧକ ଏବଂ ନୀତି ଅନିଶ୍ଚିତତା ବିଶ୍ୱ ବାଣିଜ୍ୟ ଏବଂ ନିବେଶକୁ କ୍ଷତି ପହଞ୍ଚାଇଛି। ଗତ ସପ୍ତାହରେ, ନ୍ୟୁୟର୍କର ଏକ କୋର୍ଟ ଟ୍ରମ୍ପଙ୍କ ଅଧିକାଂଶ ଶୁଳ୍କକୁ ବେଆଇନ କହି ବନ୍ଦ କରିଦେଇଥିଲେ, କିନ୍ତୁ ଆପିଲ୍ କୋର୍ଟ ଏହି ଶୁଳ୍କକୁ ବଳବତ୍ତର ରଖିବାକୁ ଅନୁମତି ଦେଇଛନ୍ତି, ଯାହା ଅନିଶ୍ଚିତତାକୁ ଆହୁରି ବୃଦ୍ଧି କରିଛି।

## ଶୁଭିଲାଣି ମାନ୍ଦାବସ୍ଥାର ପଦଧ୍ୱନୀ

## ଜିଡିପି ଅଭିବୃଦ୍ଧି ୨% ତଳେ ରହିବ

ବିଶ୍ୱ ଅର୍ଥନୀତି ମଧ୍ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧର ପ୍ରଭାବର ସମ୍ମୁଖୀନ ହେଉଛି। ଓଇସିଡି ଆକଳନ କରିଛି ଯେ ବିଶ୍ୱ ଅଭିବୃଦ୍ଧି ୨୦୨୪ ରେ ୩.୩% ରୁ ୨୦୨୫ ରେ ୨.୯% କୁ ହ୍ରାସ ପାଇବ ଏବଂ ୨୦୨୬ରେ ସମାନ ରହିବ। ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ଚୀନ୍ ୨୦୨୫ରେ ୪.୭% ଏବଂ ୨୦୨୬ ରେ ୪.୩% ଅଭିବୃଦ୍ଧି ପାଇବ, ଯାହା ଗତ ବର୍ଷ ୫% ଥିଲା। ଟ୍ରମ୍ପଙ୍କ ଶୁଳ୍କ ଚୀନ୍ ରପ୍ତାନିକାରୀଙ୍କୁ କ୍ଷତି ପହଞ୍ଚାଇବ, ଯଦିଓ ବେଜିଂ ସୁଧ ହାର ହ୍ରାସ ଏବଂ କାରଖାନାଗୁଡ଼ିକୁ ଉନ୍ନତ କରି କିଛି ଆଶ୍ୱସ୍ତି ଦେବାକୁ ଚେଷ୍ଟା କରିଛି। ଅନ୍ୟପକ୍ଷରେ, ୟୁରୋ ମୁଦ୍ରା ବ୍ୟବହାର କରୁଥିବା ୨୦ ୟୁରୋପୀୟ ଦେଶ ୨୦୨୫ ରେ ୧% ଏବଂ ୨୦୨୬ ରେ ୧.୨% ଅଭିବୃଦ୍ଧି ପାଇପାରିବେ, ଯାହା ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଦ୍ୱାରା ସହାୟତା ପାଇବ।

# କୁର୍ଲାରେ ଗୋଦାମ ଘର ଲିଜ୍‌ରେ ନେଲା ଟେସ୍‌ଲା

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଭାରତରେ କାର୍ ବିକ୍ରି କରିବାକୁ ଆଗ୍ରହୀ ଏଲନ୍ ମସ୍କଙ୍କ କମ୍ପାନୀ ଟେସ୍‌ଲା ସବୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଥିପାଇଁ କମ୍ପାନୀ ମୁମ୍ବାଇର କୁର୍ଲା ଅଞ୍ଚଳର ଲୋଧା ଲଜିଷ୍ଟିକ୍ ପାର୍କରେ ୨୪,୫୬୫ ବର୍ଗଫୁଟ ଗୋଦାମ ସ୍ଥାନକୁ ପାଞ୍ଚ ବର୍ଷ ପାଇଁ ଲିଜ୍ ନେଇଛି ଏଲନ ମସ୍କଙ୍କ ଟେସ୍‌ଲା କମ୍ପାନୀ। ତଥ୍ୟ ଅନୁଯାୟୀ ମସ୍କଙ୍କ ଟେସଲା ଇଣ୍ଡିଆ ମୋଟର ଆଣ୍ଡ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ଏହି ଜାଗାକୁ ମୋଟ ୨୪.୩୮ କୋଟି ଭଡ଼ାରେ ଲିଜ୍ ନେଇଛି। ଦଲିଲଗୁଡ଼ିରୁ ମିଳିଥିବା ତଥ୍ୟ ଅନୁସାରେ, ଲିଜ୍ ନେଇଥିବା ସ୍ଥାନରେ ଦୁଇଟି ଭୂତଳ ମହଲା ୟୁନିଟ୍(ଗ୍ରାଉଣ୍ଡ ଫ୍ଲୋର୍) ରହିଛି ଯାହାର ମୋଟ କାର୍ପେଟ ଏରିଆ ୧୯ ,୦୦୦ ବର୍ଗଫୁଟରୁ ଅଧିକ। ଏବଂ ଚାର୍ଜେବୁଲ ଏରିଆ ୨୪,୦୦୦ ବର୍ଗଫୁଟରୁ ଅଧିକ। ପ୍ରଥମ ବର୍ଷ ପାଇଁ ପ୍ରାରମ୍ଭିକ ମାସିକ ଭଡା ୩୭.୫୩ ଲକ୍ଷରୁ ଅଧିକ, ବାର୍ଷିକ ୫% ବୃଦ୍ଧି ସହିତ, ପାଞ୍ଚ ବର୍ଷର ଲିଜ୍ ଅବଧିରେ ମୋଟ ଭଡା ୨୪ କୋଟିରୁ ଅଧିକ ହୋଇଛି।

# ସେନ୍‌ସେକ୍ସ ୬୩୬ ପଏଣ୍ଟ ଖସିଲା

**ମୁମ୍ବଇ,୩।୬(ଏଜେନ୍ସି):** ଘରୋଇସେୟାର ବଜାର ମଙ୍ଗଳବାର ଲଗାତାର ତୃତୀୟ ଦିନ ପାଇଁ ଲାଲ୍ ସଂକେତରେ ବନ୍ଦ ହୋଇଛି। କାରବାର ଶେଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଏସ୍‌ଇ ସେନ୍‌ସେକ୍ସରେ ୬୩୬.୨୪ ପଏଣ୍ଟ ବା ୦.୭୮ ପ୍ରତିଶତ ହ୍ରାସ ପାଇ ୮୦,୭୩୭.୫୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଏନ୍‌ଏସ୍‌ଇ ନିଫ୍ଟିରେ ୧୭୪.୧୦ ପଏଣ୍ଟ ବା ୦.୭୦ ପ୍ରତିଶତ ହ୍ରାସ ପାଇ ୨୪,୫୪୨.୫୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି ।

# ସ୍ମାର୍ଟ ବଜାର ଆକର୍ଷଣୀୟ ରଜ ଅଫର ଆରମ୍ଭ

**ଭୁବନେଶ୍ୱର,୩।୬(ସମିସ) :** ରଜ ପର୍ବ ପାଳନ କରିବା ପାଇଁ ରିଲାଏନ୍ସ ରିଟେଲର ଏକ ଅଗ୍ରଣୀ ଖୁଚୁରା ଗନ୍ତବ୍ୟସ୍ଥଳୀ ସ୍ମାର୍ଟ ବଜାର ପକ୍ଷରୁ ଏକାଧିକ ପାର୍ବଣ ଅଫର ଓ ଇନ୍-ଷ୍ଟୋର ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଉତ୍ସବଗୁଡିକ ଭୁବନେଶ୍ୱରସ୍ଥିତ ସ୍ମାର୍ଟ ବଜାର ଷ୍ଟୋରରେ ଏକ ସ୍ୱତନ୍ତ୍ର ଇଭେଣ୍ଟ ସହିତ ଆରମ୍ଭ ହୋଇଛି, ଯେଉଁଥିରେ କମ୍ପାନୀର




ସୁପରମାର୍କେଟ୍‌ସ ଆଣ୍ଡ ହାଇପରମାର୍କେଟ୍‌ସ ବିଭାଗର ଚିଫ ମାର୍କେଟିଂ ଅଫିସର ସୁରଭି ସେନଙ୍କ ସମେତ ଲୋକପ୍ରିୟ ସେଲିବ୍ରିଟି ଅତିଥି ଲିପ୍ସା ମିଶ୍ର ଆଚାର୍ଯ୍ୟ ଓ ରିୟା ଦେ' ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅତିଥିମାନେ ମିଳିତ ଭାବେ ପାର୍ବଣ ଅଫରଗୁଡିକୁ ଉନ୍ମୋଚନ କରିଥିଲେ ଓ ରଜ କାର୍ଯ୍ୟକଳାପ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଯୋଗ ଦେଇ ରିଲାଏନ୍ସ ରିଟେଲ ଲିମିଟେଡ- ଭାଲ୍ୟୁ ଫର୍ମାଟର ମୁଖ୍ୟ ପରିଚାଳନା ଅଧିକାରୀ କାମଦେବ ମହାନ୍ତି ରଜ ପର୍ବର ମହତ୍ୱ ସମ୍ପର୍କରେ କହିଥିଲେ। ସ୍ମାର୍ଟ ବଜାରରେ ରଜ ପର୍ବ ସ୍ୱତନ୍ତ୍ର ଅଫରଗୁଡ଼ିକ ମଧ୍ୟରେ ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ଫ୍ୟାଶନ ଉତ୍ପାଦ କ୍ରୟ କରି କେବଳ ୯୯ ଟଙ୍କାରେ ଏକ ଡିଜାଇନର ସଫି ବ୍ୟାଗ୍ ରହିଛି। ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ସଫିଂ କରନ୍ତୁ ଏବଂ କେବଳ ୫୯୯ ଟଙ୍କାରେ ଏକ ଫିଲିପ୍ସ ହେୟାର ଡ୍ରାୟର ମିଳିବ। ୪୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ଲେଡିସ୍ କୁର୍ତ୍ତା ଉପରେ ୨୦%ର ଫ୍ଲାଟ ରିଆତି ଉପଲବ୍ଧ। ସୁଗର ପପ୍ କସ୍‌ମେଟିକ୍ସ ଉପରେ ସ୍ୱତନ୍ତ୍ର ଡିଲ ସହିତ ଫେଷ୍ଟିଭ ଗ୍ଲୋ ରହିଛି। ଏଥିସହ ନେଲପଲିସ୍ ଓ କାଜଲ ଭଳି ନିଶ୍ଚିତ ଉତ୍ପାଦଗୁଡିକୁ ସ୍ୱତନ୍ତ୍ର ମୂଲ୍ୟରେ ମିଳୁଛି। ଏହି ଅବସରରେ ଲୁଜ ସୁଗାର ୪୪.୫୦ ଟଙ୍କା / କେଜି, ଲୁଜ ଏଚଏମଟି କୋଲମ ରାଇସ ୫୧ ଟଙ୍କ/ କେଜି, ଲୁଜ ତୁର ଡାଲ ଇକୋନୋମି ୯୯ଟଙ୍କା/ କେଜି, ଗୁଡ ଲାଇଫ ଜିରା ସାର ରାଇସ ୪୦ ଟଙ୍କା/ କେଜି (୨୬କେଜ ପ୍ୟାକ- ସର୍ତ୍ତାବଳୀ ଲାଗୁ)ରେ ପାଇପାରିବେ।

# କ୍ରମ୍ପଟନ୍‌ର ଆକର୍ଷଣୀୟ ମାର୍ଭେଲ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ସିରିଜ୍

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ବିଶ୍ୱ ଇଣ୍ଟେରିୟର ଦିବସ ଅବସରରେ କ୍ରମ୍ପଟନ୍ ଗ୍ରିଭ୍ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ୱେଭ୍ ଶୁଭାରମ୍ଭ କରିଛି। ଏହାର ନୂତନ ଉଦ୍ଭାବନ ଯାହା ଭବିଷ୍ୟତ ଉପଯୋଗୀ ଡିଜାଇନ୍ ସହିତ ଉଚ୍ଚ କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରେ। ଏହି ଶୁଭାରମ୍ଭ ସହିତ, କ୍ରମ୍ପଟନ୍ ସିଲିଂ ଫ୍ୟାନ ଏକ ନୂତନ ଯୁଗକୁ ଚିହ୍ନିତ କରିଛି, ଯେଉଁଠାରେ ଫର୍ମ କାର୍ଯ୍ୟଦକ୍ଷତା ସହିତ ମେଳ ଖାଏ ଏବଂ ଡିଜାଇନ୍ କାର୍ଯ୍ୟଦକ୍ଷତା ସହିତ ସମନ୍ୱିତ ହୁଏ। କ୍ରମ୍ପଟନ୍ ଏକ କାର୍ଯ୍ୟକ୍ଷମ ଉତ୍ପାଦକୁ କାରିଗରୀ କୌଶଳ ସହିତ ପ୍ରସ୍ତୁତ କରିଛି। ଏହାକୁ ଏକ ଡିଜାଇନ୍ ମାଷ୍ଟରପିସରେ ପରିଣତ କରି ଘର ଡିଜାଇନ୍ ପାଇଁ ଆବଶ୍ୟକୀୟ ଜିନିଷଗୁଡ଼ିକୁ ପୁନଃପରିଭାଷିତ କରୁଛି। ଆଜିର ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରତିଫଳିତ କରୁଥିବା ଘର ଡିଜାଇନ୍ କରିବାରେ ଗଭୀର ଭାବରେ ନିବେଶ କରିବାକୁ ଚାହାଁନ୍ତି, ପ୍ରାୟତଃ ସର୍ବନିମ୍ନ ଏବଂ ସମସାମୟିକ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି। ସେମାନେ ଏକ ସମନ୍ୱିତ ଏବଂ ଦୃଶ୍ୟମାନ ଆନନ୍ଦଦାୟକ ସ୍ଥାନ ବଜାୟ ରଖିବା ପାଇଁ ସାଜସଜ୍ଜାର ପ୍ରତ୍ୟେକ ଉପାଦାନକୁ ସଂଗ୍ରହ କରନ୍ତି।

## ଆମେରିକା ବାଣିଜ୍ୟ ସଚିବଙ୍କ ସୂଚନା

# ଭାରତ- ଆମେରିକା ବାଣିଜ୍ୟ ଆଲୋଚନା ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଟ୍ରମ୍ପ୍‌ଙ୍କ ଶୁଳ୍କ ଲାଗୁ ପରେ ଖୁବଶୀଘ୍ର ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହୋଇପାରେ। ଏହି ଆଲୋଚନା ଦ୍ୱାରା ଉଭୟ ଦେଶଙ୍କୁ ଫାଇଦା ହେବ। ମଙ୍ଗଳବାର ଓ୍ୱାଶିଂଟନରେ ୟୁଏସ-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରସିପ ଫୋରମ (ୟୁଏସ୍‌ଆଇଏସ୍‌ପିଏଫ୍)ର ଲିଡରସିପ୍ ସମିଟ୍‌ରେ ଆମେରିକାର ବାଣିଜ୍ୟ ସଚିବ ହାଓ୍ୱର୍ଡ ଲୁଟନିକ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁଲାଇ ସୁଦ୍ଧା ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହେବ। କାରଣ ଦୁଇ ଦେଶ ଏଭଳି ବାଟ ବାହାର କରିଛନ୍ତି ଯାହା ଉଭୟଙ୍କ ପାଇଁ ଫାଇଦା ହେବ। ଏହା ପୂର୍ବରୁ ସୋମବାର ମଧ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ କହିଥିଲେ ଯେ, ଦୁଇ ଦେଶ ପରସ୍ପରର ବାଣିଜ୍ୟକୁ ପ୍ରାଥମିକତା ଦେବାକୁ ଚାହୁଁଛନ୍ତି। ଆଉ ଏଥିପାଇଁ ଦୁଇ ଦେଶ ଲଗାତାର ଭାବେ ଆଲୋଚନା ଜାରି ରଖିଛନ୍ତି। ଏହା ପୂର୍ବରୁ ଏପ୍ରିଲରେ ଭାରତ ଗସ୍ତରେ ଆସିଥିବାବେଳେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ କହିଥିଲେ ଯେ, ଆମେରିକା ଏବଂ ଭାରତ ବାଣିଜ୍ୟ ଆଲୋଚନା ପାଇଁ ସର୍ତ୍ତକୁ ଫାଇନାଲ କରିଛନ୍ତି। ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜୁଲାଇ ୮ ପୂର୍ବରୁ ଦୁଇ ଦେଶ ଏକ ଅନ୍ତରୀଣ ବୁଝାମଣା ଉପରେ ସହମତ ହୋଇପାରନ୍ତି। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଉପରେ ୨୬% ଟାରିଫ୍ ଲଗାଇବା ଘୋଷଣା ପରଠାରୁ ଦୁଇ ଦେଶ ବାଣିଜ୍ୟ ଆଲୋଚନା ଉପରେ କଥାବାର୍ତ୍ତା ଜାରି ରଖିଛନ୍ତି। ଆମେରିକାର ଟାରିଫ୍ ଭାରତ ଉପରେ ଜୁଲାଇ ୮ରୁ ଲାଗୁ ହେବ।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିପାରେ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ପ୍ରେମ ବ୍ୟାପାରରେ ସଫଳ ହେବେ।


**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

### ଆଜିର ଇତିହାସ

- ୧୯୧୯ - ଆମେରିକାର ନୌସେନା କୋଷ୍ଟାରିକା ଉପରେ ଆକ୍ରମଣ କଲା।
- ୧୯୫୯ - ସି.ରାଜଗୋପାଳଚାରୀ ସ୍ୱତନ୍ତ୍ର ପାର୍ଟି ନିର୍ମାଣ ପାଇଁ ଘୋଷଣା କଲେ।
- ୧୯୮୨- ଇସ୍ରାଏଲ୍ ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ କଲା।
- ୨୦୧୫- ଘାନାର ଏକ ପେଟ୍ରୋଲ୍ ପମ୍ପରେ ଅଗ୍ନିକାଣ୍ଡ ଯୋଗୁଁ ୨୦୦ରୁ ଅଧିକ ଲୋକ ମୃତ।



# ଜୁନ୍ ୨୭ରେ 'ନିକିତା ରୟ'

ହରର୍ ଓ ରୋମାଣ୍ଟିକ ପରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏବେ ଏକ ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ନିକିତା ରୟ'। ଏହି ଫିଲ୍ମ ମେ' ୩୦ରେ ସିନେମା ହଲ୍‌ରେ ରିଲିଜ୍ ହେବାର ଥିଲା। ହେଲେ ବର୍ତ୍ତମାନ ଫିଲ୍ମର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ସୋନାକ୍ଷୀଙ୍କ ଭାଇ କୁଶ୍ ସିହ୍ନା ଅଛନ୍ତି। ଏହା ଏକ ସାଇକୋଲଜିକାଲ ସସ୍‌ପେନ୍ସ ଥ୍ରିଲର୍ ସିନେମା ହେବ। ଏଥିରେ ସୋନାକ୍ଷୀ ନିକିତା ଚରିତ୍ରରେ ନଜର ଆସିବେ। ସୋନାକ୍ଷୀଙ୍କ ବ୍ୟତୀତ ପରେଶ ରାୱଲ, ଅର୍ଜୁନ ରାମପାଲ ଏବଂ ସୁହେଲ ନାୟର ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ସମ୍ପର୍କରେ ଅପ୍ରେଲ ମାସରେ ଘୋଷଣା କରାଯାଇଥିଲା ଏବଂ ଏହା ମେ' ୩୦ରେ ଆସିବ ବୋଲି କୁହାଯାଇଥିଲା। କିନ୍ତୁ ଏବେ ଏହାର ମୁକ୍ତିଲାଭ ଦିନକୁ ଘୁଞ୍ଚାଇ ଦିଆଯାଇଛି। ସୋନାକ୍ଷୀ ଏକ ପୋଷ୍ଟ ମାଧ୍ୟମରେ ଫିଲ୍ମର ନୂଆ ମୁକ୍ତିଲାଭ ଦିନ ବିଷୟରେ ଘୋଷଣା କରିଛନ୍ତି। ସେ ଫିଲ୍ମର ଏକ ପୋଷ୍ଟର ସେୟାର୍ କରି ଲେଖିଛନ୍ତି- 'ଆପଣଙ୍କ କ୍ୟାଲେଣ୍ଡରରେ ନୋଟ୍ କରି ଦିଅନ୍ତୁ। ରୋମାଞ୍ଚକ ଥ୍ରିଲର୍ 'ନିକିତା ରୟ'ର ନୂଆ ଡେଟ୍ ସାମ୍ନାକୁ ଆସିଛି। ଜୁନ୍ ୨୭ରେ ଥିଏଟରରେ ଏହାକୁ ଦେଖନ୍ତୁ।' ତେବେ ସୋନାକ୍ଷୀଙ୍କ ଏହି ପୋଷ୍ଟ ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି'। 'ନିକିତା ରୟ' ବାଦ୍ ସୋନାକ୍ଷୀ 'ଜଟାଧାରା' ଫିଲ୍ମ ମାଧ୍ୟମରେ ଟଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସୁଧୀର ବାବୁ ମୁଖ୍ୟ ଭୂମିକାରେ ନଜର ଆସିବେ।

# ତିନି ରାତି ନ ଶୋଇଲେ ବୃଦ୍ଧି ପାଏ ହୃଦ୍‌ଘାତ ଆଶଙ୍କା

ଆଜିକାଲି ଲୋକେ ଘଣ୍ଟା ଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ ରହିବା ଯୋଗୁଁ ରାତିରେ ବିଳମ୍ବରେ ଶୋଉଥିବାର ଦେଖାଯାଇଛି। ଲଗାତାର ତିନି ରାତି ଠିକ୍‌ରେ ନ ଶୋଇବା ଦ୍ୱାରା ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ବିଶେଷକରି ହୃଦ୍‌ଘାତ ଆଶଙ୍କା ଅଧିକ ବୃଦ୍ଧି ପାଏ। ସୁନିଦ୍ରା କେବଳ ଥକ୍କାପଣ ଦୂର କରି ନ ଥାଏ, ଏହା ହୃତ୍‌ପିଣ୍ଡକୁ ମଧ୍ୟ ମଜବୁତ କରିଥାଏ। ସ୍ୱିଡେନର ଉପସାଲା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଗବେଷଣା କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି ଯେ, କିଛି ରାତିର ସ୍ୱଳ୍ପ ନିଦ୍ରା ବି ହୃଦୟ ପାଇଁ କ୍ଷତିକାରକ ହୋଇପାରେ। ନିଦ ପୂରା ନ ହେବା ଦ୍ୱାରା ଶରୀରରେ ଇମଫ୍ଲାମେସନ ବୃଦ୍ଧି ପାଏ। ଏହା ହିଁ ହୃଦ୍‌ରୋଗର କାରଣ ହୋଇଥାଏ। ସେହିପରି ଏହି ଗବେଷଣା ଲାଗି ୧୬ ଜଣ ସୁସ୍ଥ ଯୁବକଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଓଜନ ସାମାନ୍ୟ ଥିବା ବେଳେ ନିଦ୍ରାଭ୍ୟାସ ବି ଠିକ୍ ଥିଲା। ସମସ୍ତଙ୍କୁ ଦୁଇଥର ନିଦ ଗବେଷଣାଗାରରେ ରଖାଯାଇଥିଲା। ଥରୁଟିଏ ସେମାନଙ୍କୁ ତିନିରାତି ଭଲ ନିଦ୍ରା ପ୍ରଦାନ କରାଯାଇଥିଲା। ତା'ସହ ଦ୍ୱିତୀୟ ଥର ସେମାନଙ୍କୁ କେବଳ ୪ ଘଣ୍ଟା ଶୋଇବାକୁ ଦିଆଯାଇ ଥିଲା। ଦୁଇ ଥର ସେମାନଙ୍କ ଖାଦ୍ୟ ଓ ଗତିବିଧିକୁ ନିୟନ୍ତ୍ରଣାଧୀନ କରାଯାଇ ଥିଲା। ଏହାସହ ପ୍ରତିଦିନ ବ୍ୟାୟାମ କରିବା ପରେ ସକାଳେ ଓ ସନ୍ଧ୍ୟାବେଳେ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଯାଉଥିଲା। ବୈଜ୍ଞାନିକମାନେ ସେମାନଙ୍କ ରକ୍ତରେ ଥିବା ପାଖାପାଖି ୯୦ ପ୍ରକାର ପ୍ରୋଟିନ୍‌ର ଯାଞ୍ଚ କରିଥିଲେ। ଯେତେବେଳେ ନିଦ ପୂରା ହୋଇ ନ ଥିଲା, ସେତେବେଳେ କିଛି ପ୍ରୋଟିନ୍‌ର ମାତ୍ରା ଏଭଳି ଭାବେ ବୃଦ୍ଧି ପାଇଥିଲା ଯେ, ଯାହାକି ହୃଦ୍‌ରୋଗ ସହିତ ଜଡ଼ିତ ଥିଲା। ସେହିପରି ବୈଜ୍ଞାନିକମାନେ କହିଛନ୍ତି, କମ୍ ନିଦ ସହିତ ବ୍ୟାୟାମ କରାଗଲେ, ଏହା ହୃଦୟ ମାଂସପେଶୀ ଉପରେ ଅଧିକ ପ୍ରଭାବ ପକାଇପାରେ। ଅନ୍ୟପଟେ ମହିଳା, ବୟସ୍କ ବ୍ୟକ୍ତି ବିଶେଷ, ହୃଦ୍‌ରୋଗୀ ଏବଂ ଅଲଗା ଅଲଗା ନିଦ ପ୍ୟାଟର୍ଣ୍ଣ ଯୁକ୍ତ ଲୋକଙ୍କ ଉପରେ ଏହାର ପ୍ରଭାବ କିଭଳି ଭିନ୍ନ ହୋଇପାରେ ଏନେଇ ଅଧିକ ଗବେଷଣାର ଆବଶ୍ୟକତା ଥିବା ସେମାନେ କହିଛନ୍ତି।



# କ୍ୟାମେରା ଜଗିଛି ଫସଲ

ସୁରକ୍ଷା ଦୃଷ୍ଟିରୁ ପଞ୍ଚତାରକା ହୋଟେଲ, ମନ୍ଦିର, ଦୋକାନ ତଥା ଘରମାନଙ୍କରେ ସିସିଟିଭି କ୍ୟାମେରା ଲଗାଯାଇଥାଏ। ଅଧୁନା ଅମାନିଆଙ୍କୁ ସାବାଡ଼ କରିବାକୁ ମଧ୍ୟ ଟ୍ରାଫିକ୍ ପୋଷ୍ଟ କିମ୍ବା ସଡ଼କରେ ସିସିଟିଭି କ୍ୟାମେରା ଲାଗୁଛି। ହେଲେ ଏବେ କଲରା ଚୋରି ରୋକିବାକୁ କ୍ଷେତରେ ସିସିଟିଭି କ୍ୟାମେରା ଲଗାଇ ଚର୍ଚ୍ଚାରେ ରହିଛନ୍ତି ବିହାର, ନଟୱା ଗାଁ'ର କୃଷକ ଭେଷ ନାରାୟଣ ସିଂହ। ସେ କଲରା ଚାଷକୁ ସୁରକ୍ଷା ଦେବା ସହ ଏହାର ଦେଖାରଖା କରିବାକୁ ସିସିଟିଭି କ୍ୟାମେରା ଏବଂ ସାଇରନ୍ ଲଗାଇଛନ୍ତି। ଏଥିପାଇଁ ସେ କ୍ଷେତରେ ଏକ ଲୁହା ଖୁଣ୍ଟରେ ଏକ ଘୂର୍ଣ୍ଣାୟମାନ କ୍ୟାମେରା ଲଗାଇଛନ୍ତି। ଯଦି ଜମି ମଧ୍ୟକୁ କୌଣସି ଭାରି ବସ୍ତୁ କିମ୍ବା କୌଣସି ବ୍ୟକ୍ତି ପ୍ରବେଶ କରନ୍ତି ତଥା ଗଛକୁ ଛୁଇଁବାକୁ ଚେଷ୍ଟା କରନ୍ତି ତେବେ କ୍ୟାମେରା ନିକଟରେ ଲାଗିଥିବା ସାଇରନ୍ ଜୋରରେ ଶବ୍ଦ କରିଥାଏ। ଜମି ନିକଟରୁ ନାରାୟଣ ସିଂହଙ୍କ ଘରର ଦୂରତା ଅଳ୍ପ ହୋଇଥିବାରୁ ସାଇରନ୍ ଶବ୍ଦ ତାଙ୍କ ଘର ଯାଏ ଶୁଣାଯାଇଥାଏ। ଏହି କ୍ୟାମେରା ଯୋଗୁଁ ତାଙ୍କ ଜମି ମଧ୍ୟକୁ ଚୋର କି ପଶୁପକ୍ଷୀ ପଶୁ ନ ଥିବା ଭେଷ ନାରାୟଣ କହିଛନ୍ତି। ସେହିପରି ଏହି ଚାଷୀ ଜଣକ ସିସିଟିଭି କ୍ୟାମେରା ଲଗାଇଥିବାରୁ ଜମିରେ ମୋଟର




ପମ୍ପ ଏବଂ ଅନ୍ୟ କୃଷି ଉପକରଣକୁ ସେଠାରେ ରଖି ଘରକୁ ଯାଇପାରୁଛନ୍ତି। ଭେଷ ନାରାୟଣଙ୍କ କହିବାନୁସାରେ, 'ତାଙ୍କର ଚାଷ ଜମିଟି ନଦୀ କୂଳରେ ଅବସ୍ଥିତ। ଏଠାରେ ଅଧିକାଂଶ ନୀଳଗାଇ ଏବଂ ପ୍ରାଣୀମାନେ ଫସଲକୁ ନଷ୍ଟ କରିଦିଅନ୍ତି। ହେଲେ ଏବେ ଜଙ୍ଗଲୀ ପ୍ରାଣୀ ଫସଲକୁ ପ୍ରବେଶ କରିବା ମାତ୍ରେ ସାଇରନ୍ ବାଜିବା ଆରମ୍ଭ କରିଦେଉଛି। ସାଇରନ୍ ଶବ୍ଦରେ ପ୍ରାଣୀମାନେ ଜମିରୁ ଭୟରେ ଦୌଡ଼ି ପଳାଉଛନ୍ତି।' ଭେଷ ନାରାୟଣ ୧୦,୦୦୦ରୁ ଅଧିକ ଟଙ୍କା ଖର୍ଚ୍ଚ କରି ଏପ୍ରକାର ସୁବିଧାର ଲାଭ ଉଠାଇଥିବା କୁହନ୍ତି।

## ସମ୍ଭାବନା



# ଜେନ୍ ଜେଡ୍‌ଙ୍କ ସହ ଯୋଡ଼ି ହେବାର କୌଶଳ

**ଆଜିକାଲି କାର୍ଯ୍ୟାଳୟରେ ଜେନ୍ ଜେଡ୍‌ଙ୍କ ସହ ତାଳମେଳ ରକ୍ଷା କରିବା ଖୁବ୍ ଜରୁରି। ସେମାନେ ସ୍ମାର୍ଟ, ଟେକ୍ନିକାଲ ଏବଂ ମୁକ୍ତ ଚିନ୍ତାଧାରାର ହୋଇଥାନ୍ତି। ତେଣୁ ସେମାନଙ୍କ ସହ ସହଜରେ ଯୋଡ଼ି ହେବା ଅନେକଙ୍କ ପକ୍ଷେ ସେତେଟା ସହଜ ନୁହେଁ।**



- ଜେନ୍ ଜେଡ୍ ଟେକ୍ନୋଲୋଜି ସହିତ ବଡ଼ ହେଉଛନ୍ତି। ସେମାନଙ୍କ ସହ କଥା ହେବା ଏବଂ କାମ କରିବା ବେଳେ ଇନଷ୍ଟାଣ୍ଟ ମେସେଜିଂ ଆପ୍, କୋଲାବରେସନ ଟୁଲ, ଭିଡିଓ କଲ୍ ଅଧିକ ବ୍ୟବହାର କରନ୍ତୁ।
- ସେମାନଙ୍କୁ ଲମ୍ବା ମିଟିଂ ଏବଂ ବୁଲେଇ ବଙ୍କେଇ କଥା କହିବା ପସନ୍ଦ ନୁହେଁ। ସେମାନଙ୍କ ସହ ସିଧା ଓ ସ୍ପଷ୍ଟ ଭାବେ କଥାବାର୍ତ୍ତା କରନ୍ତୁ।
- କ୍ୟାରିୟରରେ ଆଗକୁ ବଢ଼ିବା ଏବଂ ନୂଆ କିଛି ଶିଖିବା ଲାଗି ସେମାନେ ଲଗାତାର ଫିଡ୍‌ବ୍ୟାକ୍ ଚାହାନ୍ତି। ତେଣୁ କାମ ଉପରେ ତୁରନ୍ତ ମତାମତ ଲୋଡ଼ନ୍ତି।
- ଜେନ୍ ଜେଡ୍‌ଙ୍କୁ ୱାର୍କଲାଇଫ୍ ବାଲାନ୍ସ ଖୁବ୍ ପସନ୍ଦ। କେବଳ କାମ କରିବା ଚାହିଁ ନ ଥାନ୍ତି, ବରଂ କାମ କ'ଣ ଏବଂ ସେମାନେ କେଉଁ ବଡ଼ ଲକ୍ଷ୍ୟରେ ଯୋଗଦାନ ଦେବାକୁ ଯାଉଛନ୍ତି ସେକଥା ଉପରେ ଗୁରୁତ୍ୱ ଦିଅନ୍ତି।
- ନୂଆ ଜ୍ଞାନ କୌଶଳ ଶିଖିବା ପାଇଁ ଟ୍ରେନିଂ, ୱାର୍କସପ୍ ଏବଂ ମେଣ୍ଟରସିପ୍‌ର ଅବସର ପ୍ରଦାନ କରନ୍ତୁ।
- ମିଟିଂ ତଥା ପ୍ରୋଜେକ୍ଟ ଉପରେ ସେମାନଙ୍କ ମତାମତ ନିଅନ୍ତୁ।
- ମାନସିକ ସ୍ୱାସ୍ଥ୍ୟ ପ୍ରତି ସେମାନେ ଅଧିକ ସଚେତନ। ସେମାନଙ୍କୁ ସପୋର୍ଟିଭ ପରିବେଶ ପ୍ରଦାନ କରନ୍ତୁ।

# ଏକ ସମ୍ମାନଜନକ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା





ଡାକ୍ତର ଅଶୋକ କୁମାର ମହାନ୍ତି

ଏକ ସମ୍ମାନଜନକ କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର ପ୍ରଦର୍ଶନ କରାଯାଏ। ଏହାସହ ସଠିକ୍ ଯୋଗାଯୋଗ, ସହଯୋଗ ଏବଂ ଗଠନମୂଳକ ଭାବରେ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ସହିତ ସ୍ୱୀକୃତି ପ୍ରଦାନ କରାଯାଏ।

**କର୍ମକ୍ଷେତ୍ରର ପରିବେଶ**

- ଏହା ଏପରି ଏକ ସ୍ଥାନ, ଯେଉଁଠାରେ କର୍ମଚାରୀମାନେ ନିରାପଦ ଅନୁଭବ କରିବା ସହ ଉତ୍ପୀଡ଼ନ, ଭେଦଭାବ ଏବଂ ହିଂସାରୁ ନିଜକୁ ସୁରକ୍ଷିତ ମଣନ୍ତି।
- ଏହା କର୍ମଚାରୀଙ୍କ କଲ୍ୟାଣ, ଉତ୍ପାଦକତା ଏବଂ ସାମଗ୍ରିକ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ।
- କର୍ମଚାରୀମାନେ ନିଜ ମତାମତ ଖୋଲାଖୋଲି ଭାବରେ ପ୍ରକାଶ କରିବାରେ ସହଜ ଅନୁଭବ କରନ୍ତି।
- ବିବାଦଗୁଡ଼ିକର ତୁରନ୍ତ ଏବଂ ନ୍ୟାୟସଙ୍ଗତ ଓ ନିରପେକ୍ଷ ସମାଧାନ କରାଯାଏ।
- କର୍ମଚାରୀଙ୍କୁ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ କାର୍ଯ୍ୟ ପାଇଁ ମଧ୍ୟ ଦାୟୀ ରଖାଯାଏ।
- କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରର ସମ୍ମାନ ରକ୍ଷା କରିବା ପାଇଁ ନିୟମିତ ମତାମତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ।
- ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ସଂଗଠନର ଖ୍ୟାତି ବୃଦ୍ଧି କରେ।
- ସକାରାତ୍ମକ କାର୍ଯ୍ୟ ପରିବେଶ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହୁଏ।

**ଦଳ ମୁଖ୍ୟଙ୍କ ଭୂମିକା**


- ସଂଗଠନର ଯେକୌଣସି ବ୍ୟକ୍ତିଙ୍କ ସହିତ ଆଲୋଚନା କରିବା ସମୟରେ ସଂଯମତା ରକ୍ଷା କରନ୍ତୁ।
- ଆପଣଙ୍କଠାରୁ ଭିନ୍ନ ସହକର୍ମୀମାନଙ୍କ (ବୟସ, ଲିଙ୍ଗ, ଜାତି, ସଂସ୍କୃତି ଇତ୍ୟାଦି) ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରନ୍ତୁ।
- ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧି ପାଇଁ ଉତ୍ସାହିତ କରନ୍ତୁ ଏବଂ ଯେତେସମ୍ଭବ ସହକର୍ମୀଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତୁ।
- ଦୟା, ସହାନୁଭୂତି ଏବଂ କରୁଣାକୁ ପ୍ରୋତ୍ସାହିତ କରି ସହକର୍ମୀଙ୍କୁ ମତାମତ ପ୍ରକାଶ କରିବାରେ ଉତ୍ସାହିତ କରନ୍ତୁ।
- ଅନ୍ୟମାନଙ୍କର ସଫଳତାକୁ ପ୍ରଶଂସା କରନ୍ତୁ, ଉତ୍କର୍ଷତାକୁ ଚିହ୍ନନ୍ତୁ ଏବଂ ପୁରସ୍କୃତ କରନ୍ତୁ।
- ଦଳର ସଦସ୍ୟଙ୍କ ସମସ୍ୟା ସମାଧାନ କରି ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ।
- ଏକ ବିଶ୍ୱାସ ଭିତ୍ତିକ ସଂସ୍କୃତିକୁ ପ୍ରୋତ୍ସାହିତ କରନ୍ତୁ।

ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ
ମୋବାଇଲ: ୯୨୩୪୬୬୭୫୪୬

# ଘରେ ତିଆରି ଅଫିସ୍ ପରିବେଶ

**ଅନେକ ଲୋକଙ୍କୁ ଘରେ ରହି ଅଫିସ୍ କାମ କରିବାକୁ ପଡ଼ିଥାଏ। ତେବେ ଆରାମରେ କାମ କରିବା ପାଇଁ ଘରେ ବି ୱାର୍କସ୍ପେସ୍ ରହିବା ଜରୁରି। ତେବେ କିଛି ଟିପ୍ସକୁ ଆପଣାଇ ଘରେ ମଧ୍ୟ ସୁନ୍ଦର ୱାର୍କସ୍ପେସ୍ ତିଆରି କରି ଘରେ ଅଫିସ୍ ପରିବେଶ ମିଳିବ।**


- ଘରେ ଏଭଳି ସ୍ଥାନ ଚୟନ କରନ୍ତୁ, ଯେଉଁଠି କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। ବେଡ୍‌ରୁମ୍‌ର ଏକ କୋଣ, ଅଲଗା କୋଠରି କିମ୍ବା ଲିଭିଂ ରୁମ୍‌ର ଏକ ଶାନ୍ତ ସ୍ଥାନ ଏ ଲାଗି ବାଛିପାରିବେ।
- ଘରର ଅଫିସ୍ ପରିବେଶକୁ ସଫାସୁତୁରା ରଖନ୍ତୁ। ଜିନିଷ ସବୁକୁ ଏଣେତେଣେ ନ ଫିଙ୍ଗି ବ୍ୟବସ୍ଥିତ ଢଙ୍ଗରେ ରଖନ୍ତୁ। ଏହା ଦ୍ୱାରା ମସ୍ତିଷ୍କ ଶାନ୍ତ ରହେ ଏବଂ କାମ କରିବାରେ ଆଗ୍ରହ ରହେ।
- ଘରେ ଆରାମରେ ବସି କାମ କରିପାରିବା ପାଇଁ ଉପଯୁକ୍ତ ଚେୟାର୍, ଟେବୁଲ ରଖନ୍ତୁ। ଏହା ଦ୍ୱାରା ଦୀର୍ଘ ସମୟ ବସି କାମ କରିବା ସହଜ ହୁଏ।
- କାମରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ଠିକ୍



ଆଲୋକ ଜରୁରି। ଏ ଲାଗି ଡେସ୍କ ଲ୍ୟାମ୍ପ ବ୍ୟବହାର କରିପାରିବେ। ଏହା ଦ୍ୱାରା ଆଖି ଉପରେ କାମ ଚାପ ପଡ଼େ ଏବଂ ଦୀର୍ଘ ସମୟ ବସି କାମ କରିବା ସହଜ ହୁଏ।
- ଘରେ ଅଫିସ୍ କାମ କରିବା ସମୟରେ କଲମ, ନୋଟବୁକ୍, ଚାର୍ଜର ଭଳି ଜରୁରି ଜିନିଷ ପାଖରେ ରଖନ୍ତୁ। ଏହା ଦ୍ୱାରା ବାରମ୍ବାର ଉଠିବାକୁ ପଡ଼ିବନି ଏବଂ କାମ ଶୀଘ୍ର ହୋଇଯିବ।
- ଘରର ୱାର୍କସ୍ପେସ୍‌ରେ ନିଜ ପସନ୍ଦର ଜିନିଷ ରଖନ୍ତୁ। ଗଛ, ଫଟୋ ତଥା ମୋଟିଭେସନାଲ କୋଟ୍ ରଖନ୍ତୁ। ଏହାଦ୍ୱାରା ଖୁସି ଅନୁଭବ କରିବେ।

# ୟୁଟ୍ୟୁବ୍ ସର୍ଟସ୍‌ରେ 'ଗୁଗଲ୍ ଲେନ୍ସ' ଫିଚର୍

ଗୁଗଲ୍ ଏବେ ୟୁଟ୍ୟୁବ୍ ସର୍ଟସ୍‌ରେ 'ଗୁଗଲ୍ ଲେନ୍ସ' ଫିଚର୍ ଯୋଡ଼ିବ। ତେବେ ବ୍ୟବହାରକାରୀ ସର୍ଟ ଭିଡିଓରେ ଦେଖୁଥିବା ଯେକୌଣସି ବିଶେଷ ସ୍ଥାନ ବାବଦରେ ତଥ୍ୟ ଖୋଜିବାର ସୁବିଧା ଏହି ନୂଆ ଫିଚର୍ ପ୍ରଦାନ କରିବ। ଏହି ଲେନ୍ସ ଫିଚର ମାଧ୍ୟମରେ ସର୍ଟସ୍ ଦେଖୁଥିବା ବ୍ୟବହାରକାରୀ ଭିଡିଓରେ ଦେଖା ଯାଉଥିବା ଜିନିଷକୁ ଶୀଘ୍ର ଚିହ୍ନଟ ଏବଂ ବୁଝିବା ଦିଗରେ ସାହାଯ୍ୟ କରିବ। ସେହିପରି ଭିଡିଓକୁ ପଜ୍ କରିବା ଲାଗି ଲେନ୍ସ ବଟନରେ ଟ୍ୟାପ୍ କରିବାକୁ ହେବ। ଏହାପରେ କୌଣସି ବସ୍ତୁକୁ ଟ୍ୟାପ୍ କରିବା ଦ୍ୱାରା ସେ ବାବଦରେ ତଥ୍ୟ ମିଳିଥାଏ। ଏହାପରେ ଗୁଗଲ ସେହି ଜିନିଷ ସହିତ ମେଳ ଖାଉଥିବା ଭିଜୁଆଲ ରେଜଲ୍ଟ ଦେଖାଏ। ତେବେ ଆଗାମୀ ଦିନରେ ଏହି ଫିଚର୍ ୟୁଟ୍ୟୁବ୍ ମୋବାଇଲ ଆପ୍‌ର ବିଟା ପରୀକ୍ଷଣ




ଭାବେ ଆରମ୍ଭ କରାଯିବ। ସେହିପରି ଯେତେବେଳେ ଏହି ସୁବିଧା କୌଣସି ବ୍ୟବହାରକାରୀଙ୍କ ଆକାଉଣ୍ଟରେ ସକ୍ରିୟ ହେବ, ଭିଡିଓ ପଜ୍ କରିକି ଲେନ୍ସ ବଟନ୍‌କୁ ବ୍ୟବହାର କରିପାରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ କୌଣସି ବିଜ୍ଞାପନ କିମ୍ବା ସପିଂ ଲିଙ୍କ ରହିବ ନାହିଁ।

### ଫ୍ରେଞ୍ଚ ଓପନ୍

## ସାବାଲେଙ୍କା-ସ୍ୱିଆଟେକ୍ ସେମି ଲଢ଼େଇ

ପ୍ୟାରିସ, ୩।୬ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ଓ ୩ଥରର ଡିଫେଣ୍ଡିଂ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକ୍‌ଙ୍କ ମଧ୍ୟରେ ଚଳିତ ଫ୍ରେଞ୍ଚ ଓପନ୍‌ର ସେମିଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ମହିଳା ଏକକ କ୍ୱାର୍ଟର ଫାଇନାଲ ଲଢ଼େଇରେ



ବେଲାରୁଷର ସାବାଲେଙ୍କା ୭-୬ (୭/୩), ୬-୩ ସେଟରେ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ଝେଙ୍ଗ୍ କ୍ୱିନୱିନଙ୍କୁ ହରାଇ ଅଗ୍ରଗତି କରିଥିଲେ। ଯଦି ସାବାଲେଙ୍କା ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ପ୍ରଥମଥର ଫ୍ରେଞ୍ଚ ଓପନ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିବେ। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ସ୍ୱିଆଟେକ ୬-୧, ୭-୫ ସିଧାସଳଖ ସେଟ୍‌ରେ ୟୁକ୍ରେନର ଏଲିନା ଭିଟୋଲିନାକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ସାବାଲେଙ୍କା ଓ ସ୍ୱିଆଟେକ୍‌ଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ସୋମବାର ରାତିରେ ଅନୁଷ୍ଠିତ ପୁରୁଷ ଏକକ ମୁକାବିଲାରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ଓ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସିନ୍ନର ୬-୧, ୬-୩, ୬-୪ ସେଟ୍‌ରେ ରୁଷିଆର ଆନ୍ଦ୍ରେ ରୁବଲେଭଙ୍କୁ ଓ ବଲ୍‌ବିକ ବ୍ରିଟେନର ଜାକ୍ ଡ୍ରାପରଙ୍କୁ ପ୍ରିକ୍ୱାର୍ଟରରେ ପରାସ୍ତ କରିଥିଲେ।

## ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଜୁଲାଇ ୫ରେ

ନୂଆଦିଲ୍ଲୀ,୩।୬ (ଏଜେନ୍ସି): ଭାରତରେ ନୀରଜ ଚୋପ୍ରା କ୍ଲାସିକ୍ ଅନ୍ତର୍ଜାତୀୟ ଜାଭେଲିନ୍ ପ୍ରତିଯୋଗିତା ଜୁଲାଇ ୫ରେ ଅନୁଷ୍ଠିତ ହେବ। ଏହି ଇଭେଣ୍ଟର ଆୟୋଜକ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯିବା ସହ ପୂର୍ବରୁ ବେଙ୍ଗାଲୁରୁର ଶ୍ରୀ କାନ୍ତିରାଭା ଷ୍ଟାଡିୟମ୍‌ରେ ଏହା ଆୟୋଜିତ ହେବ। ପୂର୍ବରୁ ମେ ୨୪ରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। ପାକିସ୍ତାନ ଉପରେ ଭାରତ ଆକ୍ରମଣ କରିବା ଯୋଗୁଁ ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା। ଭାରତରେ ହେବାକୁ ଥିବା ପ୍ରଥମ ଅନ୍ତର୍ଜାତୀୟ ଜାଭେଲିନ୍ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳିମାନେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ୨୦୧୬ ଅଲିମ୍ପିକ୍ ସ୍ୱର୍ଣ୍ଣବିଜେତା ଜର୍ମାନୀର ଥୋମାସ ରୋହଲର, ୨୦୧୫ ବିଶ୍ୱଚାମ୍ପିଅନ କେନିଆର ଜୁଲିୟସ ୟେଗୋ ଓ ଭାରତର ଓଡ଼ିଆ ପ୍ରତିଯୋଗୀ କିଶୋର ଜେନା ଏଥିରେ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ଦେଇଛନ୍ତି। ଇଭେଣ୍ଟ ତାରିଖ ପରିବର୍ତ୍ତନ ହେବାଯୋଗୁଁ ଅନେକ ଖେଳାଳି ମଧ୍ୟ ଏଥିରୁ ଓହରିଯାଇଛନ୍ତି।

### ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟ

## ପଏଣ୍ଟ ଟେବଲ ଶୀର୍ଷରେ ଗୁକେଶ

କୋପେନ ହେଗେନ, ୩।୬ (ଏଜେନ୍ସି): ଏଠାରେ ଚାଲିଥିବା ନରୱେ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ବିଶ୍ୱ ଚାମ୍ପିଅନ ଭାରତର ଡି ଗୁକେଶ ପଏଣ୍ଟ ଟେବଲର ଶୀର୍ଷସ୍ଥାନରେ ପହଞ୍ଚିଛନ୍ତି। ଗତକାଲି ସୋମବାର ଅନୁଷ୍ଠିତ ୬ଷ୍ଠ ରାଉଣ୍ଡରେ ସେ ବିଶ୍ୱର ଶ୍ରେଷ୍ଠ ଖେଳାଳି ମ୍ୟାଗ୍ନସ କାର୍ଲସେନ ଓ ୭ମ ରାଉଣ୍ଡରେ ଅର୍ଜୁନ ଏରିଗାଏସୀଙ୍କୁ ପରାସ୍ତ କରି ଗୁକେଶ ଏହି ସଫଳତା ପାଇଛନ୍ତି। ଉଭୟ ଖେଳାଳିଙ୍କୁ ଗୁକେଶ କ୍ଲାସିକ୍ ଚେସ୍‌ରେ ପ୍ରଥମଥର ହରାଇବାରେ ସମର୍ଥ ହୋଇଥିଲେ। ୧୯ ବର୍ଷୀୟ ବିଶ୍ୱ ଚାମ୍ପିଅନ ଗୁକେଶ ୭ମ ରାଉଣ୍ଡ ଶେଷରେ ୧୧.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ମ୍ୟାଗ୍ନସ କାର୍ଲସେନ୍ ୧୧ ପଏଣ୍ଟ ପାଇ ଦ୍ୱିତୀୟସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଚୀନ୍‌ର ଜୁ ୱେନ୍‌ଜୁନ୍ ୧୧.୫ ପଏଣ୍ଟ ପାଇ ପ୍ରଥମ, ଆନ୍ନା ମୁଜିଚୁକ୍ ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ଆଇପିଏଲ୍-୧୮ : ଶଶାଙ୍କ ସିଂଙ୍କ ବିସ୍ଫୋରକ ବ୍ୟାଟିଂ ବ୍ୟର୍ଥ

# ପଞ୍ଜାବକୁ ହରାଇ ବେଙ୍ଗାଲୁରୁ ଚାମ୍ପିଅନ



ଅହମ୍ମଦାବାଦ, ୩।୬ (ଏଜେନ୍ସି)

ପଞ୍ଜାବ କିଙ୍ଗସକୁ ୬ ରନ୍‌ରେ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ସମସ୍ତ ୧୮ଟି ଯାକ ସଂସ୍କରଣରେ ଖେଳିବା ପରେ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବେଙ୍ଗାଲୁରୁର ଟାଇଟଲ ବିଜୟ ସହ ଏହାର ସୁପରଷ୍ଟାର ଖେଳାଳି ବିରାଟ କୋହଲିଙ୍କୁ ବିଜୟ ଉପହାର ପ୍ରଦାନ କରିଛି। ସ୍ଥାନୀୟ ମୋଟେରା ଷ୍ଟାଡିୟମ୍‌ରେ ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୦ ରନ୍ କରିଥିଲା। ଜବାବରେ ପଞ୍ଜାବ କିଙ୍ଗସ ସମାନ ସଂଖ୍ୟକ ଓଭର ଖେଳି ୭ ୱିକେଟରେ ୧୮୪ ରନ୍ କରିଥିଲା। ଦଳ ପକ୍ଷରୁ ଶଶାଙ୍କ ସିଂହଙ୍କ ୩୦ ବଲ୍‌ରେ ଅପରାଜିତ ୬୧ ରନ୍ କରିବା ସତ୍ତ୍ୱେ ପଞ୍ଜାବ ଟାଇଟଲ ଜିତିବାରେ ସମର୍ଥ ହୋଇ ପାରି ନଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋଶ ଇଂଲିଶ ୩୯, ପ୍ରଭସିମରନ ସିଂହ ୨୬, ପ୍ରିୟାଂଶ ଆର୍ଯ୍ୟ ୨୪ ରନ୍ କରିଥିଲେ। କିନ୍ତୁ ଶ୍ରେୟସ ଆୟରଙ୍କ ୧ ରନ୍‌ରେ ଆଉଟ ହେବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି। ବିଜୟୀ ବେଙ୍ଗାଲୁରୁ ଦଳର ଭୁବନେଶ୍ୱର କୁମାର ଓ କ୍ରୁନାଲ ପାଣ୍ଡ୍ୟା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ଟସ୍ ଜିତି ମ୍ୟାଚ୍ ହାରିଲେ ଆୟର

ମୁମ୍ବାଇ ବିପକ୍ଷରେ କ୍ୱାଲିଫାୟର-୨ ମୁକାବିଲାକୁ ଏକାକୀ ଜିତାଇଥିବା ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଏଠାରେ ଟସ୍ ଜିତିବା ପରେ ବେଙ୍ଗାଲୁରୁକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ବେଙ୍ଗାଲୁରୁର ଦୁଇ ଓପନର ବିରାଟ କୋହଲି ଓ ଫିଲିପ ସଲ୍ଟ ଆରମ୍ଭରୁ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ପଞ୍ଜାବ ବୋଲିଂକୁ ଉଚିତ ମୁକାବିଲା କରିପାରି ନ ଥିଲେ ବେଙ୍ଗାଲୁରୁ ବ୍ୟାଟର। ଗୋଟିଏ ପଟେ ବିରାଟ କୋହଲି ଦୁର୍ଗ ଜଗିଥିଲାବେଳେ ଅନ୍ୟ ପଟେ ଜଣଙ୍କ ପରେ ଜଣେ ଦ୍ରୁତ ରନ୍ କରି ଆଉଟ ହୋଇଥିଲେ। ପ୍ରଥମେ ସଲ୍ଟ ୯ ବଲ୍‌ରେ ୧୬, ଦ୍ୱିତୀୟରେ ମୟଙ୍କ ଅଗରୱାଲ ୧୮ ବଲ୍‌ରେ ୨୪, ତୃତୀୟରେ ଅଧିନାୟକ ରଜତ ପାଟିଦାର ୧୬ ବଲ୍‌ରେ ୨୬ ରନ୍ କରି ଆଉଟ ହୋଇଥିଲେ। ଟପ୍ ଅର୍ଡରରେ ୩ଜଣ ବ୍ୟାଟରଙ୍କ ଆଉଟ ପରେ ବିରାଟଙ୍କ ବ୍ୟାଟ୍‌ରୁ ଏକ ଲମ୍ବା ଇନିଂସ ଆଶା କରାଯାଉଥିଲା। ସେ ମଧ୍ୟ ଦମ୍‌ର ସହ ବ୍ୟାଟିଂ କରୁଥିଲେ। ଲିଆମ ଲିଭିଂଷ୍ଟୋନ୍‌ଙ୍କ ସହ ଦ୍ରୁତ ରନ୍ ସଂଗ୍ରହ କରୁଥିଲାବେଳେ ଆଜମତୁଲ୍ଲା ଓମରଜାଇଙ୍କ ଏକ ମନ୍ଥର ବଲ୍‌କୁ ଖେଳି ନ ପାରି କ୍ୟାଚ୍ ଆଉଟ ହୋଇଥିଲେ। ଧୈର୍ଯ୍ୟର ସହ ଖେଳୁଥିବା କୋହଲି ୩୫ ବଲ୍‌ରେ ମାତ୍ର ୩ଟି ଚୌକା ମାରି ୪୩ ରନ୍‌ରେ ଓମରଜାଇଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ।

କୋହଲିଙ୍କ ଆଉଟ ସହ ବେଙ୍ଗାଲୁରୁର ଉତ୍ସାହ ଉଡିଯାଇଥିଲା। ଲିଭିଂଷ୍ଟୋନ୍ ୧୫ ବଲ୍‌ରୁ ୨୪, ଜିତେଶ ଶର୍ମା ୧୦ ବଲ୍‌ରୁ ୨୪ ରନ୍ କରିଥିଲେ। ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ପାରି ନ ଥିଲେ। ଯାହା ଫଳରେ ଚତୁର୍ଥ ଫାଇନାଲ ଖେଳୁଥିବା ବେଙ୍ଗାଲୁରୁ ଏକ ବିଶାଳ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପକ୍ଷରୁ ଏହି ମ୍ୟାଚ୍‌ରେ ସମସ୍ତ ବୋଲର ଶୃଙ୍ଖଳାର ସହ ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରୁ କାଏଲ ଜାମିସନ ୪୮ ରନ୍‌ରେ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆମତୁଲ୍ଲା ଓମରଜାଇ, ବିଜୟ କୁମାର ବ୍ୟାସକ ଓ ୟୁଜବେନ୍ଦ୍ର ଚହଲ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ପୁରସ୍କାର ରାଶି

ଏଥର ଆଇପିଏଲ୍‌ରେ ଗୋଟିଏ ନୂଆ ଦଳକୁ ଟ୍ରଫି ଜିତିବାର ସୌଭାଗ୍ୟ ମିଳିଛି। ଚାମ୍ପିଅନ ଦଳକୁ ଏଥର ଟ୍ରଫି ସହ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ରନର୍ସଅପ୍ ବିବେଚିତ ଦଳ ୧୨.୫ କୋଟି ଟଙ୍କାରେ ସନ୍ତୁଷ୍ଟ ରହିଛି। ଏଲିମିନେଟର୍‌ରେ ହାରି ବିଦାୟ ନେଇଥିବା ଗୁଜରାଟ ୬.୫ କୋଟି ଟଙ୍କା ପାଇଛି। ସେହିଭଳି କ୍ୱାଲିଫାୟର-୨ରେ ହାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୭ କୋଟି ଟଙ୍କା ସାଙ୍ଗରେ ନେଇଛି।

## ସୁଦର୍ଶନଙ୍କୁ ଅରେଞ୍ଜ, କ୍ରିଷ୍ଣାଙ୍କୁ ପର୍ପଲ କ୍ୟାପ୍

ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଶେଷ ହୋଇଯାଇଛି। ଏଥର ଗୁଜରାଟ ଟାଇଟନ୍ସ ଖେଳାଳି ଉଭୟ ଅରେଞ୍ଜ କ୍ୟାପ୍ ଓ ପର୍ପଲ କ୍ୟାପ୍ ହାତେଇ ନେଇଛନ୍ତି। ଗୁଜରାଟର ବାମହାତୀ ଓପନର୍ ସାଇ ସୁଦର୍ଶନ ଦମ୍‌ଦାର ପ୍ରଦର୍ଶନ କରି ଆଇପିଏଲ୍ ୨୦୨୫ର ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ହେବା ସହ ଅରେଞ୍ଜ କ୍ୟାପ୍ ଅଧିକାରୀ ହୋଇଛନ୍ତି। ସେ ୧୫ ମ୍ୟାଚ୍ ଖେଳି ୫୪.୨୧ ହାରରେ ସର୍ବାଧିକ ୭୫୯ ରନ ସଂଗ୍ରହ କରିଛନ୍ତି। ଏଥର ଆଇପିଏଲ୍‌ରେ ତାଙ୍କ ବ୍ୟାଟର୍‌ରୁ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ସେ ୮୮ ଚୌକା ଓ ୨୧ ଛକା ମାରିଥିଲେ। ଏଭଳି ଦମ୍‌ଦାର ପ୍ରଦର୍ଶନ ସତ୍ତ୍ୱେ ତାଙ୍କ ଦଳ କ୍ୱାଲିଫାୟର-୨ରେ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥଲା। ଅପରପକ୍ଷରେ ସେହି ଗୁଜରାଟର ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଏଥର ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ଭାବେ ପର୍ପଲ କ୍ୟାପ୍ ଜିତିଛନ୍ତି। ପ୍ରସିଦ୍ଧ ୧୫ ମ୍ୟାଚରେ ୨୫ ୱିକେଟ୍ ନେଇଛନ୍ତି। ପ୍ରତି ୧୯ ରନ ବ୍ୟୟରେ ସେ ଗୋଟିଏ ୱିକେଟ୍ ପାଇଛନ୍ତି। ୪୧ ରନରେ ୪ ୱିକେଟ୍ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ସେହିଭଳି ଓଭର ପିଛା ସେ ୮.୨୭ ରନ ବ୍ୟୟ କରିଛନ୍ତି। ପୁରସ୍କାର ବାବଦକୁ ସୁଦର୍ଶନ ଓ ପ୍ରସିଦ୍ଧ ୧୦ ଲକ୍ଷ ଟଙ୍କା ଲେଖାଏ ପାଇଛନ୍ତି।

### ସର୍ବାଧିକ ରନ (ଅରେଞ୍ଜ କ୍ୟାପ୍)

| ବ୍ୟାଟର୍ | ଇନିଂସ | ରନ୍ | ହାରାହାରି | ୧୦୦/୫୦ |
|---|---|---|---|---|
| ସାଇ ସୁଦର୍ଶନ | ୧୫ | ୭୫୯ | ୫୪.୨୧ | ୧/୬ |
| ସୂର୍ଯ୍ୟକୁମାର ଯାଦବ | ୧୬ | ୭୧୭ | ୬୫.୧୮ | ୦/୫ |
| ବିରାଟ କୋହଲି | ୧୫ | ୬୫୭ | ୫୪.୭୫ | ୦/୮ |
| ଶୁବମନ ଗିଲ୍ | ୧୫ | ୬୫୦ | ୫୦.୦୦ | ୦/୬ |
| ମିଚେଲ ମାର୍ଶ | ୧୩ | ୬୨୭ | ୪୮.୨୩ | ୧/୬ |
| ଶ୍ରେୟସ ଆୟର | ୧୭ | ୬୦୪ | ୫୪.୮୧ | ୦/୬ |

### ସର୍ବାଧିକ ୱିକେଟ (ପର୍ପଲ କ୍ୟାପ୍)

| ବୋଲର୍ | ମ୍ୟାଚ୍ | ୱିକେଟ | ହାରାହାରି | ଶ୍ରେଷ୍ଠ |
|---|---|---|---|---|
| ପ୍ରସିଦ୍ଧ କ୍ରିଷ୍ଣା | ୧୫ | ୨୫ | ୧୯.୫୨ | ୪/୪୧ |
| ନୁର୍ ଅହମ୍ମଦ | ୧୪ | ୨୪ | ୧୭.୦୦ | ୪/୧୮ |
| ଟ୍ରେଣ୍ଟ ବୋଲ୍ଟ | ୧୬ | ୨୨ | ୨୩.୫୦ | ୪/୨୬ |
| ଜୋଶ୍ ହାଜଲେଉଡ୍ | ୧୨ | ୨୨ | ୧୫.୮୦ | ୪/୩୩ |
| ଅର୍ଶଦୀପ୍ ସିଂହ | ୧୭ | ୨୧ | ୨୪.୬୬ | ୩/୧୬ |
| ସାଇ କିଶୋର | ୧୫ | ୧୯ | ୨୦.୬୮ | ୩/୩୦ |
| ଯଶପ୍ରୀତ୍ ବୁମ୍‌ରା | ୧୨ | ୧୮ | ୧୭.୫୫ | ୪/୨୨ |


## ଉଦ୍‌ଯାପନୀ ଉତ୍ସବରେ 'ଅପରେସନ ସିନ୍ଦୂର'

ଅହମ୍ମଦାବାଦ,୩।୬(ଏଜେନ୍ସି): ଫାଇନାଲ ମୁକାବିଲା ପୂର୍ବରୁ ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାଖାପାଖି ଏକ ଲକ୍ଷ ୩୦ ହଜାର ଦର୍ଶକଙ୍କ ଉପସ୍ଥିତରେ ଆୟୋଜିତ ଏହି ରଙ୍ଗାରଙ୍ଗ ଉତ୍ସବର ଥିମ୍ ଅର୍ଥାତ ମୁଖ୍ୟ ଆକର୍ଷଣ 'ଅପରେସନ ସିନ୍ଦୂର' ଥିଲା। ଏଥିରେ ମନୋମୁଗ୍ଧକର ଏୟାର ଶୋ ଦେଖିବାକୁ ମିଳିଥିଲା। ଏହି ଅବସରରେ ଭାରତୀୟ ବାୟୁସେନା ବିମାନ ମାଧ୍ୟମରେ ତ୍ରିରଙ୍ଗା ଫରମେସନ କରି ଦର୍ଶକଙ୍କୁ ବିମୋହିତ କରିଥିଲା। ଷ୍ଟାଡିୟମରେ ଏକ ବଡ଼ ସ୍କ୍ରିନରେ ଭାରତୀୟ ବାୟୁସେନାର ପରାକ୍ରମକୁ ପ୍ରଦର୍ଶିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଲିଉଡ ଗାୟକ ଶଙ୍କର ମହାଦେବନ ନିଜ ପୁଅ ସିଦ୍ଧାର୍ଥ ଓ ଶିବମଙ୍କ ସାଥି ହୋଇ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେ 'ମେ ରହୁ ନା ରହୁ, ଭାରତ ରହନା ଚାହିଏ', 'ଏ ବତନ ବତନ ମେରେ ଆବଦ ରହେ ତୁ', 'ସବ୍‌ସେ ଆଗେ ହିନ୍ଦୁସ୍ଥାନୀ', 'ସୁନୋ ଗୋର ସେ ଦୁନିଆବାଲୋ' ଓ 'ବନ୍ଦେ ମାତରମ'ଭଳି ଦେଶଭକ୍ତି ସମ୍ପର୍ଣ୍ଣ ଗୀତ ଗାଇ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ। ଏହାପୂର୍ବରୁ କଳାକାରମାନେ ବି ପ୍ରାକଙ୍କ 'ତେରେ ମିଟି'ରେ ଜବରଦସ୍ତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରେ ଷ୍ଟାଡିୟମରେ ଏକାଧିକ ବଲିଉଡ ତାରକା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଆଇପିଏଲ୍ ଉଦ୍‌ଯାପନୀ ଝଲକ୍












PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS